# ଈଶ୍ୱରଙ୍କ ରାଜ୍ୟର ଶିଷ୍ୟତ୍ୱ କାର୍ଯ୍ୟକ୍ରମ ନିୟମାବଳୀ

## ପ୍ରଥମ ଭାଗ



*ଈଶ୍ୱରଙ୍କ ରାଜ୍ୟର ଶିଷ୍ୟତ୍ୱ କାର୍ଯ୍ୟକ୍ରମ* ପ୍ରଭୁଙ୍କର ଗୌରବ ଓ ତାହାଙ୍କ ମହାନ ପ୍ରେମର ବ୍ୟାପକ ଜ୍ଞାନରେ ବୃଦ୍ଧିପାଇବାକୁ, ପୁଣି ଈଶ୍ୱରଙ୍କ ସମସ୍ତ ପୂର୍ଣ୍ଣତାରେ ପରିପୂର୍ଣ୍ଣ ହେବାକୁ ଓ ଜୀବନ ଯାତ୍ରାରେ ଅନ୍ୟମାନଙ୍କୁ ସମାନ ଭାବରେ ସଶକ୍ତିକରଣ କରିବାକୁ ସୁଯୋଗ ପ୍ରଦାନ କରିଥାଏ, ଯଦ୍ୱାରା ଜଗତ ତାହାଙ୍କୁ ଜାଣିପାରିବ।

୨୦୧୬ ବର୍ଷ ପାଇଁ ସତ୍ତ୍ୱାଧିକାର ଓ ରାଜସ୍ୱମୁକ୍ତ। ବିନାମୂଲ୍ୟରେ ଅଧିକ ଲେଖା ପାଇବା ପାଇଁ www.jesuslovestheworld.info ରେ ଲଗ୍ଅନ୍ କରନ୍ତୁ କିମ୍ବା jesuslovestheworld.info@gmail.com ରେ ଇମେଲ୍ କରନ୍ତୁ।

ଯୀଶୁ ଜଗତକୁ ପ୍ରେମ କରନ୍ତି: ଯାହା ଏକ ଲାଭ-ବିହୀନ, ସ୍ୱେଚ୍ଛାସେବୀ ପର୍ଯ୍ୟବେସିତ ଈଶ୍ୱରଙ୍କ ରାଜ୍ୟ କାର୍ଯ୍ୟର ଅନୁଷ୍ଠାନ ଅଟେ। ବ୍ୟାବହାରିକ ସୁସମାଚାର କାର୍ଯ୍ୟ ସମ୍ବନ୍ଧୀୟ ସେମିନାର, ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିବା ଓ ସ୍ଥାନୀୟ ନେତାମାନଙ୍କୁ ସଶକ୍ତିକରଣ କରିବା, ମଣ୍ଡଳୀରେ ବାକ୍ୟ ପ୍ରଚାର କରିବା, ବାଇବଲ କଲେଜଗୁଡ଼ିକରେ ଶିକ୍ଷା ଦେବା ଓ ସମଗ୍ର ଜଗତରେ ମାତୃଭାଷାରେ ଈଶ୍ୱରଙ୍କ ରାଜ୍ୟର ସମ୍ପଦସମୂହ ସୃଷ୍ଟି କରିବା ଏହାର ଲକ୍ଷ୍ୟ।

# ସୂଚୀପତ୍ର

ପରିଚୟ ........................................................................ 2
୧: ଅଦୃଶ୍ୟ ବିଷୟକୁ ଦେଖିବା ............................................ 3
୨: ତାହାଙ୍କୁ ଜାଣିବା ........................................................ 4
୩: ତାହାଙ୍କୁ ବ୍ୟକ୍ତିଗତ ଭାବରେ ଗ୍ରହଣ କରିବା ........................ 7
୪: ସମୟଟି ହେଉଛି ବର୍ତ୍ତମାନ .......................................... 10
୫: କାରଣ ଈଶ୍ୱର ଅଧିକ ପ୍ରେମ କରନ୍ତି ............................... 13
୬: ପିତାଙ୍କ ପ୍ରେମ ......................................................... 15
୭: ପୁତ୍ରଙ୍କର ପ୍ରେମ ...................................................... 18
୮: ପବିତ୍ର ଆତ୍ମାଙ୍କର ପ୍ରେମ ............................................ 20
୯: ମୁଁ ଯେପରି, ସେପରି ଭାବରେ ହିଁ ଗ୍ରହଣ କରାଯିବା .......... 22
୧୦: ପରିଚୟ - ଆତ୍ମାରୁ ଜାତ .......................................... 24
୧୧: ପ୍ରିୟତମଙ୍କଠାରେ ଗୃହୀତ ହେବା ............................... 28
୧୨: ସମ୍ପର୍କ ................................................................... 31
୧୩: ଅନ୍ୟମାନେ ଯେପରି, ସେହିପରି ହିଁ ଗ୍ରହଣ କରିବା ........ 34
୧୪: ସମ୍ପର୍କ – ସମାନତା ................................................. 37
୧୫: ସମ୍ପର୍କ – ଶିଷ୍ୟତ୍ୱ ..................................................... 40
୧୬: ସମ୍ପର୍କ – ଈଶ୍ୱରଙ୍କ ରାଜ୍ୟ .......................................... 42
ପ୍ରାର୍ଥନା ..................................................................... 44
୧୦ ଦାନା କାର୍ଯ୍ୟଲିପିବଦ୍ଧ କାଗଜ ...................................... 45

# ପରିଚୟ

*ପୁନର୍ମିଳନ, ପୁନଃସ୍ଥାପନ ଓ ଆପଣା ସହିତ ସମସ୍ତ ବିଷୟର ନୂତନୀକରଣ କରିବା ନିମନ୍ତେ ଈଶ୍ୱର ପ୍ରେମରେ ପ୍ରତ୍ୟେକ ବିଷୟ କରନ୍ତି । ସେ ସମ୍ପର୍କ ସ୍ଥାପନକାରୀ, ସେ ଘନିଷ୍ଠ ଓ ସେ ବ୍ୟକ୍ତିଗତ ଅଟନ୍ତି ।*

ଏହି ଅଧିବେଶନରୁ ପ୍ରତ୍ୟେକେ ଯେପରି ଅଧିକ ଲାଭବାନ୍ ହୁଅନ୍ତି, ସେଥି ନିମନ୍ତେ ମୁଁ ତୁମ୍ଭମାନଙ୍କୁ ନିମ୍ନ ଲିଖିତ ବିଷୟସବୁ କରିବା ପାଇଁ ନିବେଦନ କରୁଅଛି:

- ଈଶ୍ୱରଙ୍କଠାରୁ ଶୁଣିବା ପାଇଁ ଆଶା ରଖନ୍ତୁ
- ପ୍ରଶ୍ନସମୂହ ପଚାରନ୍ତୁ
- ନିଜର ଚିନ୍ତାଭାବଗୁଡ଼ିକୁ ପ୍ରକାଶ କରି ଆଲୋଚନା କରନ୍ତୁ
- ଆପଣମାନଙ୍କର ହ୍ୟାଣ୍ଡ୍ ଆଉଟ୍ କାଗଜଗୁଡ଼ିକରେ ଉତ୍ତର ସବୁ ଲେଖନ୍ତୁ
- ଏବଂ, ସର୍ବୋପରି, ଏହି ଯାତ୍ରାକୁ ଉପଭୋଗ କରନ୍ତୁ

## ଈଶ୍ୱରଙ୍କ ଯୋଜନା

ସମୟର ଆରମ୍ଭାବଧି ଈଶ୍ୱର ଯୋଜନା କରିଥିବା ଉଦ୍ଧାରକାରୀ ସଂକଳ୍ପ ହେଉଛି, ସ୍ୱର୍ଗ ଓ ପୃଥିବୀରେ, ଖ୍ରୀଷ୍ଟ ଯୀଶୁଙ୍କଠାରେ ତାହାଙ୍କ ଶାସନ ଓ ରାଜତ୍ୱର ଅଧିନରେ ସମସ୍ତ ବିଷୟକୁ ଏକତ୍ର ବଶୀଭୂତ କରିବା । ଈଶ୍ୱର ଖ୍ରୀଷ୍ଟ ଯୀଶୁଙ୍କଠାରେ ସମଗ୍ର ବିଶ୍ୱ ପ୍ରତି ସୁସଙ୍ଗତି ଓ ଶାନ୍ତି ସ୍ଥାପନ କରନ୍ତି । ତାହାଙ୍କଠାରେ, ଆମ୍ଭେମାନେ ତାହାଙ୍କ ସହିତ ଏକ ଅଟୁ ।

**ଏଫିସୀୟ ୧:୯-୧୦** *ପରମେଶ୍ୱର ନିଜର ପୂର୍ଣ୍ଣ ଜ୍ଞାନ ଓ ବୋଧ ଶକ୍ତି ଦ୍ୱାରା ତାହାଙ୍କର ନିଗୂଢ଼ତତ୍ତ୍ୱ ଆମ୍ଭକୁ ଜଣାଇଅଛନ୍ତି । ପରମେଶ୍ୱର ଏହା ଚାହୁଁଥିଲେ ଏବଂ ସେ ଏହା ଖ୍ରୀଷ୍ଟଙ୍କ ଦ୍ୱାରା କରିବା ପାଇଁ ଯୋଜନା କରିଥିଲେ । ପରମେଶ୍ୱରଙ୍କର ଯୋଜନା ଥିଲା ଯେ ଉଚିତ୍ ସମୟ ଉପସ୍ଥିତ ହେଲେ, ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରୁଥିବା ସ୍ୱର୍ଗ ଓ ପୃଥିବୀର ସମସ୍ତ ବିଷୟଗୁଡ଼ିକ ଏକତ୍ର କରିବେ ଓ ଖ୍ରୀଷ୍ଟ ତହିଁର ମସ୍ତକ ସ୍ୱରୂପ ହେବେ ।* (ERV)

## ଶିଷ୍ୟଗଣ ଗଠନ କରିବା

ଯୀଶୁ ଆପଣା ଅନୁଗମନକାରୀମାନଙ୍କୁ (ଶିଷ୍ୟମାନଙ୍କୁ) ଆପଣା ଅଧିକାର ଦେଲେ, ଯଦ୍ଦ୍ୱାରା ସେମାନେ ଆପଣା ଆପଣା ଜୀବନ ଯାତ୍ରାରେ, ତାହାଙ୍କ ଆତ୍ମାଙ୍କ ଦ୍ୱାରା ଅନୁଗମନକାରୀମାନଙ୍କୁ (ଶିଷ୍ୟମାନଙ୍କୁ) ଗଠନ କରିବେ ।

**ମାଥିଉ ୨୮:୧୮-୨୦** *ତେଣୁ ଯୀଶୁ ସେମାନଙ୍କ ପାଖକୁ ଆସି କହିଲେ, "ସ୍ୱର୍ଗ ଓ ପୃଥିବୀର ସମସ୍ତ ଅଧିକାର ମୋତେ ଦିଆଯାଇଅଛି । ତେଣୁ ଯାଅ ଓ ସବୁ ଦେଶର ଲୋକମାନଙ୍କୁ ମୋର ଶିଷ୍ୟ କର । ପରମପିତା, ପୁତ୍ର ଓ ପବିତ୍ରଆତ୍ମାଙ୍କ ନାମରେ ତୁମ୍ଭେମାନେ ସେମାନଙ୍କୁ ବାପ୍ତିସ୍ମ ଦିଅ । ମୁଁ ତୁମ୍ଭମାନଙ୍କୁ ଯାହାସବୁ କହିଅଛି, ସେ ସବୁ କଥା ପାଳନ କରିବା ପାଇଁ ଲୋକମାନଙ୍କୁ ଶିକ୍ଷା ଦିଅ । ମୁଁ ତୁମ୍ଭମାନଙ୍କ ସହିତ ସଦାସର୍ବଦା ରହିବି ବୋଲି ତୁମ୍ଭେମାନେ ଦୃଢ଼ ବିଶ୍ୱାସ ରଖ । ଜଗତର ଶେଷ ସମୟ ପର୍ଯ୍ୟନ୍ତ ମଧ୍ୟ ମୁଁ ତୁମ୍ଭ ସଙ୍ଗେ ସଙ୍ଗେ ରହିବି ।"* (ERV)

ଈଶ୍ୱରଙ୍କୁ ଓ ଆପଣଙ୍କ ପ୍ରତି ତାହାଙ୍କ ପ୍ରେମକୁ ଜାଣିବା ଦ୍ୱାରା, ସେ କିଏ, ସେ ଆପଣଙ୍କ ପାଇଁ କ'ଣ କରିଅଛନ୍ତି ଓ କରିବେ, ତାହା ଜାଣିବା ଦ୍ୱାରା ଶିଷ୍ୟତ୍ୱର ଆରମ୍ଭ ହୋଇଥାଏ । ତାହାଙ୍କ ବାକ୍ୟରେ, ତାହାଙ୍କ ଉପସ୍ଥିତିରେ, ଉପାସନାରେ, ପ୍ରାର୍ଥନାରେ ଓ ଅନ୍ୟ ବିଶ୍ୱାସୀମାନଙ୍କ ସହଭାଗୀତାରେ ତାହାଙ୍କ ସହିତ ସମୟ କ୍ଷେପଣ କରିବା ବିଷୟ ଆମ୍ଭମାନଙ୍କୁ ଈଶ୍ୱରଙ୍କୁ ଜାଣିବାରେ ସାହାଯ୍ୟ କରିଥାଏ ।

ଆମ୍ଭେମାନେ ଏହି ଶିଷ୍ୟତ୍ୱ କାର୍ଯ୍ୟକ୍ରମ ମାଧ୍ୟମରେ ଯାତ୍ରା କରୁଥିବା ବେଳେ ମୁଁ ଯୀଶୁଙ୍କ ନାମରେ ପ୍ରାର୍ଥନା କରୁଅଛି, ଯେପରି ଆପଣମାନେ ତାହାଙ୍କ ଆତ୍ମାଙ୍କ ଦ୍ୱାରା ପ୍ରଭୁଙ୍କର ଗୌରବ ଓ ଆପଣମାନଙ୍କ ପ୍ରତି ତାହାଙ୍କ ପ୍ରେମର ବ୍ୟାପକ ଜ୍ଞାନରେ ବୃଦ୍ଧି ପାଇବେ ଓ ଈଶ୍ୱରଙ୍କ ସମସ୍ତ ପୂର୍ଣ୍ଣତାରେ ପରିପୂର୍ଣ୍ଣ ହେବ, ଯଦ୍ଦ୍ୱାରା ଜଗତ ତାହାଙ୍କୁ ଜାଣିପାରିବ । ଆମେନ୍ ।

# ଅଧିବେଶନ ୧: ଅଦୃଶ୍ୟ ବିଷୟକୁ ଦେଖିବା

*ସୃଷ୍ଟିକର୍ତ୍ତା ଈଶ୍ୱର ସମ୍ପର୍କସ୍ଥାପନକାରୀ । ତାହାଙ୍କ ବାକ୍ୟ ବ୍ୟକ୍ତିଗତ । ତାହାଙ୍କ ଉପସ୍ଥିତି ଅତି ଘନିଷ୍ଠ । ତାହାଙ୍କ ସୃଷ୍ଟି ସାକ୍ଷ୍ୟମୟ ।*

## ପ୍ରାରମ୍ଭିକ ପ୍ରାର୍ଥନା

ଅଧିବେଶନଟିକୁ ଆରମ୍ଭ କରିବା ନିମନ୍ତେ ଜଣେ କାହାକୁ ପ୍ରାର୍ଥନା କରିବାକୁ କୁହନ୍ତୁ ।

## ଉପାସନା

ଦଳଗତ ଭାବରେ ଗାଇବା ପାଇଁ ଦୁଇ କିମ୍ବା ତିନୋଟି ଉପାସନା ଗୀତ ବାଛନ୍ତୁ, ଯେଉଁ ଗୀତଗୁଡ଼ିକ ଆମ୍ଭମାନଙ୍କ ପ୍ରତି ଆପଣାକୁ ପ୍ରକାଶ କରିବା ପାଇଁ ଈଶ୍ୱରଙ୍କର ଆକାଂକ୍ଷା ସମ୍ବନ୍ଧୀୟ ହୋଇଥିବ ।

## ଦଳଗତ ଆଲୋଚନା

କେଉଁ କେଉଁ ଭିନ୍ନ ମାର୍ଗରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣାକୁ ପ୍ରକାଶ କରନ୍ତି, ସେଗୁଡ଼ିକ ଆଲୋଚନା କରନ୍ତୁ । ଆପଣମାନଙ୍କର ହ୍ୟାଣ୍ଡ୍ ଆଉଟ୍ କାଗଜଗୁଡ଼ିକରେ ଉତ୍ତର ସବୁ ଲେଖନ୍ତୁ ।

**ଗୀତସଂହିତା ୧୯:୧-୬** ଓ **ରୋମୀୟ ୧:୨୦** ପାଠ କରନ୍ତୁ

**ହୋଶେୟ ୧୨:୧୦** ପାଠ କରନ୍ତୁ

**ଆଦି ପୁସ୍ତକ ୩୧:୧୧** ପାଠ କରନ୍ତୁ

ଈଶ୍ୱର ସୃଷ୍ଟି ମାଧ୍ୟମରେ ଆପଣାକୁ ଆମ୍ଭମାନଙ୍କ ପ୍ରତି ପ୍ରକାଶ କରନ୍ତି । (ଏଥିରେ ପ୍ରକୃତି, ଈଶ୍ୱରଙ୍କ ଭାବବାଦୀଗଣ ଓ ଦୂତଗଣ ସଂପୃକ୍ତ ଅଟନ୍ତି)

**ଦ୍ୱିତୀୟ ବିବରଣ ୪:୩୫-୩୯** ପାଠ କରନ୍ତୁ

**ଆଦି ପୁସ୍ତକ ୧୫:୧** ପାଠ କରନ୍ତୁ

**୨ୟ ରାଜାବଳି ୫:୧, ୧୪-୧୫** ଓ **ଯୋହନ ୯:୧-୭** ପାଠ କରନ୍ତୁ

ଆଶ୍ଚର୍ଯ୍ୟକର୍ମସକଳ ମାଧ୍ୟମରେ ଈଶ୍ୱର ଆପଣାକୁ ଆମ୍ଭମାନଙ୍କ ପ୍ରତି ପ୍ରକାଶ କରନ୍ତି । (ଏଥିରେ ଚିହ୍ନ, ଅଦ୍ଭୁତ ଲକ୍ଷଣ, ଦର୍ଶନ ଓ ଆରୋଗ୍ୟକର୍ମସକଳ ସଂପୃକ୍ତ)

**ଲୂକ ୨୪:୨୭** ଓ **ଯୋହନ ୨୦:୩୧** ପାଠ କରନ୍ତୁ

**ଗୀତସଂହିତା ୩୩:୬-୯** ପାଠ କରନ୍ତୁ

ଈଶ୍ୱର ତାହାଙ୍କ ବାକ୍ୟ ମାଧ୍ୟମରେ ଆପଣାକୁ ଆମ୍ଭମାନଙ୍କ ପ୍ରତି ପ୍ରକାଶ କରନ୍ତି (ଏଥିରେ ଲିଖିତ ଓ କଥିତ ବାକ୍ୟ ସଂପୃକ୍ତ)

**ଯୋହନ୧:୧୪-୧୮; ୧୪:୬-୭** ଓ **ଏବ୍ରୀ ୧:୧-୪** ପାଠ କରନ୍ତୁ

ଯୀଶୁଙ୍କଠାରେ ଈଶ୍ୱର ଆପଣାକୁ ଆମ୍ଭମାନଙ୍କ ପ୍ରତି ପ୍ରକାଶ କରନ୍ତି ।

**ଯୋହନ ୧୬:୧୩-୧୫** ଓ **୧ ଯୋହନ ୫:୬** ପାଠ କରନ୍ତୁ

ତାହାଙ୍କ ଆତ୍ମାଙ୍କ ଦ୍ୱାରା ଈଶ୍ୱର ଆପଣାକୁ ଆମ୍ଭମାନଙ୍କ ପ୍ରତି ପ୍ରକାଶ କରନ୍ତି ।

## ସାକ୍ଷ୍ୟ ଦିଅନ୍ତୁ

ଈଶ୍ୱର ସେମାନଙ୍କ ନିକଟରେ ଆପଣାକୁ କିପରି ପ୍ରକାଶ କରିଅଛନ୍ତି, ପ୍ରତ୍ୟେକ ଜଣକୁ ଦୁଇ କିମ୍ବା ତିନୋଟି ବାକ୍ୟରେ କହିବା ପାଇଁ କୁହନ୍ତୁ ।

## ଧନ୍ୟବାଦାର୍ଥକ ଶେଷ ପ୍ରାର୍ଥନା

ଈଶ୍ୱର ଯେ ଆପଣାକୁ ଆମ୍ଭମାନଙ୍କ ନିକଟରେ ପ୍ରକାଶ କରିବା ପାଇଁ ଚାହାନ୍ତି, ଏଥି ନିମନ୍ତେ ଜଣକୁ ଧନ୍ୟବାଦ ଦେବା ପାଇଁ କୁହନ୍ତୁ ।

# ଅଧିବେଶନ ୨: ତାହାଙ୍କୁ ଜାଣିବା

*ସୃଷ୍ଟିକର୍ତ୍ତା ଈଶ୍ୱର ସମୟ ଓ ସ୍ଥାନର ସୀମା ମଧ୍ୟରେ ସୀମିତ ନୁହଁନ୍ତି । ତଥାପି ଆମ୍ଭମାନଙ୍କ ସମୟରେ ଓ ସ୍ଥିତିବସ୍ଥା ସ୍ଥାନରେ ଆପଣାକୁ ବ୍ୟକ୍ତିଗତ ଭାବରେ ପ୍ରକାଶ କରନ୍ତି ।*

## ପ୍ରାରମ୍ଭିକ ପ୍ରାର୍ଥନା

ଅଧିବେଶନଟିକୁ ଆରମ୍ଭ କରିବା ନିମନ୍ତେ ଜଣେ କାହାକୁ ପ୍ରାର୍ଥନା କରିବାକୁ କୁହନ୍ତୁ ।

## ଉପାସନା

ଦଳଗତ ଭାବରେ ଗାଇବା ପାଇଁ ଦୁଇ କିମ୍ବା ତିନୋଟି ଉପାସନା ଗୀତ ଗାଇବାକୁ ବାଛନ୍ତୁ, ଯେଉଁ ଗୀତଗୁଡ଼ିକ ଈଶ୍ୱରଙ୍କର ମହାନତାକୁ ଘୋଷଣା କରୁଥିବ ।

## ପରିଚୟ

ଆମ୍ଭେମାନେ ପ୍ରଥମ ଅଧିବେଶନରେ ଶିକ୍ଷା କଲୁ ଯେ ଈଶ୍ୱର ଆମ୍ଭମାନଙ୍କ ନିକଟରେ ଆପଣାକୁ ବିଭିନ୍ନ ମାର୍ଗରେ ପ୍ରକାଶ କରନ୍ତି । ଯେତେବେଳେ ଆମ୍ଭେମାନେ ବାଇବଲ ପାଠ କରୁ ଓ ଅଧ୍ୟୟନ କରୁ – ଯାହା ଆମ୍ଭମାନଙ୍କ ପ୍ରତି ଈଶ୍ୱରଙ୍କର ବ୍ୟକ୍ତିଗତ ପ୍ରେମପତ୍ର ଅଟେ – ଆମ୍ଭେମାନେ ତାହାଙ୍କ ବିଷୟରେ ଅଧିକ ଜାଣିଥାଉ । ଏପରିକି ପ୍ରଥମ ବାକ୍ୟ *'ଆଦ୍ୟରେ, ପରମେଶ୍ୱର ସୃଷ୍ଟି କଲେ'* ଆମ୍ଭମାନଙ୍କ ନିକଟରେ ପ୍ରକାଶ କରେ ଯେ, ଯାହା ବି ଯେତେବେଳେ ବି ପ୍ରାରମ୍ଭ ଥିଲା, ଈଶ୍ୱର ଥିଲେ ଓ ଈଶ୍ୱର ସୃଷ୍ଟି କଲେ । ଈଶ୍ୱରଙ୍କୁ ଅଧିକ ଜାଣିବା ନିମନ୍ତେ ଆମ୍ଭେମାନେ ବାଇବଲରେ ଉଲ୍ଲେଖ ଥିବା ତିନିଗୋଟି ଦର୍ଶନକୁ ଅଧ୍ୟୟନ କରିବା ।

## ବାଇବଲ ଅଧ୍ୟୟନ – ଈଶ୍ୱରଙ୍କ ଦର୍ଶନସମୂହ – ଯିହିଜିକଲ

ଈଶ୍ୱର ଯାହାଙ୍କ ନିକଟରେ ଆପଣାକୁ ପ୍ରକାଶ କରନ୍ତି, ତାହାର ଆବଶ୍ୟକତା ଅନୁସାରେ ଆପଣାକୁ ପ୍ରକାଶ କରନ୍ତି । ଆମ୍ଭେମାନେ ଯିହିଜିକଲଙ୍କ ପ୍ରତି ଦତ୍ତ ଈଶ୍ୱରଙ୍କ ଦର୍ଶନକୁ ଅଧ୍ୟୟନ କରିବା ।

## ଦର୍ଶନଟିର ପୂର୍ବାପର ଘଟଣା

ଯିହିଜିକଲ ଯିହୂଦୀଗୋଷ୍ଠୀରୁ ଉତ୍ପନ୍ନ ଜଣେ ଭାବବାଦୀ ଓ ଯାଜକ ଥିଲେ । ଇତିହାସର ସେହି ସମୟରେ ଯିହିଜିକଲ ଅନ୍ୟ ଯିହୂଦୀମାନଙ୍କ ସହ ଏକତ୍ର ବିଦେଶରେ ବନ୍ଦୀ ଥିଲେ (**ଯିହିଜିକଲ ୧:୧**) । ଯିରୂଶାଲମ ନଗର, ଯାହା ସେମାନଙ୍କର ନିଜର ଉପାସନା ସ୍ଥଳ ଥିଲା, ସେଠାରୁ ସେମାନେ ବହୁ ଦୂରରେ ଥିଲେ । ଯିହୂଦୀମାନେ ବିଦ୍ରୋହୀ ଲୋକ ଥିଲେ, ଯେଉଁମାନେ ବିଦେଶୀ ଦେବତାଗଣର ଉପାସନା କରୁଥିଲେ । ତେଣୁ ଈଶ୍ୱର ଆପଣା ଭାବବାଦୀ ଓ ଯାଜକ ଯିହିଜିକଲଙ୍କ ପ୍ରତି ଏକ ଦର୍ଶନ ମାଧ୍ୟମରେ ଏକ ବାକ୍ୟ-ପ୍ରତିଛବି ପ୍ରେରଣ କଲେ (**ଯିହିଜିକଲ ୧:୩**) ।

**ଯିହିଜିକଲ ୧:୧୫-୨୧** ପାଠ କରନ୍ତୁ

ଏହି ବାଇବଲ ଅନୁଚ୍ଛେଦ ଉପରେ ଧ୍ୟାନ କରନ୍ତୁ ଓ ଏକାଧିକଥର ଏହାକୁ ପାଠ କରନ୍ତୁ ।

## ଦଳଗତ ଆଲୋଚନା

ଏହି ବାଇବଲ ଅନୁଚ୍ଛେଦରେ ଲିଖିତ ପାଞ୍ଚୋଟି ବିଷୟ କ'ଣ, ତାହା ଆଲୋଚନା କରନ୍ତୁ । ଆପଣମାନଙ୍କର ହ୍ୟାଣ୍ଡ୍ ଆଉଟ୍ କାଗଜଗୁଡ଼ିକରେ ଉତ୍ତର ସବୁ ଲେଖନ୍ତୁ ।

**ପଦ ୧୫** ଜୀବିତ ପ୍ରାଣୀସମୂହ

**ପଦ ୧୬-୧୭** ଚକ୍ରସମୂହ – ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଗମନ କରୁଛି ।

**ପଦ ୧୮** ଚକ୍ଷୁସମୂହ

**ପଦ ୧୯** ପୃଥିବୀ – ପୃଥିବୀ ଉପରେ ଚକ୍ରଗୁଡ଼ିକ ଉତ୍ଥାପିତ ହେଉଛି ।

**ପଦ ୨୧** ଆତ୍ମା

ଶାସ୍ତ୍ରାଂଶ ପ୍ରତି କୌଣସି ଭୁଲ୍ ଅର୍ଥ ନ ଦେବାରେ ଆମକୁ ସାହାଯ୍ୟ କରିବ, ସେଥିପାଇଁ ଶାସ୍ତ୍ରାଂଶ ଉପରେ ନିମ୍ନ ଲିଖିତ ପ୍ରଶ୍ନସମୂହ ପଚାରନ୍ତୁ:

ଏହି ଶାସ୍ତ୍ରାଂଶରେ ଉଲ୍ଲେଖ ଥିବା ଲୋକମାନେ **କିଏ**? **ଯିହିଜିକଲ ୧:୧-୩** ପାଠ କରନ୍ତୁ

ଯିହିଜିକଲ, ଈଶ୍ୱର, ବନ୍ଦୀଗଣ (ଯିହୂଦୀଗଣ), କଲଦୀୟଗଣ।

**କିଏ** କହୁଛନ୍ତି?

'ମୁଁ' ଯିହିଜିକଲ।

**କାହାକୁ** କହୁଛନ୍ତି? **ଯିହିଜିକଲ ୧:୨୮-୨:୫** ପାଠ କରନ୍ତୁ

ଯିହୂଦୀଗଣ।

ଲୋକମାନେ **କିପରି** ପରସ୍ପର ସହ ଭାବ ବିନିମୟ କରନ୍ତି?

ଈଶ୍ୱର ଯିହିଜିକଲଙ୍କ ନିକଟରେ ଏକ ଦର୍ଶନ ଦେଇ ଆପଣାକୁ ପ୍ରକାଶ କରନ୍ତି ଓ ତା'ପରେ କଥା କୁହନ୍ତି। ଯିହିଜିକଲ ନିରୀକ୍ଷଣ କରି ଶୁଣନ୍ତି।

ଘଟଣାଟି **କେଉଁଠି** ଘଟିଥିଲା?

କଲଦୀୟମାନଙ୍କ ବିଦେଶର ନଦୀ ନିକଟରେ

ଘଟଣାଟି **କେବେ** ଘଟିଥିଲା - ଯୀଶୁଙ୍କ ରକ୍ତମାଂସରେ ଦେହବନ୍ତ ହେବା, କ୍ରୁଶରେ ମୃତ୍ୟୁଭୋଗ କରିବା, ମୃତ୍ୟୁରୁ ଉତ୍ଥାପିତ ହେବା ଓ ସ୍ୱର୍ଗାରୋହଣ କରିବା ପୂର୍ବରୁ ନା ପରେ?

କଲଦୀୟମାନଙ୍କ ଦେଶରେ ଇଶ୍ରାୟେଲ କେବେ ବନ୍ଦୀ ହୋଇଥିଲେ? ଯୀଶୁଙ୍କ ରକ୍ତମାଂସ ସହ ଦେହବନ୍ତ ହେବା ପୂର୍ବରୁ।

ଚକ୍ରର ନିଦର୍ଶନ **କ'ଣ**?

ଆଜି ଭାରତୀୟ ପତାକାରେ ଥିବା ଚକ୍ର ଜୀବନରେ ଗତିଶୀଳତାକୁ କିମ୍ବା ଜୀବନର ଚକ୍ରକୁ ବୁଝାଏ, ଯେଉଁଥିରେ ସମୟର ଆରମ୍ଭ ନାହିଁ କି ଶେଷ ନାହିଁ।

ଯିହିଜିକଲଙ୍କୁ ଈଶ୍ୱରଙ୍କ ଦର୍ଶନ ପ୍ରସଙ୍ଗରେ, ଈଶ୍ୱରଙ୍କ ସମ୍ବନ୍ଧରେ ଗତିଶୀଳ ଚକ୍ରର ନିଦର୍ଶନ କ'ଣ ହୋଇପାରେ?

ଈଶ୍ୱର ପ୍ରତ୍ୟେକ ସ୍ଥାନରେ ଉପସ୍ଥିତ ରହିବା ଈଶ୍ୱର ଅଟନ୍ତି। ସେ ଯିରୁଶାଲମ ମନ୍ଦିର, କିମ୍ବା କୌଣସି ଗୋଟିଏ ସ୍ଥାନ କିଅବା ଦେଶ ମଧ୍ୟରେ ସୀମାବଦ୍ଧ ନୁହଁନ୍ତି। ଈଶ୍ୱର ପ୍ରତ୍ୟେକ ସ୍ଥାନରେ ଉପସ୍ଥିତ ରହିବା ଈଶ୍ୱର ଅଟନ୍ତି। ତାହାଙ୍କର ଆରମ୍ଭ କିମ୍ବା ଶେଷ ନାହିଁ। ଈଶ୍ୱର ଅନନ୍ତକାଳୀନ – ସବୁ ସମୟର ଓ ସ୍ଥାନର ଊର୍ଦ୍ଧ୍ୱରେ ରହିବା ଈଶ୍ୱର ଅଟନ୍ତି।

ଯିହିଜିକଲଙ୍କୁ ଦତ୍ତ ଈଶ୍ୱରଙ୍କ ଦର୍ଶନର ଘଟଣା ପ୍ରସଙ୍ଗରେ ଈଶ୍ୱରଙ୍କ ସମ୍ବନ୍ଧରେ ଚକ୍ଷୁସମୂହର ନିଦର୍ଶନ କ'ଣ ହୋଇପାରେ?

ଈଶ୍ୱର ପ୍ରତ୍ୟେକ ବିଷୟ ଦେଖନ୍ତି, ସେମାନଙ୍କର ବିଦ୍ରୋହ, ସେମାନଙ୍କର ଦୁର୍ବଳତା, ସେମାନଙ୍କର ଶାରୀରିକ ଅଭିଳାଷ, ସେମାନେ କରୁଥିବା ଅନ୍ୟ ଦେବତାମାନଙ୍କର ଉପାସନା, ଏପରିକି ଗୁପ୍ତରେ କରୁଥିବା ସମୟର ଉପାସନା ସୁଦ୍ଧା ଏଥିରେ ଅନ୍ତର୍ଭୁକ୍ତ (**ଯିହିଜିକଲ ୮:୧୨**); ତଥାପି ଈଶ୍ୱର ଆପଣା ଲୋକମାନଙ୍କୁ ସେ ସମସ୍ତ ବନ୍ଧନରୁ ମୁକ୍ତ କରିବା ପାଇଁ ଚାହାନ୍ତି।

ଏହା **କାହିଁକି** ଲେଖାଯାଇଥିଲା?

ଈଶ୍ୱର ଆପଣାକୁ ସମଗ୍ର ପୃଥିବୀରେ ଈଶ୍ୱର, ସର୍ବଜ୍ଞାନୀ, ସର୍ବଦର୍ଶୀ ଓ ସର୍ବଶକ୍ତିମାନ୍ ଭାବରେ ପ୍ରକାଶ କରି ଯିହିଜିକଲଙ୍କୁ ଉତ୍ସାହ ପ୍ରଦାନ କଲେ। ଏପରିକି ବିଦେଶରେ ମଧ୍ୟ, ଈଶ୍ୱର ଯିହିଜିକଲ ଓ ଯିହୂଦୀମାନଙ୍କର ସହିତରେ ଅଛନ୍ତି (**ଯିହିଜିକଲ ୧୧:୧୬**) ଓ ଆପଣା ଲୋକମାନଙ୍କୁ ସେମାନଙ୍କର ଶାରୀରିକ ଅଭିଳାଷ ଓ ଅନ୍ୟ ଦେବତାଗଣର ଉପାସନାର ବନ୍ଧନରୁ ମୁକ୍ତ କରିବା ପାଇଁ ଚାହାଁନ୍ତି (**ଯିହିଜିକଲ ୧୧:୧୭-୨୫**)।

ଏହି ଶାସ୍ତ୍ରାଂଶରେ ଥିବା ବିଷୟଗୁଡ଼ିକ ମଧ୍ୟରୁ **କ'ଣ** ସବୁ ଆଜି ମଧ୍ୟ ସମାନ ଅଟେ?

ଈଶ୍ୱର କାଲି,ଆଜି ଓ ଚିରକାଳ ସମାନ ଅଟନ୍ତି । ସେ ପ୍ରତ୍ୟେକ ସ୍ଥାନର ଈଶ୍ୱର, ସର୍ବଜ୍ଞ, ସର୍ବଦର୍ଶୀ; ଯିଏ ଆପଣା ଲୋକମାନଙ୍କୁ ସେମାନଙ୍କର ଶାରୀରିକ ଅଭିଳାଷ ଓ ଅନ୍ୟ ଦେବତାଗଣର ଉପାସନାର ବନ୍ଧନରୁ ମୁକ୍ତ କରିବାକୁ ଚାହାନ୍ତି । ଆଜି ମଧ୍ୟ ଲୋକେ ଅଛନ୍ତି, ଯେଉଁମାନେ ବିଦ୍ରୋହୀ ଓ ଆପଣା ଆପଣା ଶାରୀରିକ ଅଭିଳାଷର ବନ୍ଧନରେ ଥାଇ ଅନ୍ୟ ଦେବଗଣର ଉପାସନା କରନ୍ତି ।

ଆଜି ଆମ୍ଭମାନଙ୍କ ନିମନ୍ତେ ଏହାର ଅର୍ଥ **କ'ଣ** ଅଟେ? ଦଳଗତ ଭାବରେ ଆଲୋଚନା କରନ୍ତୁ ।

ଈଶ୍ୱର ପ୍ରତ୍ୟେକ ସ୍ଥାନର ଈଶ୍ୱର, ସର୍ବଜ୍ଞ ଓ ସର୍ବଦର୍ଶୀ ବୋଲି ଜାଣିବାର ଅର୍ଥ ହେଉଛି ଆମେ ଯେଉଁ ସ୍ଥାନରେ ଥାଉନା କାହିଁକି, ଆମର ଯାହାବି ଦୁର୍ବଳତା ଥାଉନା କାହିଁକି, ଆମେ ଯେ କୌଣସି ପରିସ୍ଥିତିରେ ରହୁନା କାହିଁକି, ଈଶ୍ୱର ଆମ୍ଭମାନଙ୍କ ସଙ୍ଗରେ ଅଛନ୍ତି । ସେ ଆପଣାକୁ ଆମ୍ଭମାନଙ୍କ ନିକଟରେ ପ୍ରକାଶ କରିବାକୁ ଓ ଆମ୍ଭମାନଙ୍କର ଯତ୍ନ ନେବାକୁ ଚାହାନ୍ତି ।

ଏହି ଶାସ୍ତ୍ରାଂଶରୁ ଆପଣମାନେ ଈଶ୍ୱରଙ୍କ ବିଷୟରେ **କେଉଁ** ଏକ ବିଷୟ ଶିଖୁଛନ୍ତି?

ଈଶ୍ୱର ସମୟ ଓ ସ୍ଥାନର ସୀମା ମଧ୍ୟରେ ସୀମିତ ନୁହଁନ୍ତି । ସେ ଆପଣା ଲୋକମାନେ ଯେଉଁ ସ୍ଥାନରେ ରୁହନ୍ତୁ ନା କାହିଁକି ଓ ସେମାନେ ଯେଉଁ ପରିସ୍ଥିତିରେ ରୁହନ୍ତୁ ନା କାହିଁକି, ସେମାନଙ୍କ ସଙ୍ଗରେ ରୁହନ୍ତି । ଈଶ୍ୱର ଆପଣାର ଦର୍ଶନ ଦ୍ୱାରା ଯିହିଜିକଲ ଓ ଯିହୂଦୀମାନଙ୍କୁ ନିଶ୍ଚିତ କରାଉଅଛନ୍ତି ଯେ ସେ ବିଦେଶରେ ମଧ୍ୟ ସେମାନଙ୍କ ସହିତରେ ଅଛନ୍ତି । ଈଶ୍ୱର ପରିସ୍ଥିତିରେ ସୀମିତ ନୁହଁନ୍ତି । ସେ ସର୍ବଦା ଆମ୍ଭମାନଙ୍କ ସହିତ ରହିବାରେ, ଆମ୍ଭମାନଙ୍କ ସହିତ ସମ୍ପର୍କ ରଖିବାରେ, ସର୍ବଦା ଆମ୍ଭମାନଙ୍କୁ ଦେଖିବାରେ, ଆମ୍ଭମାନଙ୍କୁ ଅନ୍ୱେଷଣ କରିବାରେ, ଆମ୍ଭମାନଙ୍କୁ ଜାଣିବାରେ ଆଗ୍ରହୀ ଅଟନ୍ତି...ଯେଉଁମାନେ ତାହାଙ୍କ ନିକଟକୁ ଆସିବେ ଓ ଯେଉଁମାନେ ତାହାଙ୍କୁ ଅଗ୍ରାହ୍ୟ କରିବେ ସେ ତାହାଙ୍କ ପ୍ରେମରେ ସେମାନଙ୍କର ମଧ୍ୟ ପଶ୍ଚାତ୍‌ଧାବନକରନ୍ତି । ଯୀଶୁ ଆମ ସମସ୍ତଙ୍କ ପାଇଁ ମୃତ୍ୟୁଭୋଗ କଲେ, ହଁ, ଏପରିକି ଯେଉଁମାନେ ତାହାଙ୍କର ଅନୁଗମନ କରିବେ ନାହିଁ ବୋଲି ସେ ଜାଣିଥିଲେ, ସେମାନଙ୍କର ପାଇଁ ମଧ୍ୟ । ଓଃ କି ପ୍ରେମ!

ଆପଣଙ୍କର ବ୍ୟାବହାରିକ ପ୍ରତ୍ୟୁତ୍ତର/ପ୍ରାର୍ଥନା **କ'ଣ**?

## ଧନ୍ୟବାଦାର୍ଥକ ଶେଷ ପ୍ରାର୍ଥନା

ଈଶ୍ୱର ଯେ ଆପଣାକୁ ଆମ୍ଭମାନଙ୍କ ନିକଟରେ ପ୍ରକାଶ କରିବା ପାଇଁ ଚାହାନ୍ତି, ଏଥି ନିମନ୍ତେ ଜଣକୁ ଧନ୍ୟବାଦ ଦେବା ପାଇଁ କୁହନ୍ତୁ ।

# ଅଧିବେଶନ ୩: ତାହାଙ୍କୁ ବ୍ୟକ୍ତିଗତ ଭାବରେ ଗ୍ରହଣ କରିବା

*ଈଶ୍ୱର ସମ୍ପର୍କ ସ୍ଥାପନକାରୀ । ତାହାଙ୍କର ଯୋଗାଯୋଗ ବ୍ୟକ୍ତିଗତ ।*

## ପ୍ରାରମ୍ଭିକ ପ୍ରାର୍ଥନା

ଅଧିବେଶନଟିକୁ ଆରମ୍ଭ କରିବା ନିମନ୍ତେ ଜଣେ କାହାକୁ ପ୍ରାର୍ଥନା କରିବାକୁ କୁହନ୍ତୁ ।

## ଉପାସନା

ଦଳଗତ ଭାବରେ ଗାଇବା ପାଇଁ ଦୁଇ କିମ୍ବା ତିନୋଟି ଉପାସନା ଗୀତ ବାଛନ୍ତୁ, ଯେଉଁ ଗୀତଗୁଡ଼ିକ ଘୋଷଣା କରୁଥିବ ଯେ ଈଶ୍ୱର ଆମ୍ଭମାନଙ୍କ ମଧ୍ୟକୁ ଓହ୍ଲାଇ ଆସି ଆମ୍ଭମାନଙ୍କର ଆବଶ୍ୟକତା ଅନୁସାରେ ଆମ୍ଭମାନଙ୍କ ନିକଟରେ ଆପଣାକୁ ପ୍ରକାଶ କରିବା ପାଇଁ ଇଛା କରନ୍ତି ।

## ବାଇବଲ ଅଧ୍ୟୟନ – ଈଶ୍ୱରଙ୍କ ଦର୍ଶନସମୂହ – ଯାକୁବ

ଆମ୍ଭେମାନେ ଶିକ୍ଷା ଗ୍ରହଣକରିଅଛୁ ଯେ, ଈଶ୍ୱର ଯୋଗାଯୋଗର ସମ୍ପର୍କ ବିଭିନ୍ନ ପଦ୍ଧତି ମାଧ୍ୟମରେ ଆପଣାକୁ ପ୍ରକାଶ କରନ୍ତି । ଈଶ୍ୱର ଯାହାଙ୍କ ନିକଟରେ ଆପଣାକୁ ପ୍ରକାଶ କରନ୍ତି, ତାହାର ଆବଶ୍ୟକତା ଅନୁସାରେ ଆପଣାକୁ ପ୍ରକାଶ କରନ୍ତି । ଆମ୍ଭେମାନେ ଯାକୁବଙ୍କ ପ୍ରତି ଦତ୍ତ ଈଶ୍ୱରଙ୍କ ଦର୍ଶନକୁ ଅଧ୍ୟୟନ କରିବା ।

## ଦର୍ଶନଟିର ପୂର୍ବାପର ଘଟଣା

ଯାକୁବ ଯିହୂଦୀ ଗୋଷ୍ଠୀରୁ ଇସାହାକ୍ ଓ ରିବିକାଙ୍କର ଔରସରୁ ଜାତ ହୋଇଥିଲେ । ଇସାହାକ୍, ଅବ୍ରହାମ ଓ ସାରାଙ୍କର ଔରସରୁ ଜାତ ହୋଇଥିଲେ । ଉଭୟ ଅବ୍ରହାମ ଓ ଇସାହାକ୍ ଈଶ୍ୱରଙ୍କଠାରୁ ବ୍ୟକ୍ତିଗତଭାବରେ ପ୍ରତିଜ୍ଞା ପ୍ରାପ୍ତ ହୋଇଥିଲେ । ଯାକୁବ ଜ୍ୟେଷ୍ଠ ପୁତ୍ରର ଆଶୀର୍ବାଦ ପାଇବା ନିମନ୍ତେ ଆପଣା ଜ୍ୟେଷ୍ଠ ଭ୍ରାତାଙ୍କୁ ପ୍ରବଞ୍ଚନା କରିଥିଲେ । ଫଳସ୍ୱରୂପେ, ଯାକୁବଙ୍କ ମାତା ରିବିକା ଆପଣା ଭ୍ରାତାର କ୍ରୋଧରୁ ପଳାୟନ କରିବା ନିମନ୍ତେ ଯାକୁବକୁ କହିଥିଲେ । ଏହା ମଧ୍ୟ ଯାକୁବଙ୍କ ନିମନ୍ତେ ଏକ ଭାର୍ଯ୍ୟା ଗ୍ରହଣ କରିବାର ସମୟ ଥିଲା, ତେଣୁ ଇସାହାକ୍ ଯାକୁବକୁ ଏକ କନ୍ୟା ଅନ୍ୱେଷଣ କରିବା ନିମନ୍ତେ ରାହେଲଙ୍କ ପରିବାର ଗୋଷ୍ଠୀ ନିକଟକୁ ପ୍ରେରଣ କଲେ ।

**ଆଦି ପୁସ୍ତକ ୨୮:୧୦-୨୨** ପାଠ କରନ୍ତୁ

ଏହି ବାଇବଲ ଶାସ୍ତ୍ରାଂଶ ଉପରେ ଧ୍ୟାନ କରନ୍ତୁ ଓ ଏହାକୁ ଅନେକ ଥର ପାଠ କରନ୍ତୁ ।

## ଦଳଗତ ଆଲୋଚନା

ଏହି ବାଇବଲ୍ ଶାସ୍ତ୍ରାଂଶ ମଧ୍ୟରେ ଆପଣମାନଙ୍କର ପର୍ଯ୍ୟବେକ୍ଷଣଗୁଡ଼ିକ ଆଲୋଚନା କରନ୍ତୁ । ଆପଣମାନଙ୍କର ହ୍ୟାଣ୍ଡ ଆଉଟ୍ କାଗଜଗୁଡ଼ିକରେ ଉତ୍ତର ସବୁ ଲେଖନ୍ତୁ ।

ଶାସ୍ତ୍ରାଂଶ ପ୍ରତି କୌଣସି ଭୁଲ୍ ଅର୍ଥ ନ ଦେବାରେ ଆମକୁ ସାହାଯ୍ୟ କରିବ, ସେଥିପାଇଁ ଶାସ୍ତ୍ରାଂଶ ଉପରେ ନିମ୍ନ ଲିଖିତ ପ୍ରଶ୍ନସମୂହ ପଚାରନ୍ତୁ:

ଏହି ଶାସ୍ତ୍ରାଂଶରେ ଉଲ୍ଲେଖଥିବା ଲୋକମାନେ **କିଏ**?

ଈଶ୍ୱର, ଯାକୁବ ଓ ଈଶ୍ୱରଙ୍କ ଦୂତଗଣ ।

**କିଏ** କହୁଛନ୍ତି?

ଈଶ୍ୱର ।

ସେହି ବ୍ୟକ୍ତି **କାହାକୁ** କହୁଛନ୍ତି?

ଯାକୁବ ।

ଲୋକମାନେ **କିପରି** ପରସ୍ପର ସହ ଭାବ ବିନିମୟ କରନ୍ତି?

ଈଶ୍ୱର ଏକ ଦର୍ଶନ ଦ୍ୱାରା ଆପଣାକୁ ପ୍ରକାଶ କରୁଅଛନ୍ତି ଓ ଯାକୁବଙ୍କୁ କଥା କହୁଅଛନ୍ତି। ଯାକୁବ ନିରୀକ୍ଷଣ କରି ଶୁଣୁଛନ୍ତି।

ଈଶ୍ୱର **କିପରି** ଭାବରେ ଯାକୁବଙ୍କୁ ଆପଣାର ପରିଚୟ ଦେଉଅଛନ୍ତି? **୧୩ ପଦ** ପାଠ କରନ୍ତୁ

ଆମ୍ଭେ ସଦାପ୍ରଭୁ, ତୁମ୍ଭ ପୂର୍ବ ପୁରୁଷ ଅବ୍ରହାମର ପରମେଶ୍ୱର ଓ ଇସାହାକର ପରମେଶ୍ୱର ଅଟୁ।

ଈଶ୍ୱର ଯେଉଁଭଳି ଭାବରେ ଆପଣାର ପରିଚୟ ଦେଲେ, ତାହା ଯାକୁବଙ୍କ ସହିତ ଈଶ୍ୱରଙ୍କର ସମ୍ପର୍କରେ ଆମ୍ଭମାନଙ୍କୁ **କ'ଣ** କୁହେ?

ଯାକୁବ ଈଶ୍ୱରଙ୍କ ସହିତ ଏକ ବ୍ୟକ୍ତିଗତ ସମ୍ପର୍କ ନ ଥିଲା। ଯାକୁବ ଆପଣା ପିତାଙ୍କର ଈଶ୍ୱରଙ୍କୁ ଜାଣିଥିଲେ। କିନ୍ତୁ ଆପଣା ନିମନ୍ତେ ଈଶ୍ୱରଙ୍କୁ ଅନୁଭବ କରି ନ ଥିଲେ।

**୧୫ ପଦ**ରେ ଈଶ୍ୱର ଯାକୁବଙ୍କୁ **କ'ଣ** ପ୍ରତିଜ୍ଞା କଲେ?

ଈଶ୍ୱର ଯାକୁବଙ୍କୁ ପ୍ରତିଜ୍ଞା କରିଥିଲେ ଯେ ସେ ଯାକୁବଙ୍କ ସଙ୍ଗରେ ଅଛନ୍ତି, ସେ ଯେଉଁଆଡ଼େ ଯିବେ, ସେ ତାଙ୍କୁ ସୁରକ୍ଷା କରିବେ ଓ ଏହି ଦେଶକୁ ପୁନର୍ବାର ଫେରାଇ ଆଣିବେ; ଈଶ୍ୱର ତାଙ୍କୁ ପରିତ୍ୟାଗ କରିବେ ନାହିଁ।

ଘଟଣାଟି **କେଉଁଠି** ଘଟିଥିଲା? **୧୯ ପଦ** ପାଠ କରନ୍ତୁ

ଲୂସ୍ ନାମକ ଏକ ନଗରରେ, ବର୍ତ୍ତମାନ ଯାକୁବ ସେହି ସ୍ଥାନକୁ ବୈଥେଲ୍ ବୋଲି ନୂଆ ନାମ ଦେଲେ।

ସୋପାନଟି **କେଉଁଠି** ସ୍ଥାପିତ ହୋଇଥିଲା ଓ ସୋପାନଟି **କେଉଁ** ସ୍ଥାନ ପର୍ଯ୍ୟନ୍ତ ଯାଇଥିଲା? **୧୨ ପଦ** ପାଠ କରନ୍ତୁ

ସୋପାନଟି ପୃଥିବୀରେ ସ୍ଥାପିତ ହୋଇଥିଲା ଓ ଗଗନସ୍ପର୍ଶୀ ଥିଲା।

ଯାକୁବଙ୍କୁ ଦତ୍ତ ଈଶ୍ୱରଙ୍କ ଦର୍ଶନର ପୂର୍ବାପର ଘଟଣାରେ, ସୋପାନର ନିଦର୍ଶନ କ'ଣ ହୋଇପାରେ?

ସୋପାନଟି ଲୋକମାନଙ୍କ ସହିତ ଈଶ୍ୱରଙ୍କ ସମ୍ପର୍କର ନିଦର୍ଶନ ଅଟେ। ଈଶ୍ୱର ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସନ୍ତି, ଆମ୍ଭମାନଙ୍କ ନିକଟରେ ଆପଣାକୁ ଉପସ୍ଥାପିତ କରନ୍ତି। ଈଶ୍ୱର ଯାକୁବଙ୍କୁ ଆପଣାର ଏକ ବ୍ୟକ୍ତିଗତ ଅନୁଭୂତି ଦେଲେ, ଯାହା ଯାକୁବ ବାସ କରୁଥିବା ପୃଥିବୀରୁ ଊର୍ଦ୍ଧ୍ୱଦୃଷ୍ଟି କରି ଈଶ୍ୱର ବାସ କରୁଥିବା ସ୍ୱର୍ଗର ଏକ ଦର୍ଶନ ଥିଲା।

ଘଟଣାଟି **କେବେ** ଘଟିଥିଲା - ଯୀଶୁଙ୍କ ରକ୍ତମାଂସରେ ଦେହବନ୍ତ ହେବା, କ୍ରୁଶରେ ମୃତ୍ୟୁଭୋଗ କରିବା, ମୃତ୍ୟୁରୁ ଉତ୍ଥାପିତ ହେବା ଓ ସ୍ୱର୍ଗାରୋହଣ କରିବା ପୂର୍ବରୁ ନା ପରେ?

ଯୀଶୁଙ୍କର ରକ୍ତମାଂସ ସହ ଦେହବନ୍ତ ହେବା ପୂର୍ବରୁ।

ଏହା **କାହିଁକି** ଲେଖାଯାଇଥିଲା?

ଯିହୂଦୀ ଗୋଷ୍ଠୀର ଏହି ସତ୍ୟ ଘଟଣା ଓ ଈଶ୍ୱରଙ୍କ ସହିତ ଥିବା ସେମାନଙ୍କର ସମ୍ପର୍କ ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ସମ୍ବନ୍ଧରେ ଅଧିକ ଜାଣିପାରୁ। ଈଶ୍ୱର ଯାକୁବଙ୍କୁ ଆପଣାର ଏକ ବ୍ୟକ୍ତିଗତ ଅନୁଭବ ଦେଲେ। ଈଶ୍ୱରଙ୍କ ସମ୍ବନ୍ଧରେ ଆପଣା ପିତାଙ୍କର ଈଶ୍ୱର କିମ୍ବା ପିତାମହଙ୍କର ଈଶ୍ୱର ବୋଲି ଜାଣିବା ଯଥେଷ୍ଟ ନୁହେଁ। ବର୍ତ୍ତମାନ ଯାକୁବ ଆପଣା ପାଇଁ ଈଶ୍ୱରଙ୍କୁ ବ୍ୟକ୍ତିଗତ ଭାବରେ ଜାଣିଲେ ଓ ଫଳସ୍ୱରୂପେ ଆପଣାର ବ୍ୟକ୍ତିଗତ ପ୍ରତିଜ୍ଞା ପ୍ରାପ୍ତ ହେଲେ।

ଏହି ଶାସ୍ତ୍ରାଂଶରେ ଥିବା ବିଷୟଗୁଡ଼ିକ ମଧ୍ୟରୁ **କ'ଣ** ସବୁ ଆଜି ମଧ୍ୟ ସମାନ ଅଟେ?

ଈଶ୍ୱର କାଲି, ଆଜି ଓ ଚିରକାଳ ସମାନ ଅଟନ୍ତି। ଈଶ୍ୱର ବ୍ୟକ୍ତିଗତ ଭାବରେ ଓ ଆମ୍ଭମାନଙ୍କର ଆବଶ୍ୟକତା ଅନୁଯାୟୀ ଆପଣାକୁ ପ୍ରକାଶ କରନ୍ତି। ପ୍ରତ୍ୟେକ ବ୍ୟକ୍ତି, ସେମାନେ କାହାର ଉପାସନା କରିବେ, ତାହା ଆପଣା ନିମନ୍ତେ ଅବଶ୍ୟ ମନୋନୀତ କରିବାକୁ ହେବ।

ଆଜି ଆମ୍ଭମାନଙ୍କ ନିମନ୍ତେ ଏହାର ଅର୍ଥ **କ'ଣ** ଅଟେ?

ଯାକୁବ ଈଶ୍ୱର ସ୍ୱର୍ଗରୁ ଆପଣା ନିକଟକୁ ପୃଥିବୀକୁ ଓହ୍ଲାଇଆସିବାର ଏକ ଦର୍ଶନ ଦେଖିଲେ । ଈଶ୍ୱର ରକ୍ତମାଂସ ସହ ଦେହବନ୍ତହୋଇ ମନୁଷ୍ୟ ଭାବରେ ପୃଥିବୀକୁ ଓହ୍ଲାଇ ଆସିଲେ । ସେ ମନୁଷ୍ୟପୁତ୍ର, ଈଶ୍ୱରଙ୍କ ପୁତ୍ର, ଯୀଶୁଖ୍ରୀଷ୍ଟ (ଅଭିଷିକ୍ତ) ଅଟନ୍ତି ।

**ଯୋହନ ୧:୫୧** ରେ ଯୀଶୁ ଶିଷ୍ୟମାନଙ୍କୁ ଉଲ୍ଲେଖ କରନ୍ତି ଯେ ସେମାନେ ସ୍ୱର୍ଗକୁ ଉନ୍ମୁକ୍ତ ଓ ଈଶ୍ୱରଙ୍କ ଦୂତମାନଙ୍କୁ ମନୁଷ୍ୟପୁତ୍ରଙ୍କ (ଆପଣା) ଉପରେ ଆରୋହଣ ଓ ଅବତରଣ କରିବାର ଦେଖିବେ । ଯୀଶୁଖ୍ରୀଷ୍ଟଙ୍କ ଜନ୍ମ, ମୃତ୍ୟୁ, ପୁନରୁତ୍ଥାନ ଓ ସ୍ୱର୍ଗାରୋହଣ ଦ୍ୱାରା ସ୍ୱର୍ଗ ଉନ୍ମୁକ୍ତ ଅଟେ । ଆଜି ଯୀଶୁଖ୍ରୀଷ୍ଟଙ୍କ ଦେଇ, ତାହାଙ୍କ ଆତ୍ମାଙ୍କ ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କୁ ବ୍ୟକ୍ତିଗତ ଭାବରେ ଜାଣିପାରିବା । ଆମ୍ଭେମାନେ ପ୍ରତ୍ୟକ୍ଷ ଭାବରେ ଈଶ୍ୱରଙ୍କ ନିକଟକୁ ଯିବା ନିମନ୍ତେ ପ୍ରବେଶାଧିକାର ପାଇଅଛୁ । ଆମ୍ଭମାନଙ୍କର ଯାହା ବି ପରିସ୍ଥିତି ହୋଇଥାଉନା କାହିଁକି, ଈଶ୍ୱର ଆମ୍ଭମାନଙ୍କର ଅପେକ୍ଷା କରୁଅଛନ୍ତି ।

ଏହି ଶାସ୍ତ୍ରାଂଶରୁ ଆପଣମାନେ ଈଶ୍ୱରଙ୍କ ବିଷୟରେ **କେଉଁ** ଏକ ବିଷୟ ଶିଖୁଛନ୍ତି?

ଈଶ୍ୱର ବ୍ୟକ୍ତିବିଶେଷର ଆବଶ୍ୟକତା ଅନୁଯାୟୀ ତା' ନିକଟରେ ଆପଣାକୁ ପ୍ରକାଶ କରନ୍ତି । ଯାକୁବ ଆପଣା ପାଇଁ ବ୍ୟକ୍ତିଗତ ଭାବରେ ଈଶ୍ୱରଙ୍କୁ ଅନୁଭବ କରିବାର ଆବଶ୍ୟକତା ଥିଲା । ଆମ୍ଭମାନଙ୍କ ପିତୃପୁରୁଷମାନଙ୍କର ଈଶ୍ୱରଙ୍କୁ ଜାଣିବା କେବଳ ଯଥେଷ୍ଟ ନୁହେଁ । ଯଦିଓ ଯାକୁବ ଆପଣାର ଏକାନ୍ତ ନିଃସଙ୍ଗତା ସମୟରେ ତ୍ରୁଟି କରିଥିଲେ, ତଥାପି ଈଶ୍ୱର ଯାକୁବ ନିକଟରେ ଆପଣାକୁ ପ୍ରକାଶ କରି ତାଙ୍କୁ ଆଶୀର୍ବାଦ କରିବାକୁ ଇଚ୍ଛା କଲେ । ଈଶ୍ୱର ଏକ ସମ୍ପର୍କ ସ୍ଥାପନକାରୀ ଈଶ୍ୱର ଅଟନ୍ତି । ସେ ଏକ ବ୍ୟକ୍ତିଗତ ଈଶ୍ୱର ଅଟନ୍ତି । ଆଶୀର୍ବାଦ କରିବାକୁ ସେ ଏକ ପ୍ରେମମୟ ଈଶ୍ୱର ଅଟନ୍ତି । ସେ ଏକ ବିଶ୍ୱସ୍ତ ଈଶ୍ୱର ଅଟନ୍ତି ଓ ଆପଣାର ସମସ୍ତ ପ୍ରତିଜ୍ଞା ସଫଳ କରିବେ ।

ଆପଣଙ୍କର ବ୍ୟାବହାରିକ, ପ୍ରତ୍ୟୁତ୍ତର/ପ୍ରାର୍ଥନା **କ'ଣ**?

## ଧନ୍ୟବାଦାର୍ଥକ ଶେଷ ପ୍ରାର୍ଥନା

ଈଶ୍ୱର ଯେ ଆପଣାକୁ ଆମ୍ଭମାନଙ୍କ ନିକଟରେ ପ୍ରକାଶ କରିବା ପାଇଁ ଚାହାନ୍ତି, ଏଥି ନିମନ୍ତେ ଜଣକୁ ଧନ୍ୟବାଦ ଦେବା ପାଇଁ କୁହନ୍ତୁ ।

# ଅଧିବେଶନ ୪: ସମୟଟି ହେଉଛି ବର୍ତ୍ତମାନ

*ତାହାଙ୍କୁ ଦେଖ । ତାହାଙ୍କର ଚକ୍ଷୁ ଅଗ୍ନି ସ୍ୱରୂପ! ଯେଉଁମାନେ ତାହାଙ୍କୁ ଗ୍ରହଣ କରନ୍ତି, ସେମାନେ ପ୍ରେମ, ଆଲୁଅ ଓ ଜୀବନ ଦେଖିବେ । ଯେଉଁମାନେ ତାହାଙ୍କୁ ଅଗ୍ରାହ୍ୟ କରନ୍ତି, ସେମାନେ ଦଣ୍ଡ, ଅନ୍ଧକାର ଓ ମୃତ୍ୟୁ ଦେଖିବେ ।*

## ପ୍ରାରମ୍ଭିକ ପ୍ରାର୍ଥନା

ଅଧିବେଶନଟିକୁ ଆରମ୍ଭ କରିବା ନିମନ୍ତେ ଜଣେ କାହାକୁ ପ୍ରାର୍ଥନା କରିବାକୁ କୁହନ୍ତୁ ।

## ଉପାସନା

ଦଳଗତ ଭାବରେ ଗାଇବା ପାଇଁ ଦୁଇ କିମ୍ବା ତିନୋଟି ଉପାସନା ଗୀତ ବାଛନ୍ତୁ, ଯାହା ଯୀଶୁଙ୍କୁ ସ୍ୱର୍ଗର ଏକମାତ୍ର ପଥ ବୋଲି ଘୋଷଣା କରୁଥିବ ।

## ବାଇବଲ ଅଧ୍ୟୟନ – ଈଶ୍ୱରଙ୍କ ଦର୍ଶନ – ଯୋହନ

ଆମ୍ଭେମାନେ ଶିକ୍ଷା ଗ୍ରହଣକରିଅଛୁ ଯେ, ଈଶ୍ୱର ଯୋଗାଯୋଗର ସମ୍ପର୍କ ବିଭିନ୍ନ ପଦ୍ଧତି ମାଧ୍ୟମରେ ଆପଣାକୁ ପ୍ରକାଶ କରନ୍ତି । ଈଶ୍ୱର ଯାହାଙ୍କ ନିକଟରେ ଆପଣାକୁ ପ୍ରକାଶ କରନ୍ତି, ତାହାର ଆବଶ୍ୟକତା ଅନୁସାରେ ଆପଣାକୁ ପ୍ରକାଶ କରନ୍ତି । ଆମ୍ଭେମାନେ ଯୋହନଙ୍କ ପ୍ରତି ଦତ୍ତ ଈଶ୍ୱରଙ୍କ ଦର୍ଶନକୁ ଅଧ୍ୟୟନ କରିବା ।

## ଦର୍ଶନଟିର ପୂର୍ବାପର ଘଟଣା

ଯୋହନ ଆପଣାର ବିଶ୍ୱାସ ସକାଶେ ନିର୍ବାସିତ ହୋଇଥିଲେ । ମଣ୍ଡଳୀ ତାଡ଼ନା ମଧ୍ୟଦେଇ ଯାଉଥିଲା । ସବୁଠାରୁ ନିର୍ଦ୍ଦୟ ଓ ଶକ୍ତିଶାଳୀ ସାମ୍ରାଜ୍ୟର ଅଧିପତି କ୍ଷମତାରେ ଥିଲା – ରୋମୀୟମାନେ । କ୍ଲେଶ ଓ ନିଃସଙ୍ଗତାର ଏକ ପରିସ୍ଥିତିରେ ଯୋହନ ଈଶ୍ୱରଙ୍କର ସମସ୍ତ ଐଶ୍ୱର୍ଯ୍ୟ, ପ୍ରେମ ଓ ପରାକ୍ରମରେ ପୂର୍ଣ୍ଣ ଆପଣାର ପ୍ରକାଶନ ପ୍ରାପ୍ତ ହେଲେ । ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଈଶ୍ୱର ସିଂହାସନ ଉପବିଷ୍ଟ ଓ ତାହାଙ୍କର ପରାକ୍ରମ ସମସ୍ତ ମନ୍ଦତାରୁ ଓ ମିଳିତ ଭାବରେ ସମଗ୍ର ଯୁଗର ମନୁଷ୍ୟମାନଙ୍କ ସାମ୍ରାଜ୍ୟଠାରୁ ମହାନ୍ ଅଟେ । ଯୋହନ ଓ ସମସ୍ତ ବିଶ୍ୱାସୀଗଣ ନିଶ୍ଚିତ ହୋଇପାରିବେ ଯେ ମନ୍ଦତାର ଅନ୍ତ ହେବାକୁ ଯାଉଛି । ଯୀଶୁ ତାହାକୁ ପରାଜୟ କରିଅଛନ୍ତି । ମନ୍ଦତାର ସମୟ କେବଳ କ୍ଷଣକାଳ ମାତ୍ର । ମନ୍ଦତା ସମ୍ପୂର୍ଣ୍ଣ ଦୂରୀକୃତ ହେବା ପୂର୍ବରୁ ଯେଉଁମାନେ ମୁକ୍ତ ଭାବରେ ତାହାଙ୍କ ନିକଟକୁ ଆସିବେ,ସେଥି ସକାଶେ ଈଶ୍ୱର ସମସ୍ତଙ୍କୁ ଅପେକ୍ଷା କରିଅଛନ୍ତି ।

ଆସନ୍ତୁ, ଆମ୍ଭେମାନେ ବର୍ତ୍ତମାନ ଯୀଶୁଙ୍କ ପ୍ରକାଶନର ଏକ କ୍ଷୁଦ୍ର ଅଂଶ ପ୍ରତି ଓ ଘଟିଥିବା ବିଷୟ ପ୍ରତି ଦୃଷ୍ଟିପାତ କରିବା ।

**ପ୍ରକାଶିତ ବାକ୍ୟ ୪:୧-୧୧** ପାଠ କରନ୍ତୁ

ଏହି ବାଇବଲ ଶାସ୍ତ୍ରାଂଶ ଉପରେ ଧ୍ୟାନ କରନ୍ତୁ ଓ ଏହାକୁ ଅନେକ ଥର ପାଠ କରନ୍ତୁ ।

## ଦଳଗତ ଆଲୋଚନା

ପଦକୁ ପଦ ନେଇ ଏହି ବାଇବଲ ଅନୁଚ୍ଛେଦରେ ଉଲ୍ଲେଖ ଥିବା ବିଷୟଗୁଡ଼ିକର ଆଲୋଚନା କରନ୍ତୁ । ଆପଣମାନଙ୍କର ହ୍ୟାଣ୍ଡ ଆଉଟ୍ କାଗଜଗୁଡ଼ିକରେ ଉତ୍ତର ସବୁ ଲେଖନ୍ତୁ ।

**ପଦ ୧** ସ୍ୱର୍ଗରେ ଉନ୍ମୁକ୍ତ ଦ୍ୱାର ।

**ପଦ ୨** ସ୍ୱର୍ଗରେ ଏକ ସିଂହାସନ ଓ ସିଂହାସନ ଉପରେ ଜଣେ ଉପବିଷ୍ଟ ।

**ପଦ ୩** ସିଂହାସନର ଚତୁର୍ଦ୍ଦିଗରେ ମେଘଧନୁ ।

**ପଦ ୪** ସିଂହାସନଟିର ଚତୁର୍ଦ୍ଦିଗରେ ଚବିଶଟି ସିଂହାସନ,ସେହି ସିଂହାସନଗୁଡ଼ିକ ଉପରେ ଚବିଶ ପ୍ରାଚୀନ ଉପବିଷ୍ଟ ।

**ପଦ ୫** ସିଂହାସନ ମଧ୍ୟରୁ ମେଘଗର୍ଜନ୍, ବିଦ୍ୟୁତ୍ ଓ ବିଭିନ୍ନ ସ୍ୱର । ସପ୍ତ ପ୍ରଦୀପ = ଈଶ୍ୱରଙ୍କ ସପ୍ତ ଆତ୍ମା ।

**ପଦ ୬** ସ୍ଫଟିକ ସମୁଦ୍ର । ଚକ୍ଷୁରେ ପରିପୂର୍ଣ୍ଣ ଚାରି ଜୀବିତ ପ୍ରାଣୀ ।

**ପଦ ୭** ପ୍ରଥମ ପ୍ରାଣୀ ସିଂହ ସଦୃଶ । ଦ୍ୱିତୀୟ ପ୍ରାଣୀ ବାଛୁରି ସଦୃଶ । ତୃତୀୟ ପ୍ରାଣୀ ମନୁଷ୍ୟର ମୁଖ ସଦୃଶ । ଚତୁର୍ଥ ପ୍ରାଣୀ ଉଡ୍ଡୀୟମାନ ଉତ୍କ୍ରୋଶପକ୍ଷୀ ସଦୃଶ ।

ଦିବାରାତ୍ର ଚାରିପ୍ରାଣୀ **କ'ଣ** କହୁଛନ୍ତି? **୮ ପଦ** ପାଠ କରନ୍ତୁ

*"ସର୍ବଶକ୍ତିମାନ ପ୍ରଭୁ ପରମେଶ୍ୱର ପବିତ୍ର, ପବିତ୍ର, ପବିତ୍ର। ସେ ସର୍ବଦା ଅତୀତରେ ଥିଲେ, ବର୍ତ୍ତମାନ ଅଛନ୍ତି ଏବଂ ଭବିଷ୍ୟତରେ ରହିଥିବେ।"* (ERV)

ଚାରି ପ୍ରାଣୀ ସିଂହାସନରେ ଉପବିଷ୍ଟ ବ୍ୟକ୍ତିଙ୍କ ଉପାସନା କରୁଥିବା ସମୟରେ ଚବିଶ ପ୍ରାଚୀନ **କ'ଣ** କରୁଛନ୍ତି? **୯-୧୦ ପଦ** ପାଠ କରନ୍ତୁ

ସିଂହାସନ ଉପବିଷ୍ଟ ବ୍ୟକ୍ତିଙ୍କ ସମ୍ମୁଖରେ ଉବୁଡ଼ହୋଇ ପ୍ରଣାମକରି ତାହାଙ୍କ ଉପାସନା କରନ୍ତି।

ସିଂହାସନ ଉପବିଷ୍ଟ ବ୍ୟକ୍ତିଙ୍କ ସମ୍ମୁଖରେ ଉବୁଡ଼ ହୋଇ ପ୍ରଣାମକରି ଚବିଶ ପ୍ରାଚୀନ **କ'ଣ** କହନ୍ତି? **୧୧ ପଦ** ପାଠ କରନ୍ତୁ

*"ହେ ପ୍ରଭୁ, ଆମ୍ଭର ପରମେଶ୍ୱର! ତୁମ୍ଭେ ଗୌରବ, ସମ୍ମାନ ଓ କ୍ଷମତା ପାଇବା ପାଇଁ ଯୋଗ୍ୟ ତୁମ୍ଭେ ହିଁ ଏସବୁ ସୃଷ୍ଟି କରିଅଛ। ତୁମ୍ଭ ଇଚ୍ଛା ଅନୁସାରେ ସମସ୍ତ ବିଷୟର ସୃଷ୍ଟି ହୋଇଛି ଓ ଅସ୍ତିତ୍ୱ ପାଇଅଛି।"* (ERV)

ସ୍ୱର୍ଗକୁ ଦ୍ୱାର ଉନ୍ମୁକ୍ତ : ଯୋହନ ଦେଖୁଥିବା ଦ୍ୱାର ଯୀଶୁଙ୍କ ପବିତ୍ର ରକ୍ତର ବଳିଦାନର ନିଦର୍ଶନ, ଯେଉଁ ରକ୍ତ ଆମ୍ଭମାନଙ୍କୁ ପରିଷ୍କାର କରିଛି। ଯେତେବେଳେ ଆମ୍ଭେମାନେ ଯୀଶୁଙ୍କ ରକ୍ତର ବଳିଦାନକୁ ଗ୍ରହଣ କରିଅଛୁ, ଆମ୍ଭେମାନେ ମଧ୍ୟ ଆମ୍ଭମାନଙ୍କ ମଧ୍ୟରେ ଈଶ୍ୱରଙ୍କ ଆତ୍ମା ପାଇଅଛୁ ଓ ତାହାଙ୍କ ଉପସ୍ଥିତି ଆମ୍ଭମାନଙ୍କ ଉପରେ ଓ ଆମ୍ଭମାନଙ୍କ ଚତୁର୍ଦ୍ଦିଗରେ ରହିଅଛି।

ଯୀଶୁଙ୍କ ସକାଶୁ ଈଶ୍ୱର, ଯିଏ ରକ୍ତମାଂସ ସହ ଦେହବନ୍ତ ହେଲେ, ଆମ୍ଭମାନଙ୍କ ସଦୃଶ ହେଲେ; ଆପଣାର ଜୀବନକୁ ଉତ୍ସର୍ଗ କଲେ, ମୃତ୍ୟୁରୁ ଉତ୍ଥାପିତହୋଇ ପିତା ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଆରୋହଣ କଲେ, ଫଳତଃ, ତାହାଙ୍କ ଆତ୍ମାଙ୍କ ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ସିଂହାସନ ମଧ୍ୟକୁ ପ୍ରବେଶ କରିବାର ଅଧିକାର ପ୍ରାପ୍ତ ହୋଇଅଛୁ।

ବର୍ତ୍ତମାନ ସମୟରେ ମନ୍ଦତା ଦ୍ୱାରା ବିନଷ୍ଟ ହୋଇଥିବା ଏହି ପୃଥିବୀରେ, ଆତ୍ମାରେ ନିରନ୍ତର ମିଳନ, ସହଭାଗୀତା, ପରାମର୍ଶ, ସମ୍ପର୍କ ସ୍ଥାପନ, ପ୍ରେମ ଓ ପ୍ରକାଶନ ନିମନ୍ତେ ଆମ୍ଭେମାନେ ଈଶ୍ୱରଙ୍କ ସିଂହାସନ ମଧ୍ୟକୁ ପ୍ରବେଶ କରିବାର ଅଧିକାର ପ୍ରାପ୍ତ ହୋଇଅଛୁ।

ଭବିଷ୍ୟତରେ, ଆମ୍ଭମାନଙ୍କ ଭରସା ଯେ ଆମ୍ଭମାନଙ୍କ ପୁନରୁତ୍ଥିତ ନିଖୁଣ ଶରୀରରେ ଆମ୍ଭେମାନେ ଈଶ୍ୱରଙ୍କ ସିଂହାସନ ମଧ୍ୟକୁ ପ୍ରବେଶ କରିବାର ଅଧିକାର ପ୍ରାପ୍ତ ହେବା, ଯେଉଁଠାରେ ଆମ୍ଭେମାନେ ତାହାଙ୍କୁ ମୁଖାମୁଖି ଦର୍ଶନ କରିବା। ସେଠାରେ ଆଉ କ୍ରନ୍ଦନ, ଯନ୍ତ୍ରଣା, ବାର୍ଦ୍ଧକ୍ୟତା ଅବା ରୋଗ ହେବ ନାହିଁ। ପ୍ରତ୍ୟେକ ବିଷୟ ସମୟର ପୂର୍ଣ୍ଣତାରେ ସମ୍ପୂର୍ଣ୍ଣ ହେବ।

ଶାସ୍ତ୍ରାଂଶ ପ୍ରତି କୌଣସି ଭୁଲ୍ ଅର୍ଥ ନ ଦେବାରେ ଆମକୁ ସାହାଯ୍ୟ କରିବ, ସେଥିପାଇଁ ଶାସ୍ତ୍ରାଂଶ ଉପରେ ନିମ୍ନ ଲିଖିତ ପ୍ରଶ୍ନସମୂହ ପଚାରନ୍ତୁ:

ଏହି ଶାସ୍ତ୍ରାଂଶରେ ଉଲ୍ଲେଖଥିବା ଲୋକମାନେ **କିଏ**?

ଯୋହନ, ସ୍ୱର, ଈଶ୍ୱର (ସିଂହାସନରେ ଉପବିଷ୍ଟ), ଚାରିପ୍ରାଣୀ, ଚବିଶ ପ୍ରାଚୀନ, ଈଶ୍ୱରଙ୍କ ସପ୍ତ ଆତ୍ମା।

**କିଏ** କହୁଛନ୍ତି?

ଲେଖକ ଯୋହନ, ସ୍ୱର (୧ ପଦ), ଚାରି ପ୍ରାଣୀ (୮ ପଦ) ଓ ଚବିଶ ପ୍ରାଚୀନ (୧୧ ପଦ)।

ସେହି ବ୍ୟକ୍ତି **କାହାକୁ** କହୁଛନ୍ତି? **ପ୍ରକାଶିତ ବାକ୍ୟ ୧:୪** ପାଠ କରନ୍ତୁ

ଯୋହନ ସେହି ସମୟର ଓ ସବୁ ଯୁଗର ବିଶ୍ୱାସୀମାନଙ୍କୁ କହୁଛନ୍ତି।

**ପ୍ରକାଶିତ ବାକ୍ୟ ୪:୧** ପାଠ କରନ୍ତୁ

ସ୍ୱରଟି ଯୋହନଙ୍କୁ କହୁଅଛି।

**ପ୍ରକାଶିତ ବାକ୍ୟ ୪:୮** ପାଠ କରନ୍ତୁ

ଚାରି ପ୍ରାଣୀ ସିଂହାସନ ଉପବିଷ୍ଟ ବ୍ୟକ୍ତି (ଈଶ୍ୱର) ଙ୍କୁ ପ୍ରଶଂସା କରୁଅଛନ୍ତି।

**ପ୍ରକାଶିତ ବାକ୍ୟ ୪:୧୧** ପାଠ କରନ୍ତୁ

ଚବିଶ ପ୍ରାଚୀନ ସିଂହାସନ ଉପବିଷ୍ଟ ବ୍ୟକ୍ତି (ଈଶ୍ୱର)ଙ୍କୁ ପ୍ରଶଂସା କରୁଅଛନ୍ତି ।

ଲୋକମାନେ **କିପରି** ପରସ୍ପର ସହ ଭାବ ବିନିମୟ କରନ୍ତି?

ଯୋହନ ଆତ୍ମାରେ ପୂର୍ଣ୍ଣହୋଇ ସ୍ୱର୍ଗରେ ପ୍ରବେଶ କରି ଚାରି ପ୍ରାଣୀ ଓ ଚବିଶ ପ୍ରାଚୀନ ସିଂହାସନ ଉପବିଷ୍ଟ ବ୍ୟକ୍ତି(ଈଶ୍ୱର)ଙ୍କ ଉପାସନା କରୁଥିବା ଦେଖୁଛନ୍ତି ଓ ଶୁଣୁଛନ୍ତି ।

ଘଟଣାଟି **କେଉଁଠି** ଘଟିଥିଲା? **ପ୍ରକାଶିତ ବାକ୍ୟ ୧:୯; ୪:୧** ପାଠ କରନ୍ତୁ

ପାମ୍ ଦ୍ୱୀପ ଓ ସ୍ୱର୍ଗ ।

ଘଟଣାଟି **କେବେ** ଘଟିଥିଲା - ଯୀଶୁଙ୍କ ରକ୍ତମାଂସରେ ଦେହବନ୍ତ ହେବା, କ୍ରୁଶରେ ମୃତ୍ୟୁଭୋଗ କରିବା, ମୃତ୍ୟୁରୁ ଉତ୍ଥାପିତ ହେବା ଓ ସ୍ୱର୍ଗାରୋହଣ କରିବା ପୂର୍ବରୁ ନା ପରେ? **ପ୍ରକାଶିତ ବାକ୍ୟ ୧:୧୭-୧୮** ପାଠ କରନ୍ତୁ

ଯୀଶୁ ରକ୍ତମାଂସରେ ଦେହବନ୍ତ ହେବା ପରେ, କ୍ରୁଶରେ ମୃତ୍ୟୁଭୋଗ କଲେ, ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥିତ ହେଲେ ଓ ସ୍ୱର୍ଗାରୋହଣ କଲେ ।

ଏହା **କାହିଁକି** ଲେଖାଯାଇଥିଲା?

ଏକମାତ୍ର ସତ୍ୟ ଈଶ୍ୱର – ସର୍ବଶକ୍ତିମାନ୍, ସର୍ବ ପରାକ୍ରମୀ, ଅନାଦି ଅନନ୍ତ, ସର୍ବଜ୍ଞ, ପବିତ୍ର ଈଶ୍ୱରଙ୍କୁ ପ୍ରକାଶ କରିବାକୁ – ଯେ ଶାସନ ଓ ରାଜତ୍ୱ କରନ୍ତି, ଯେ ସମସ୍ତ ବିଷୟ ସୃଷ୍ଟି କଲେ, ସେ ବିଶ୍ୱସ୍ତ ଓ ସମସ୍ତ ପ୍ରଶଂସା ଏବଂ ଉପାସନାର ଯୋଗ୍ୟ ଅଟନ୍ତି । ସବୁ ଯୁଗର ବିଶ୍ୱାସୀମାନଙ୍କୁ ଯୀଶୁଙ୍କ (ଉନ୍ମୁକ୍ତ ଦ୍ୱାର) ଦେଇ ଉତ୍ସାହିତ କରିବା ନିମନ୍ତେ, ଯେକୌଣସି ସମୟରେ, ଯେକୌଣସି ପରିସ୍ଥିତିରେ ସ୍ୱର୍ଗକୁ, ପୁଣି ସିଂହାସନ ଉପବିଷ୍ଟ ବ୍ୟକ୍ତିଙ୍କ ନିକଟକୁ ଯିବା ପାଇଁ ଅମ୍ଭେମାନେ ପ୍ରବେଶ ଅଧିକାର ପାଇଅଛୁ ।

ଏହି ଶାସ୍ତ୍ରାଂଶରେ ଥିବା ବିଷୟଗୁଡ଼ିକ ମଧ୍ୟରୁ **କ'ଣ** ସବୁ ଆଜି ମଧ୍ୟ ସମାନ ଅଟେ?

ଈଶ୍ୱର, ସର୍ବ ଶକ୍ତିମାନ୍, ସର୍ବ ପରାକ୍ରମୀ, ଅନାଦି ଅନନ୍ତ, ସର୍ବଜ୍ଞ, ପବିତ୍ର – ଯେ ଶାସନ ଓ ରାଜତ୍ୱ କରନ୍ତି, ଯେ ସମସ୍ତ ବିଷୟ ସୃଷ୍ଟି କଲେ, ସେ ବିଶ୍ୱସ୍ତ ଓ ସମସ୍ତ ପ୍ରଶଂସା ଏବଂ ଉପାସନାର ଯୋଗ୍ୟ ଅଟନ୍ତି ।

ଆଜି ଆମ୍ଭମାନଙ୍କ ନିମନ୍ତେ ଏହାର ଅର୍ଥ **କ'ଣ** ଅଟେ?

ଆମ୍ଭେମାନେ ଯେତେବେଳେ ଯୀଶୁଙ୍କ ରକ୍ତମାଂସର ବଳିଦାନକୁ ଗ୍ରହଣ କରୁ, ଆତ୍ମିକ ଭାବରେ ଆମ୍ଭେମାନେ ତାହାଙ୍କର ଉପସ୍ଥିତି ମଧ୍ୟକୁ ପ୍ରବେଶ କରୁ, ପୁଣି ଯେକୌଣସି ସମୟରେ, ସାହସରେ ତାହାଙ୍କର ସ୍ୱର୍ଗରେ ସ୍ଥାପିତ ସିଂହାସନ ନିକଟକୁ ଆସିଥାଉ । ଏପରିକି ସଂଘର୍ଷ, ନିଃସଙ୍ଗ ଓ ତାଡ଼ନା ସମୟରେ, ଯେକୌଣସି ସମୟରେ ଈଶ୍ୱର ଊର୍ଦ୍ଧ୍ୱରେ ରାଜତ୍ୱ କରନ୍ତି ଓ ଆମ୍ଭମାନଙ୍କ ନିକଟରେ ବିଦ୍ୟମାନ ହୁଅନ୍ତି ।

ଏହି ଶାସ୍ତ୍ରାଂଶରୁ ଆପଣମାନେ ଈଶ୍ୱରଙ୍କ ବିଷୟରେ **କେଉଁ** ଏକ ବିଷୟ ଶିଖୁଛନ୍ତି?

ଈଶ୍ୱର ସର୍ବଶକ୍ତିମାନ୍, ସର୍ବ ପରାକ୍ରମୀ, ପବିତ୍ର- ଯେ ଶାସନ ଓ ରାଜତ୍ୱ କରନ୍ତି, ଯେ ସମସ୍ତ ବିଷୟ ସୃଷ୍ଟି କଲେ ଓ ସମସ୍ତ ପ୍ରଶଂସା ଏବଂ ଉପାସନାର ଯୋଗ୍ୟ ଅଟନ୍ତି । ସାଙ୍କେତିକ ଭାବରେ, ଯୀଶୁ ସ୍ୱର୍ଗକୁ ଏକମାତ୍ର ପଥ, ଉନ୍ମୁକ୍ତ ଦ୍ୱାର ଅଟନ୍ତି ।

## ସାକ୍ଷ୍ୟ ଦିଅନ୍ତୁ

ଈଶ୍ୱରଙ୍କ ଦର୍ଶନ ସମ୍ବନ୍ଧୀୟ ଅଧିବେଶନଗୁଡ଼ିକରୁ ଈଶ୍ୱର ସେମାନଙ୍କୁ କେଉଁ ବିଷୟରେ କଥା କହୁଅଛନ୍ତି, ସେ ବିଷୟରେ ପ୍ରତ୍ୟେକ ଜଣକୁ ଦୁଇ କିମ୍ବା ତିନୋଟି ବାକ୍ୟରେ ପ୍ରକାଶ କରିବାପାଇଁ କୁହନ୍ତୁ ।

ଆପଣଙ୍କର ବ୍ୟାବହାରିକ, ପ୍ରତ୍ୟୁତ୍ତର/ପ୍ରାର୍ଥନା **କ'ଣ**?

# ଅଧିବେଶନ ୫: କାରଣ ଈଶ୍ୱର ଅଧିକ ପ୍ରେମ କରନ୍ତି

*ଜ୍ଞାନ ଶକ୍ତି ଅଟେ। ତାହାଙ୍କ ପ୍ରେମର ଶକ୍ତିକୁ ଜାଣିବା।*

## ପ୍ରାରମ୍ଭିକ ପ୍ରାର୍ଥନା

ଅଧିବେଶନଟିକୁ ଆରମ୍ଭ କରିବା ନିମନ୍ତେ ଜଣେ କାହାକୁ ପ୍ରାର୍ଥନା କରିବାକୁ କୁହନ୍ତୁ।

## ଉପାସନା

ଦଳଗତ ଭାବରେ ଗାଇବା ପାଇଁ, ଦୁଇ କିମ୍ବା ତିନୋଟି ଉପାସନା ଗୀତ ବାଛନ୍ତୁ, ଯାହା ଈଶ୍ୱରଙ୍କ ପ୍ରେମ ପ୍ରକାଶ କରୁଥିବ।

## ବାଇବଲ ଅଧ୍ୟୟନ – ଈଶ୍ୱରଙ୍କ ପ୍ରେମ

ଆମ୍ଭେମାନେ ଶିକ୍ଷା କରିଅଛୁ ଯେ ସୃଷ୍ଟିକର୍ତ୍ତା ଈଶ୍ୱର ଥିଲେ, ବର୍ତ୍ତମାନ ଅଛନ୍ତି ଓ ଭବିଷ୍ୟତରେ ଆଗମନ କରିବେ; ସେ ସମ୍ପର୍କ ସ୍ଥାପନକାରୀ ଈଶ୍ୱର ଅଟନ୍ତି। ଈଶ୍ୱର ପ୍ରତ୍ୟେକ ବିଷୟ ପ୍ରେମରେ କରନ୍ତି, କାରଣ ଈଶ୍ୱର ଅଧିକ ପ୍ରେମ କରନ୍ତି। ଏହି ଈଶ୍ୱରଙ୍କ ପ୍ରେମ, ଏପରି ଏକ ପ୍ରେମ ଯାହା ଆମ୍ଭମାନଙ୍କ ବୋଧର ଅଗମ୍ୟ ଅଟେ। ତାହାଙ୍କ କାହାଣୀ, ତାହାଙ୍କ ପ୍ରକୃତ ପ୍ରେମର କାହାଣୀ ବାଇବଲରୁ ଆମ୍ଭେମାନେ ଈଶ୍ୱରଙ୍କ ପ୍ରେମର କେତେକ ଲକ୍ଷଣ ଅଧ୍ୟୟନ କରିବା।

**୧ କରିନ୍ଥୀୟ ୧୩:୧-୮** ପାଠ କରନ୍ତୁ

ଏହି ବାଇବଲ ଶାସ୍ତ୍ରାଂଶ ଉପରେ ଧ୍ୟାନ କରନ୍ତୁ ଓ ଏହାକୁ ଅନେକ ଥର ପାଠ କରନ୍ତୁ।

## ଦଳଗତ ଆଲୋଚନା

ପଦ ପଦ କରି, ଏହି ବାଇବଲ ଶାସ୍ତ୍ରାଂଶରେ ଈଶ୍ୱରଙ୍କ ପ୍ରେମର କେଉଁ ଲକ୍ଷଣଗୁଡ଼ିକ ତାଲିକାଭୁକ୍ତ କରାଯାଇଛି, ଆଲୋଚନା କରନ୍ତୁ। ଆପଣମାନଙ୍କର ହ୍ୟାଣ୍ଡ୍ ଆଉଟ୍ କାଗଜଗୁଡ଼ିକରେ ଉତ୍ତର ସବୁ ଲେଖନ୍ତୁ।

**ପଦ ୪** ଦୀର୍ଘସହିଷ୍ଣୁ (କ୍ରୋଧ ବିନା ଦୀର୍ଘ ସମୟ ଅପେକ୍ଷା କରେ), ହିତଜନକ, ଈର୍ଷା କରେ ନାହିଁ, ଆତ୍ମବଡ଼ିମା କରେ ନାହିଁ, ଅହଂକାର କରେ ନାହିଁ।

**ପଦ ୫** ଅନୁଚିତ ବ୍ୟବହାର କରେ ନାହିଁ। ସ୍ୱାର୍ଥ ଚେଷ୍ଟା କରେ ନାହିଁ, ବିରକ୍ତ ହୁଏ ନାହିଁ, ଅପକାର ସ୍ମରଣରେ ରଖେ ନାହିଁ।

**ପଦ ୬** ଅଧର୍ମରେ ଆନନ୍ଦ କରେ ନାହିଁ, କିନ୍ତୁ ସତ୍ୟରେ ଆନନ୍ଦ କରେ।

**ପଦ ୭** ସମସ୍ତ ସହ୍ୟ କରେ, ସମସ୍ତ ବିଶ୍ୱାସ କରେ, ସମସ୍ତ ଭରସା କରେ, ସମସ୍ତ ବିଷୟରେ ଧୈର୍ଯ୍ୟ ଧରି ରହେ।

**ପଦ ୮** ପ୍ରେମ କଦାପି ପରାଜୟ ହୁଏ ନାହିଁ ଏବଂ ପ୍ରେମ କଦାପି ଶେଷ ହୁଏ ନାହିଁ।

ଏହି ପ୍ରେମର ଉତ୍ସ **କିଏ**? **୧ ଯୋହନ ୪:୭-୧୦** ପାଠ କରନ୍ତୁ

## ଦଳଗତ ଆଲୋଚନା

ଏହି ବାଇବଲ ଅନୁଚ୍ଛେଦରେ ଈଶ୍ୱରଙ୍କ ପ୍ରେମ କିପରି ଆମ୍ଭମାନଙ୍କ ପ୍ରତି ପ୍ରକାଶପାଇଛି , ଆଲୋଚନା କରନ୍ତୁ। ଆପଣମାନଙ୍କର ହ୍ୟାଣ୍ଡ୍ ଆଉଟ୍ କାଗଜଗୁଡ଼ିକରେ ଉତ୍ତର ସବୁ ଲେଖନ୍ତୁ।

ଈଶ୍ୱର ଆମ୍ଭମାନଙ୍କୁ ଏତେ ପ୍ରେମ କରନ୍ତି ଯେ ସେ ଆପଣା ପୁତ୍ରଙ୍କୁ ରକ୍ତମାଂସରେ ଦେହବନ୍ତ ହୋଇ ଆମ୍ଭମାନଙ୍କ ସକାଶେ ବଳିକୃତ ହେବା ନିମନ୍ତେ ଓ ଆମ୍ଭମାନଙ୍କ ଦଣ୍ଡ ନେବା ନିମନ୍ତେ ପ୍ରେରଣ କଲେ, ଯେପରି ଆମ୍ଭେମାନେ ତାହାଙ୍କ ଦ୍ୱାରା ଜୀବନ ଧାରଣ କରିପାରୁ।

ଶାସ୍ତ୍ରାଂଶ ପ୍ରତି କୌଣସି ଭୁଲ୍ ଅର୍ଥ ନ ଦେବାରେ ଆମକୁ ସାହାଯ୍ୟ କରିବ, ସେଥିପାଇଁ ଶାସ୍ତ୍ରାଂଶ ଉପରେ ନିମ୍ନ ଲିଖିତ ପ୍ରଶ୍ନସମୂହ ପଚାରନ୍ତୁ:

ଏହି ଶାସ୍ତ୍ରାଂଶରେ ଉଲ୍ଲେଖଥିବା ଲୋକମାନେ **କିଏ**? **୧ ଯୋହନ ୪:୭-୧୦** ପାଠ କରନ୍ତୁ

ଲେଖକ ଯୋହନ, ବିଶ୍ୱାସୀଗଣ (ପ୍ରିୟତମଗଣ), ଯୀଶୁ (ଈଶ୍ୱରଙ୍କ ପୁତ୍ର) ଓ ଈଶ୍ୱର।

**କିଏ** କହୁଛନ୍ତି?

ଲେଖକ ଯୋହନ।

**କାହାକୁ** କହୁଛନ୍ତି?

ଯୋହନ ସେହି ସମୟର ଓ ସବୁ ଯୁଗର ବିଶ୍ୱାସୀଗଣଙ୍କୁ କହୁଛନ୍ତି।

ଲୋକମାନେ **କିପରି** ପରସ୍ପର ସହ ଭାବ ବିନିମୟ କରନ୍ତି?

ଯୋହନ ବିଶ୍ୱାସୀଗଣଙ୍କ ନିକଟକୁ ଏକ ପତ୍ର ଲେଖୁଛନ୍ତି।

ଘଟଣାଟି **କେବେ** ଘଟିଥିଲା - ଯୀଶୁଙ୍କ ରକ୍ତମାଂସରେ ଦେହବନ୍ତ ହେବା, କ୍ରୁଶରେ ମୃତ୍ୟୁଭୋଗ କରିବା, ମୃତ୍ୟୁରୁ ଉତ୍ଥାପିତ ହେବା ଓ ସ୍ୱର୍ଗାରୋହଣ କରିବା ପୂର୍ବରୁ ନା ପରେ?

ଯୀଶୁଙ୍କ ରକ୍ତମାଂସରେ ଦେହବନ୍ତ ହେବା, କ୍ରୁଶ ଉପରେ ମୃତ୍ୟୁଭୋଗ କରିବା, ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥିତ ହେବା ଓ ସ୍ୱର୍ଗାରୋହଣକରିବା ପରେ।

ଏହା **କାହିଁକି** ଲେଖାଯାଇଥିଲା? **୧ ଯୋହନ ୧:୧-୪** ପାଠ କରନ୍ତୁ

ଯୀଶୁ ଯେତେବେଳେ ରକ୍ତମାଂସସହ ଦେହବନ୍ତ ହେଲେ, କ୍ରୁଶରେ ମୃତ୍ୟୁଭୋଗ କଲେ, ମୃତମାନଙ୍କ ମଧ୍ୟରୁ ଉଠିଲେ ଓ ସ୍ୱର୍ଗାରୋହଣ କଲେ, ଯୋହନ ତହିଁର ଜଣେ ଚାକ୍ଷୁଷ ସାକ୍ଷୀ ଥିଲେ। ଯେପରି ବିଶ୍ୱସୀମାନଙ୍କର ଆନନ୍ଦ ପୂର୍ଣ୍ଣ ହେବ, ତାହା ଯୋହନ ଲେଖି ସାକ୍ଷ୍ୟ ଦିଅନ୍ତି ଯେ ଯୀଶୁଙ୍କ ରକ୍ତର ବଳିଦାନରେ ବିଶ୍ୱସ କରି ଓ ଗ୍ରହଣ କରି ସେମାନେ ପାପରୁ କ୍ଷମାପ୍ରାପ୍ତ ହୁଅନ୍ତି ଓ ଶୁଚି ହୁଅନ୍ତି।

ଏହି ଶାସ୍ତ୍ରାଂଶରେ ଥିବା ବିଷୟଗୁଡ଼ିକ ମଧ୍ୟରୁ **କ'ଣ** ସବୁ ଆଜି ମଧ୍ୟ ସମାନ ଅଟେ?

ଈଶ୍ୱର, ତାହାଙ୍କ ଅନନ୍ତ ପ୍ରେମ, ତାହାଙ୍କ ଅନନ୍ତକାଳୀନ ବଳିଦାନ ଓ କ୍ଷମା ହେଉଛି, ସମସ୍ତ ଅତୀତ,ବର୍ତ୍ତମାନ ଓ ଭବିଷ୍ୟତ ସମୟର ମନ୍ଦତା ନିମନ୍ତେ, ଯାହାସବୁ ଆମ୍ଭେମାନେ ଈଶ୍ୱରଙ୍କ ଓ ପରସ୍ପରର ବିରୁଦ୍ଧରେ କହିଅଛୁ, ଭାବିଅଛୁ ଓ କରିଅଛୁ।

ଆଜି ଆମ୍ଭମାନଙ୍କ ନିମନ୍ତେ ଏହାର ଅର୍ଥ **କ'ଣ** ଅଟେ?

ଯେତେବେଳେ ଆମ୍ଭେମାନେ ସ୍ୱୟଂ ଯୀଶୁଙ୍କ ରକ୍ତମାଂସର ବଳିଦାନ ଗ୍ରହଣ କରୁ, ଆମ୍ଭେମାନେ ଆତ୍ମିକ ଭାବେ ଶୁଚି ଅଟୁ ଓ ଆମ୍ଭେମାନେ ଅନନ୍ତକାଳୀନ ଭାବେ ସମସ୍ତ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମୟର ମନ୍ଦତାରୁ କ୍ଷମାପ୍ରାପ୍ତ ଅଟୁ, ଯାହାସବୁ ଆମ୍ଭେମାନେ ଈଶ୍ୱରଙ୍କ ଓ ପରସ୍ପରର ବିରୁଦ୍ଧରେ କହିଅଛୁ, ଭାବିଅଛୁ ଓ କରିଅଛୁ। ଈଶ୍ୱରଙ୍କ ପ୍ରେମ କଦାପି ଶେଷ ହୁଏ ନାହିଁ। ଆମ୍ଭେମାନେ ଈଶ୍ୱରଙ୍କ ପ୍ରେମରେ ଭରସା କରିପାରିବା।

ଏହି ଶାସ୍ତ୍ରାଂଶରୁ ଆପଣମାନେ ଈଶ୍ୱରଙ୍କ ବିଷୟରେ **କେଉଁ** ଏକ ବିଷୟ ଶିଖୁଛନ୍ତି?

ଈଶ୍ୱର ପ୍ରେମ, ସିଦ୍ଧ ପ୍ରେମ ଅଟନ୍ତି।

## ସାକ୍ଷ୍ୟ ଦିଅନ୍ତୁ

ଈଶ୍ୱରଙ୍କ ପ୍ରେମ ସେମାନଙ୍କ ନିମନ୍ତେ କଦାପି ଶେଷ ହୁଏନାହିଁ ବୋଲି ଜାଣିବାର ଅର୍ଥ କ'ଣ, ସେ ବିଷୟରେ ପ୍ରତ୍ୟେକ ଜଣକୁ ଦୁଇ କିମ୍ବା ତିନୋଟି ବାକ୍ୟରେ ପ୍ରକାଶ କରିବା ପାଇଁ କୁହନ୍ତୁ।

ଆପଣଙ୍କର ବ୍ୟାବହାରିକ, ପ୍ରତ୍ୟୁତ୍ତର/ପ୍ରାର୍ଥନା **କ'ଣ**?

# ଅଧିବେଶନ ୬: ପିତାଙ୍କ ପ୍ରେମ

*ପିତାଙ୍କର ସନ୍ତୋଷ ହେଲା ଯେ ଯୀଶୁଙ୍କଠାରେ ସମସ୍ତ ପୂର୍ଣ୍ଣତା ବାସ କରିବ*
*ଓ ତାହାଙ୍କ ଦ୍ୱାରା ଆପଣା ସହିତ ସମସ୍ତ ବିଷୟର ମିଳନ ହେବ।*

## ପ୍ରାରମ୍ଭିକ ପ୍ରାର୍ଥନା

ଅଧିବେଶନଟିକୁ ଆରମ୍ଭ କରିବା ନିମନ୍ତେ ଜଣେ କାହାକୁ ପ୍ରାର୍ଥନା କରିବାକୁ କୁହନ୍ତୁ।

## ଉପାସନା

ଦଳଗତ ଭାବରେ ଗାଇବା ପାଇଁ ଦୁଇ କିମ୍ବା ତିନୋଟି ଉପାସନା ଗୀତ ବାଛନ୍ତୁ, ଯାହା ଈଶ୍ୱରଙ୍କ ପ୍ରେମ ପ୍ରକାଶ କରୁଥିବ।

## ବାଇବଲ ଅଧ୍ୟୟନ

ଈଶ୍ୱର ଆପଣା ସହିତ ସମ୍ପୂର୍ଣ୍ଣ ସିଦ୍ଧ ସମ୍ପର୍କରେ ଥିଲେ, ଅଛନ୍ତି ଓ ରହିବେ। ପିତା, ପୁତ୍ର ଯୀଶୁ ଓ ପବିତ୍ରଆତ୍ମା ତିନି ବ୍ୟକ୍ତିତ୍ୱରେ ଏକ ହୋଇ ସମ୍ପୂର୍ଣ୍ଣ ଏକତା ମଧ୍ୟରେ ରହନ୍ତି। ଏକ ଈଶ୍ୱର। ତାହାଙ୍କ କାହାଣୀ, ତାହାଙ୍କ ପ୍ରକୃତ ପ୍ରେମର କାହାଣୀ ବାଇବଲରୁ ଆମ୍ଭେମାନେ ପିତାଙ୍କ ପ୍ରେମ ସମ୍ବନ୍ଧରେ ଅଧ୍ୟୟନ କରିବା।

ପିତାଙ୍କ ପ୍ରେମ ଏତେ ମହାନ୍ ଯେ ସେ ପୁତ୍ରଙ୍କୁ ସବୁ ବିଷୟ ପ୍ରଦାନ କରନ୍ତି।

**କଲସୀୟ ୧:୧୯-୨୦** ପାଠ କରନ୍ତୁ

ଏହି ବାଇବଲ ଶାସ୍ତ୍ରାଂଶ ଉପରେ ଧ୍ୟାନ କରନ୍ତୁ ଓ ଏହାକୁ ଅନେକ ଥର ପାଠ କରନ୍ତୁ।

## ଦଳଗତ ଆଲୋଚନା

ଏହି ବାଇବଲ ଶାସ୍ତ୍ରାଂଶରୁ ପିତାଙ୍କ ପ୍ରେମ ସମ୍ବନ୍ଧରେ ଆପଣଙ୍କ ପର୍ଯ୍ୟବେକ୍ଷଣଗୁଡ଼ିକ ଆଲୋଚନା କରନ୍ତୁ। ଆପଣମାନଙ୍କର ହ୍ୟାଣ୍ଡ ଆଉଟ୍ କାଗଜଗୁଡ଼ିକରେ ଉତ୍ତର ସବୁ ଲେଖନ୍ତୁ।

ଯୀଶୁଙ୍କଠାରେ ଆମ୍ଭମାନଙ୍କ ପ୍ରତି ପ୍ରକାଶିତ ଈଶ୍ୱରଙ୍କ ସମସ୍ତ ପୂର୍ଣ୍ଣତା ପ୍ରାପ୍ତ ହେବାକୁ ପିତାଙ୍କ ସନ୍ତୋଷ ହୋଇଛି। ଯୀଶୁଙ୍କ ରକ୍ତମାଂସର ସହ ବଳିଦାନ ହେବା ଦ୍ୱାରା ସମସ୍ତ ସୃଷ୍ଟି ତାହାଙ୍କଠାରେ ପୁନର୍ମିଳିତ ଓ ଶାନ୍ତି ପ୍ରାପ୍ତ ହୋଇପାରିବ। ଯୀଶୁଙ୍କ ବିନା କୌଣସି ଚରମ ଶାନ୍ତି ନାହିଁ।

ଏହି ଶାସ୍ତ୍ରାଂଶରେ ଥିବା ବିଷୟଗୁଡ଼ିକ ମଧ୍ୟରୁ **କ'ଣ** ସବୁ ଆଜି ମଧ୍ୟ ସମାନ ଅଟେ?

ଈଶ୍ୱର – ତାହାଙ୍କର ପ୍ରେମ, ତାହାଙ୍କର ପୂର୍ଣ୍ଣତା ଯୀଶୁଙ୍କ ରକ୍ତମାଂସର ବଳିଦାନରେ ପ୍ରକାଶିତହେଲା। ଯୀଶୁଙ୍କ ବିନା ଶାନ୍ତି ନାହିଁ।

ଆଜି ଆମ୍ଭମାନଙ୍କ ନିମନ୍ତେ ଏହାର ଅର୍ଥ **କ'ଣ** ଅଟେ? **କଲସୀୟ ୧:୨୧-୨୨** ପାଠ କରନ୍ତୁ

ଯେତେବେଳେ ଆମ୍ଭେମାନେ ଯୀଶୁଙ୍କ ରକ୍ତମାଂସର ବଳିଦାନ ଗ୍ରହଣ କରୁ, ଆମ୍ଭେମାନେ ଆଉ ଈଶ୍ୱରଙ୍କ ଶତ୍ରୁ ହୋଇ ରହୁନାହୁଁ। ଆମ୍ଭେମାନେ ବର୍ତ୍ତମାନ ଈଶ୍ୱରଙ୍କ ସଙ୍ଗତିରେ ଅଛୁ; ଈଶ୍ୱରଙ୍କ ସହ ସମ୍ପର୍କରେ ଆମ୍ଭେମାନେ ଯେପରି, ସେହିପରି ଭାବରେ ହିଁ ଗ୍ରହଣ କରାଯାଇ ଈଶ୍ୱରଙ୍କ ନିକଟରେ ପବିତ୍ର ଓ ନିର୍ଦ୍ଦୋଷ ଭାବରେ ଉପସ୍ଥାପିତ କରାଯାଇଅଛୁ। ଈଶ୍ୱରଙ୍କ ଦୃଷ୍ଟିରେ ଆମ୍ଭେମାନେ ଆଉ ଦୋଷୀ ବୋଲି ଗଣାଯିବା ନାହିଁ।

**ଯୋହନ ୩:୧୬-୧୭** ପାଠ କରନ୍ତୁ

ଏହି ବାଇବଲ ଶାସ୍ତ୍ରାଂଶ ଉପରେ ଧ୍ୟାନ କରନ୍ତୁ ଓ ଏହାକୁ ଅନେକ ଥର ପାଠ କରନ୍ତୁ।

## ଦଳଗତ ଆଲୋଚନା

ଏହି ବାଇବଲ ଶାସ୍ତ୍ରାଂଶରୁ ପିତାଙ୍କ ପ୍ରେମ ସମ୍ବନ୍ଧରେ ଆପଣଙ୍କ ପର୍ଯ୍ୟବେକ୍ଷଣଗୁଡ଼ିକ ଆଲୋଚନା କରନ୍ତୁ। ଆପଣମାନଙ୍କର ହ୍ୟାଣ୍ଡ ଆଉଟ୍ କାଗଜଗୁଡ଼ିକରେ ଉତ୍ତର ସବୁ ଲେଖନ୍ତୁ।

ପିତାଙ୍କ ପ୍ରେମ ଅତି ମହାନ ଅଟେ। ସେ ଯୀଶୁଙ୍କଠାରେ ଆମ୍ଭମାନଙ୍କୁ ସମସ୍ତ ବିଷୟ ପ୍ରଦାନ କରିଅଛନ୍ତି, ଯେ କି ରକ୍ତମାଂସ ସହ ଦେହବନ୍ତ ହେଲେ, କ୍ରୁଶ ଉପରେ ମୃତ୍ୟୁଭୋଗ କଲେ, ମୃତମାନଙ୍କ ମଧ୍ୟରୁ ଉଠିଲେ ଓ ସ୍ୱର୍ଗାରୋହଣ କଲେ। ଈଶ୍ୱର ଜଗତ ଉଦ୍ଧାର କରିବା ନିମନ୍ତେ, ପୁଣି ଆମ୍ଭେମାନେ ଯେଉଁ ସମସ୍ତ ମନ୍ଦ ବିଷୟ ଈଶ୍ୱରଙ୍କ ଓ ପରସ୍ପର ବିରୁଦ୍ଧରେ କହିଅଛୁ, ଭାବିଅଛୁ ଓ କରିଅଛୁ, ସେଥିନିମନ୍ତେ ରକ୍ତମାଂସ ସହ ଅନନ୍ତକାଳୀନ ବଳିଦାନ ହେବା ନିମନ୍ତେ ଆପଣାକୁ ଉତ୍ସର୍ଗ କଲେ।

ଏହି ଶାସ୍ତ୍ରାଂଶରେ ଥିବା ବିଷୟଗୁଡ଼ିକ ମଧ୍ୟରୁ **କ'ଣ** ସବୁ ଆଜି ମଧ୍ୟ ସମାନ ଅଟେ?

ଈଶ୍ୱର ଓ ତାହାଙ୍କ ପ୍ରେମ। ମନ୍ଦତା।

ଆଜି ଆମ୍ଭମାନଙ୍କ ନିମନ୍ତେ ଏହାର ଅର୍ଥ **କ'ଣ** ଅଟେ? **ଯୋହନ ୩:୧୮** ପାଠ କରନ୍ତୁ

ଆମ୍ଭେମାନେ ବିଚାର ଓ ଦଣ୍ଡରୁ ଚିରକାଳ ପାଇଁ ଉଦ୍ଧାରପ୍ରାପ୍ତ ହୋଇଅଛୁ। ଆମ୍ଭମାନଙ୍କ ପାଇଁ ଆଉ ଦଣ୍ଡାଜ୍ଞା ନାହିଁ। ଆମ୍ଭେମାନେ ଅନନ୍ତ ଜୀବନ ପ୍ରାପ୍ତ ହୋଇଅଛୁ।

**ଯୋହନ ୩:୩୫** ପାଠ କରନ୍ତୁ

ଏହି ବାଇବଲ ଶାସ୍ତ୍ରାଂଶ ଉପରେ ଧ୍ୟାନ କରନ୍ତୁ ଓ ଏହାକୁ ଅନେକ ଥର ପାଠ କରନ୍ତୁ।

## ଦଳଗତ ଆଲୋଚନା

ଏହି ବାଇବଲ ଶାସ୍ତ୍ରାଂଶରୁ ପିତାଙ୍କ ପ୍ରେମ ସମ୍ବନ୍ଧରେ ଆପଣଙ୍କ ପର୍ଯ୍ୟବେକ୍ଷଣଗୁଡ଼ିକ ଆଲୋଚନା କରନ୍ତୁ। ଆପଣମାନଙ୍କର ହ୍ୟାଣ୍ଡ ଆଉଟ୍ କାଗଜଗୁଡ଼ିକରେ ଉତ୍ତର ସବୁ ଲେଖନ୍ତୁ।

ପିତାଙ୍କ ପ୍ରେମ ଏତେ ମହାନ୍ ଯେ ସେ ପୁତ୍ର ଯୀଶୁଙ୍କୁ ସମସ୍ତ ବିଷୟ ପ୍ରଦାନ କରନ୍ତି।

ଏହି ଶାସ୍ତ୍ରାଂଶରେ ଥିବା ବିଷୟଗୁଡ଼ିକ ମଧ୍ୟରୁ **କ'ଣ** ସବୁ ଆଜି ମଧ୍ୟ ସମାନ ଅଟେ?

ଈଶ୍ୱର, ତାହାଙ୍କ ପ୍ରେମ ଓ ତାହାଙ୍କ ଦାନ କରିବା ଚରିତ୍ର।

ଆଜି ଆମ୍ଭମାନଙ୍କ ନିମନ୍ତେ ଏହାର ଅର୍ଥ **କ'ଣ** ଅଟେ? **ଯୋହନ ୩:୩୬** ପାଠ କରନ୍ତୁ

ଯେଉଁମାନେ ଯୀଶୁଙ୍କଠାରେ ଆର୍ଥାତ୍ ପୁତ୍ର ଈଶ୍ୱରଙ୍କଠାରେ ବିଶ୍ୱାସ କରନ୍ତି, ସେମାନେ ଅନନ୍ତ ଜୀବନ ପ୍ରାପ୍ତ ହୋଇଅଛନ୍ତି।

**୧ ଯୋହନ ୩:୧** ପାଠ କରନ୍ତୁ

ଏହି ବାଇବଲ ଶାସ୍ତ୍ରାଂଶ ଉପରେ ଧ୍ୟାନ କରନ୍ତୁ ଓ ଏହାକୁ ଅନେକ ଥର ପାଠ କରନ୍ତୁ।

## ଦଳଗତ ଆଲୋଚନା

ଏହି ବାଇବଲ ଶାସ୍ତ୍ରାଂଶରୁ ପିତାଙ୍କ ପ୍ରେମ ସମ୍ବନ୍ଧରେ ଆପଣଙ୍କ ପର୍ଯ୍ୟବେକ୍ଷଣଗୁଡ଼ିକ ଆଲୋଚନା କରନ୍ତୁ। ଆପଣମାନଙ୍କର ହ୍ୟାଣ୍ଡ୍ ଆଉଟ୍ କାଗଜଗୁଡ଼ିକରେ ଉତ୍ତର ସବୁ ଲେଖନ୍ତୁ।

ଈଶ୍ୱର ଆମକୁ ଏତେ ପ୍ରେମ କରନ୍ତି ଯେ ସେ ଯୀଶୁଙ୍କଠାରେ ଆମ୍ଭମାନଙ୍କୁ ସମସ୍ତ ବିଷୟ ଦେଇଅଛନ୍ତି।ଆମ୍ଭେମାନେ ତାହାଙ୍କ ସନ୍ତାନ ଅଟୁ। ସେ ଆମ୍ଭମାନଙ୍କ ପିତା, ଯେ ସମାନ ଭାବରେ ଆମ୍ଭମାନଙ୍କୁ ପ୍ରେମ କରନ୍ତି, ଯେତିକି ଆପଣା ପୁତ୍ରଙ୍କୁ ପ୍ରେମ କରନ୍ତି।

ଏହି ଶାସ୍ତ୍ରାଂଶରେ ଥିବା ବିଷୟଗୁଡ଼ିକ ମଧ୍ୟରୁ **କ'ଣ** ସବୁ ଆଜି ମଧ୍ୟ ସମାନ ଅଟେ?

ଈଶ୍ୱର, ତାହାଙ୍କ ପ୍ରେମ ଓ ଯେଉଁମାନେ ଯୀଶୁଙ୍କ ରକ୍ତମାଂସର ବଳିଦନରେ ବିଶ୍ୱାସ କରି ତାହାଙ୍କୁ ଗ୍ରହଣ କରନ୍ତି, ସେମାନେ ଈଶ୍ୱରଙ୍କ ସନ୍ତାନ।

ଆଜି ଆମ୍ଭମାନଙ୍କ ନିମନ୍ତେ ଏହାର ଅର୍ଥ **କ'ଣ** ଅଟେ?

ଆମ୍ଭେମାନେ ଈଶ୍ୱରଙ୍କ ଏକ ଏକ ସନ୍ତାନ, ଆମ୍ଭେମାନେ ଯେପ୍ରକାର, ସେ ପ୍ରକାରେ ଈଶ୍ୱର ଆମ୍ଭମାନଙ୍କୁ ଗ୍ରହଣ କରନ୍ତି। ଆମ୍ଭେମାନେ ତାହାଙ୍କର ପରିବାରଭୁକ୍ତ ହୋଇଅଛୁ ଓ ଚିରକାଳ ପାଇଁ ତାହାଙ୍କ ପ୍ରେମ ପାଇଅଛୁ।

**କଲସୀୟ ୧:୧୨-୧୪** ପାଠ କରନ୍ତୁ

ଏହି ବାଇବଲ ଶାସ୍ତ୍ରାଂଶ ଉପରେ ଧ୍ୟାନ କରନ୍ତୁ ଓ ଏହାକୁ ଅନେକ ଥର ପାଠ କରନ୍ତୁ।

## ଦଳଗତ ଆଲୋଚନା

ଏହି ବାଇବଲ ଶାସ୍ତ୍ରାଂଶରୁ ପିତାଙ୍କ ପ୍ରେମ ସମ୍ବନ୍ଧରେ ଆପଣଙ୍କ ପର୍ଯ୍ୟବେକ୍ଷଣଗୁଡ଼ିକ ଆଲୋଚନା କରନ୍ତୁ। ଆପଣମାନଙ୍କର ହ୍ୟାଣ୍ଡ୍ ଆଉଟ୍ କାଗଜଗୁଡ଼ିକରେ ଉତ୍ତର ସବୁ ଲେଖନ୍ତୁ।

ପିତା ଆମ୍ଭମାନଙ୍କୁ ଏତେ ପ୍ରେମ କରନ୍ତି ଯେ ତାହାଙ୍କ ପୁତ୍ରଙ୍କ ରକ୍ତମାଂସର ବଳିଦାନଦ୍ୱାରା ସମସ୍ତ ବିଷୟ ପାଇବା ନିମନ୍ତେ ଯୋଗ୍ୟ ଗଣନା କରିଅଛନ୍ତି, ଯେଉଁସମସ୍ତ ବିଷୟ ଯୀଶୁଙ୍କଠାରେ ଅଛି, ରହିଥିଲା ଓ ରହିବ। ଈଶ୍ୱରଙ୍କ ସନ୍ତାନଭାବରେ ଆମ୍ଭେମାନେ ଖ୍ରୀଷ୍ଟଙ୍କଠାରେ ସହ- ଉତ୍ତରାଧିକାରୀ ଅଟୁ।

ଏହି ଶାସ୍ତ୍ରାଂଶରେ ଥିବା ବିଷୟଗୁଡ଼ିକ ମଧ୍ୟରୁ **କ'ଣ** ସବୁ ଆଜି ମଧ୍ୟ ସମାନ ଅଟେ?

ଈଶ୍ୱର, ତାହାଙ୍କ ପ୍ରେମ, ତାହାଙ୍କ ଦାନକରିବା ଚରିତ୍ର, ତାହାଙ୍କ ପୁତ୍ରଙ୍କ ରକ୍ତମାଂସର ଅନନ୍ତକାଳୀନ ବଳିଦାନ।

ଆଜି ଆମ୍ଭମାନଙ୍କ ନିମନ୍ତେ ଏହାର ଅର୍ଥ **କ'ଣ** ଅଟେ?

ଯୀଶୁଙ୍କଠାରେ ଯାହା ଅଛି, ଯାହା ଥିଲା ଓ ଯାହା ରହିବ, ସେ ସବୁ ଆମ୍ଭେମାନେ ପାଇଅଛୁ। ଆମ୍ଭେମାନେ ଅନ୍ଧକାରର ଶକ୍ତି ଠାରୁ ମୁକ୍ତ ହୋଇଅଛୁ। ଆମ୍ଭେମାନେ ଈଶ୍ୱରଙ୍କ ରାଜ୍ୟରେ, ତାହାଙ୍କ ଆଲୋକର ରାଜ୍ୟରେ ଯୀଶୁଙ୍କ ସହିତ ସହ-ଉତ୍ତରାଧିକାରୀ ଅଟୁ।

ଏହି ଶାସ୍ତ୍ରାଂଶରୁ ଆପଣମାନେ ଈଶ୍ୱରଙ୍କ ବିଷୟରେ **କେଉଁ** ଏକ ବିଷୟ ଶିଖୁଛନ୍ତି?

ପିତାଙ୍କର ପ୍ରେମ।

## ସାକ୍ଷ୍ୟ ଦିଅନ୍ତୁ

ପିତା ସେମାନଙ୍କୁ କେତେ ଅଧିକ ପ୍ରେମ କରନ୍ତି, ଏହା ଜାଣିବାର ଅର୍ଥ କ'ଣ? ସେ ବିଷୟରେ ପ୍ରତ୍ୟେକ ଜଣକୁ ଦୁଇ କିମ୍ବା ତିନୋଟି ବାକ୍ୟରେ ପ୍ରକାଶକରିବା ପାଇଁ କୁହନ୍ତୁ।

ଆପଣଙ୍କର ବ୍ୟାବହାରିକ, ପ୍ରତ୍ୟୁତ୍ତର/ପ୍ରାର୍ଥନା **କ'ଣ**?

# ଅଧିବେଶନ ୭: ପୁତ୍ରଙ୍କର ପ୍ରେମ

*ଈଶ୍ୱର ପ୍ରେମରେ ଆପଣାକୁ ବ୍ୟକ୍ତିଗତଭାବରେ ଉପସ୍ଥାପନା କରିଅଛନ୍ତି,*
*ଯେପରି ଆମ୍ଭେମାନେ ପ୍ରେମରେ ତାହାଙ୍କ ସହିତ ସମ୍ପର୍କ ସ୍ଥାପନ କରିପାରିବା ।*

## ପ୍ରାରମ୍ଭିକ ପ୍ରାର୍ଥନା

ଅଧିବେଶନଟିକୁ ଆରମ୍ଭ କରିବା ନିମନ୍ତେ ଜଣେ କାହାକୁ ପ୍ରାର୍ଥନା କରିବାକୁ କୁହନ୍ତୁ ।

## ଉପାସନା

ଦଳଗତ ଭାବରେ ଗାଇବା ପାଇଁ ଦୁଇ କିମ୍ବା ତିନୋଟି ଉପାସନା ଗୀତ ବାଛନ୍ତୁ, ଯାହା ଯୀଶୁଙ୍କ ରକ୍ତମାଂସର ବଳିଦାନକୁ ପ୍ରକାଶ କରୁଥିବ ।

## ବାଇବଲ ଅଧ୍ୟୟନ

ଈଶ୍ୱର ଆପଣା ସହିତ ସମ୍ପୂର୍ଣ୍ଣ ସିଦ୍ଧ ସମ୍ପର୍କରେ ଥିଲେ, ଅଛନ୍ତି ଓ ରହିବେ । ପିତା, ପୁତ୍ର ଯୀଶୁ ଓ ପବିତ୍ର ଆତ୍ମା ତିନି ବ୍ୟକ୍ତିତ୍ୱରେ ଏକ ହୋଇ ସମ୍ପୂର୍ଣ୍ଣ ଏକତା ମଧ୍ୟରେ ରହନ୍ତି । ଏକ ଈଶ୍ୱର । ଈଶ୍ୱରଙ୍କ ପୁତ୍ର ଯୀଶୁଙ୍କର ପ୍ରେମ ସମ୍ପର୍କ ସମ୍ବନ୍ଧରେ ଆମ୍ଭେମାନେ ଅଧ୍ୟୟନ କରିବା ।

ଯୀଶୁଙ୍କର ପ୍ରେମ ଏତେ ମହାନ୍ ଯେ ସେ ଆମ୍ଭମାନଙ୍କ ନିମନ୍ତେ ରକ୍ତମାଂସର ବଳିଦାନ ହେବା ନିମନ୍ତେ ସମସ୍ତ ବିଷୟ ପରିତ୍ୟାଗ କଲେ, ତଥାପି ପ୍ରତି ଦିନ ତାହାଙ୍କର ପ୍ରେମକୁ ବ୍ୟକ୍ତିଗତ ଭାବରେ ଅଧିକରୁ ଅଧିକ ଜାଣିବା ଆମ୍ଭମାନଙ୍କୁ ଜୀବନ, ପ୍ରେମ, ସତ୍ୟତା ଓ ଶକ୍ତିର ପୂର୍ଣ୍ଣତା ଲାଭ କରିବାରେ ସାହାଯ୍ୟ କରିଥାଏ; ସେହିସବୁ ଈଶ୍ୱରଙ୍କଠାରୁ ମିଳିଥାଏ ଓ ସେହିସବୁ ଈଶ୍ୱରଙ୍କର ପ୍ରତୀକ ।

**ଯୋହନ ୧୦:୧୪-୧୮** ପାଠ କରନ୍ତୁ

ଏହି ବାଇବଲ ଶାସ୍ତ୍ରାଂଶ ଉପରେ ଧ୍ୟାନ କରନ୍ତୁ ଓ ଏହାକୁ ଅନେକ ଥର ପାଠ କରନ୍ତୁ ।

## ଦଳଗତ ଆଲୋଚନା

ଏହି ବାଇବଲ ଶାସ୍ତ୍ରାଂଶରୁ ଯୀଶୁଙ୍କ ପ୍ରେମ ସମ୍ବନ୍ଧରେ ଆପଣଙ୍କ ପର୍ଯ୍ୟବେକ୍ଷଣଗୁଡ଼ିକ ଆଲୋଚନା କରନ୍ତୁ । ଆପଣମାନଙ୍କର ହ୍ୟାଣ୍ଡ୍ ଆଉଟ୍ କାଗଜଗୁଡ଼ିକରେ ଉତ୍ତର ସବୁ ଲେଖନ୍ତୁ ।

ଯୀଶୁଙ୍କର ପ୍ରେମ ଅତି ମହାନ୍ ଅଟେ । ଆପଣା ପ୍ରାଣଦାନକରିବେ କି ନାହିଁ ଯୀଶୁଙ୍କର ଶକ୍ତି ଅଛି , ତଥାପି ସେ ଆପଣା ନିଜ ପ୍ରାଣଦାନ କରିବାକୁ ମନୋନୀତ କରନ୍ତି, ଯାହା ପିତାଙ୍କର ଇଛା ଅଟେ । କାରଣ ଈଶ୍ୱର ଅଧିକ ପ୍ରେମ କରନ୍ତି । ସେ ଆପଣାଠାରେ ଆମ୍ଭମାନଙ୍କ ନିମନ୍ତେ ସମସ୍ତ ବିଷୟ ପ୍ରଦାନ କଲେ । ଯୀଶୁ ସମସ୍ତ ବିଷୟ ପରିତ୍ୟାଗ କଲେ ଓ ରକ୍ତମାଂସରେ ଦେହବନ୍ତ ହେବାପାଇଁ, କ୍ରୁଶ ଉପରେ ମୃତ୍ୟୁଭୋଗ କରିବା ପାଇଁ, ମୃତମାନଙ୍କ ମଧ୍ୟରୁ ଉଠିବା ପାଇଁ ଓ ସ୍ୱର୍ଗାରୋହଣ କରିବା ପାଇଁ ମନୋନୀତ କଲେ । ଜଗତର ଉଦ୍ଧାର କରିବା ନିମନ୍ତେ, ପୁଣି ଆମ୍ଭେମାନେ ଯେଉଁ ସମସ୍ତ ମନ୍ଦ ବିଷୟ ଈଶ୍ୱର ଓ ପରସ୍ପର ବିରୁଦ୍ଧରେ କହିଅଛୁ, ଭାବିଅଛୁ ଓ କରିଅଛୁ, ସେଥିସକାଶେ ରକ୍ତମାଂସ ସହ ଅନନ୍ତକାଳୀନ ବଳିଦାନ ହେବା ନିମନ୍ତେ ଆପଣାକୁ ଉତ୍ସର୍ଗ କଲେ । ଯୀଶୁ ପ୍ରତି ନିୟତ ନିରନ୍ତର ଭାବରେ ଆପଣାର ସ୍ୱୟଂକୁ ଅର୍ଥାତ୍ ଆପଣାର ପୁନରୁତ୍ଥିତ ଜୀବନ, ପ୍ରେମ ଓ ସତ୍ୟତା ଓ ଶକ୍ତି ଏବଂ ଅଧିକାରକୁ ମନ୍ଦ ଆତ୍ମା ଓ ଆମ୍ଭମାନଙ୍କର ଅଭିଳାଷ ଉପରେ ଦାନ କରୁଅଛନ୍ତି । ସେ ଆମ୍ଭମାନଙ୍କର ଉତ୍ତମ ମେଷପାଳକ ଅଟନ୍ତି ।

## ସାକ୍ଷ୍ୟ ଦିଅନ୍ତୁ

ଯୀଶୁ ସେମାନଙ୍କର ଉତ୍ତମ ମେଷପାଳକ ବୋଲି ଜାଣିବାର ଅର୍ଥ ସେମାନଙ୍କ ପ୍ରତି କ'ଣ ଅଟେ, ସେ ବିଷୟରେ ପ୍ରତ୍ୟେକ ଜଣକୁ ଦୁଇ କିମ୍ବା ତିନୋଟି ବାକ୍ୟରେ ପ୍ରକାଶ କରିବାପାଇଁ କୁହନ୍ତୁ ।

**ଗୀତସଂହିତା ୨୩** ପାଠ କରନ୍ତୁ

ଏହି ବାଇବଲ ଶାସ୍ତ୍ରାଂଶ ଉପରେ ଧ୍ୟାନ କରନ୍ତୁ ଓ ଏହାକୁ ଅନେକ ଥର ପାଠ କରନ୍ତୁ।

## ଦଳଗତ ଆଲୋଚନା

ଉତ୍ତମ ମେଷପାଳକ ଯୀଶୁ ଆପଣଙ୍କ ପାଇଁ କ'ଣ କରନ୍ତି, ଆଲୋଚନା କରନ୍ତୁ। ଆପଣମାନଙ୍କର ହ୍ୟାଣ୍ଡ୍ ଆଉଟ୍ କାଗଜଗୁଡ଼ିକରେ ଉତ୍ତର ସବୁ ଲେଖନ୍ତୁ।

ଯୀଶୁ ସର୍ବଦା ମୋର ପ୍ରୟୋଜନୀୟ ସବୁ ବିଷୟ ଯୋଗାନ୍ତି।

ସେ ମୋତେ ବିଶ୍ରାମ ଓ ଖାଦ୍ୟ ଦିଅନ୍ତି।

ଯୀଶୁ ମୋତେ ସତେଜ ରଖନ୍ତି ଓ ଜୀବନ୍ତ ଜଳ ଦିଅନ୍ତି।

ସେ ମୋ ପ୍ରାଣକୁ ସୁସ୍ଥ କରନ୍ତି ଏବଂ ମୋ ଆତ୍ମା, ମନ ଓ ଶରୀରକୁ ନୂତନ କରନ୍ତି।

ଯୀଶୁ ଆପଣା ସୁଖ୍ୟାତି ସକାଶୁ ତାହାଙ୍କର ଧାର୍ମିକତା ଓ ନ୍ୟାୟ ଜାଣିବା ପାଇଁ ମୋତେ କଢ଼ାଇ ନିଅନ୍ତି।

ମୁଁ ମୃତ୍ୟୁଚ୍ଛାୟା ରୂପ ଉପତ୍ୟକା ଦେଇ ଗମନ କଲେ ହେଁ କୌଣସି ଆପଦକୁ ଭୟ କରିବି ନାହିଁ, କାରଣ ଯୀଶୁ ମୋହର ସହବର୍ତ୍ତୀ।

ଯୀଶୁ ଆପଣା ପ୍ରେମ, ମୋ ସହିତ ଆପଣା ସମ୍ପର୍କ ଓ ତାହାଙ୍କର ଚରମ ଶକ୍ତି ଓ ଅଧିକାର ସହିତ ମୋତେ ସାନ୍ତ୍ୱନା ଦିଅନ୍ତି।

ମୋର ସମସ୍ତ ଶତ୍ରୁ ଦେଖିବା ନିମନ୍ତେ ଯୀଶୁ ମୋ ପାଇଁ ଏକ ଭୋଜ ପ୍ରସ୍ତୁତ କରନ୍ତି। ଯୀଶୁ ମୋତେ ତାଙ୍କର ସମ୍ମାନିତ ଅତିଥି କରନ୍ତି।

ତାହାଙ୍କର ଅଶେଷ ପ୍ରାଚୁର୍ଯ୍ୟତାରେ ଓ ଈଶ୍ୱରଙ୍କର ସମସ୍ତ ମଙ୍ଗଳ ବିଷୟରେ ମୋତେ ଅଭିଷିକ୍ତ କରନ୍ତି।

ନିଃସନ୍ଦେହରେ ଈଶ୍ୱରଙ୍କର ଦୟା ମୋହର ଜୀବନ ସାରା, ପୁଣି ବର୍ତ୍ତମାନ ଏହି ରକ୍ତମାଂସ ଧାରଣର ସମୟରେ ମଧ୍ୟ ମୋହର ପଶ୍ଚାଦ୍‌ଗାମୀ ହେବ। ଚିରକାଳ ବା ଅନନ୍ତକାଳ ପାଇଁ ମୁଁ ଈଶ୍ୱରଙ୍କ ସହିତ ବାସ କରିବି।

ଏହି ଶାସ୍ତ୍ରାଂଶରେ ଥିବା ବିଷୟଗୁଡ଼ିକ ମଧ୍ୟରୁ **କ'ଣ** ସବୁ ଆଜି ମଧ୍ୟ ସମାନ ଅଟେ?

ଯୀଶୁ ଉତ୍ତମ ମେଷପାଳକ ଅଟନ୍ତି, ଯେ ଆପଣା ମେଷଗୁଡ଼ିକ ନିମନ୍ତେ ଆପଣାକୁ ନିରନ୍ତର ଦାନ କରନ୍ତି।

ଆଜି ଆମ୍ଭମାନଙ୍କ ନିମନ୍ତେ ଏହାର ଅର୍ଥ **କ'ଣ** ଅଟେ?

ଆମ୍ଭେମାନେ ଯୀଶୁଙ୍କଠାରେ,ଅର୍ଥାତ୍ ସେ ଯାହା ଅଟନ୍ତି, ସେ ଯାହା କରିଅଛନ୍ତି, କରୁଅଛନ୍ତି ଓ କରିବାକୁ ପ୍ରତିଜ୍ଞା କରିଅଛନ୍ତି, ସେଥିରେ ବିଶ୍ରାମ ନେଇପାରିବା।

ଏହି ଶାସ୍ତ୍ରାଂଶରୁ ଆପଣମାନେ ଈଶ୍ୱରଙ୍କ ବିଷୟରେ **କେଉଁ** ଏକ ବିଷୟ ଶିଖୁଛନ୍ତି?

ଈଶ୍ୱର ଯୀଶୁଙ୍କଠାରେ ଆପଣାର ସମସ୍ତ ବିଷୟ ଦାନ କରନ୍ତି, କାରଣ ସେ ଆମ୍ଭମାନଙ୍କୁ ଅଧିକ ପ୍ରେମ କରନ୍ତି।

ଯୀଶୁଙ୍କଠାରେ ଈଶ୍ୱରଙ୍କର ଏହି ପ୍ରେମ **କେତେ** ଦୃଢ଼? **ରୋମୀୟ ୮:୩୯** ପାଠ କରନ୍ତୁ

ଯୀଶୁଙ୍କଠାରେ ଆମ୍ଭମାନଙ୍କ ପାଇଁ ଈଶ୍ୱରଙ୍କର ପ୍ରେମ ଯେକୌଣସି ବିଷୟଠାରୁ ମହାନ୍ ଓ ଦୃଢ଼ ଅଟେ, ଏପରିକି ଆମ୍ଭମାନଙ୍କର ଦୁର୍ବଳତା ଓ ଏହି ଜଗତର ମନ୍ଦତାଠାରୁ ମଧ୍ୟ।

ଆପଣଙ୍କର ବ୍ୟାବହାରିକ, ପ୍ରତ୍ୟୁତ୍ତର/ପ୍ରାର୍ଥନା **କ'ଣ**?

# ଅଧିବେଶନ ୮: ପବିତ୍ର ଆତ୍ମାଙ୍କର ପ୍ରେମ

*ଆତ୍ମା ଓ କନ୍ୟା କହନ୍ତି "ଆସ!" ପୁଣି ଯେ ଶୁଣେ, ସେ କହୁ, "ଆସ!"*
*ଯେ ତୃଷାର୍ତ୍ତ, ସେ ଆସୁ; ଯେ ଇଚ୍ଛା କରେ, ସେ ବିନାମୂଲ୍ୟରେ ଜୀବନଦାୟକ ଜଳ ପାନ କରୁ।*

## ପ୍ରାରମ୍ଭିକ ପ୍ରାର୍ଥନା

ଅଧିବେଶନଟିକୁ ଆରମ୍ଭ କରିବା ନିମନ୍ତେ ଜଣେ କାହାକୁ ପ୍ରାର୍ଥନା କରିବାକୁ କୁହନ୍ତୁ।

## ଉପାସନା

ଦଳଗତ ଭାବରେ ଗାଇବା ପାଇଁ ଦୁଇ କିମ୍ବା ତିନୋଟି ଉପାସନା ଗୀତ ବାଛନ୍ତୁ, ଯାହା ଈଶ୍ୱରଙ୍କର ପ୍ରେମ ପ୍ରକାଶ କରୁଥିବ।

## ବାଇବଲ ଅଧ୍ୟୟନ

ଈଶ୍ୱର ଆପଣା ସହିତ ସମ୍ପୂର୍ଣ୍ଣ ସିଦ୍ଧ ସମ୍ପର୍କରେ ଥିଲେ, ଅଛନ୍ତି ଓ ରହିବେ। ପିତା, ପୁତ୍ର ଯୀଶୁ ଓ ପବିତ୍ରଆତ୍ମା, ତିନି ବ୍ୟକ୍ତିତ୍ୱରେ ଏକ ହୋଇ ସମ୍ପୂର୍ଣ୍ଣ ଏକତା ମଧ୍ୟରେ ଅଛନ୍ତି। ଏକ ଈଶ୍ୱର। ଆମ୍ଭେମାନେ ପବିତ୍ରଆତ୍ମାଙ୍କର ପ୍ରେମର ସମ୍ପର୍କ ବିଷୟରେ ଅଧ୍ୟୟନ କରିବା।

ଈଶ୍ୱରଙ୍କ ପ୍ରେମ ଏତେ ମହାନ୍ ଯେ ତାହା ଆମ୍ଭମାନଙ୍କ ବୋଧର ଅଗମ୍ୟ ଅଟେ। ପବିତ୍ରଆତ୍ମାଙ୍କର ପ୍ରେମ କଦାପି ଆପଣା ଆଡ଼କୁ ଇଙ୍ଗିତ କରେ ନାହିଁ। ତା' ପରିବର୍ତ୍ତେ ସେ ପ୍ରକାଶନ ଦିଅନ୍ତି, ସମର୍ଥ କରନ୍ତି, ପରିବର୍ତ୍ତନ କରନ୍ତି ଓ ଆମ୍ଭମାନଙ୍କ ମଧ୍ୟରେ ବାସ କରନ୍ତି, ଯେପରି ଆମ୍ଭେମାନେ ବ୍ୟକ୍ତିଗତ ଭାବରେ, ଶକ୍ତିଯୁକ୍ତ ଭାବରେ ଓ ଘନିଷ୍ଠ ଭାବରେ ପିତାଙ୍କର ପ୍ରେମ ଓ ପୁତ୍ର ଯୀଶୁଙ୍କର ପ୍ରେମ ଅନୁଭବ କରିପାରିବା।

ପବିତ୍ରଆତ୍ମା **କାହା** ବିଷୟରେ ସାକ୍ଷ୍ୟ ଦିଅନ୍ତି ଓ **କାହା** ନିମନ୍ତେ ଗୌରବ ଆଣନ୍ତି? **ଯୋହନ ୧୬:୧୩-୧୫** ପାଠ କରନ୍ତୁ

ଯୀଶୁ।

ଈଶ୍ୱରଙ୍କ ପ୍ରେମ **କିପରି** ଭାବରେ ଆମ୍ଭମାନଙ୍କ ହୃଦୟରେ, ବ୍ୟକ୍ତିଗତ ଭାବରେ, ଶକ୍ତିଯୁକ୍ତ ଭାବରେ ଓ ଘନିଷ୍ଠ ଭାବରେ ପରିବ୍ୟାପ୍ତ ହୋଇଅଛି? **ରୋମୀୟ ୫:୫-୮** ପାଠ କରନ୍ତୁ

ପବିତ୍ର ଆତ୍ମା ଆମ୍ଭମାନଙ୍କ ହୃଦୟରେ ବାସ କରିବା ଦ୍ୱାରା।

**ରୋମୀୟ ୮:୧୪-୧୬** ପାଠ କରନ୍ତୁ

ଏହି ବାଇବଲ ଶାସ୍ତ୍ରାଂଶ ଉପରେ ଧ୍ୟାନ କରନ୍ତୁ ଓ ଏହାକୁ ଅନେକ ଥର ପାଠ କରନ୍ତୁ।

## ଦଳଗତ ଆଲୋଚନା

ଏହି ବାଇବଲ ଶାସ୍ତ୍ରାଂଶରୁ ପବିତ୍ରଆତ୍ମାଙ୍କ ପ୍ରେମ ସମ୍ବନ୍ଧରେ ଆପଣଙ୍କ ପର୍ଯ୍ୟବେକ୍ଷଣଗୁଡ଼ିକ ଆଲୋଚନା କରନ୍ତୁ। ଆପଣମାନଙ୍କର ହ୍ୟାଣ୍ଡ୍ ଆଉଟ୍ କାଗଜଗୁଡ଼ିକରେ ଉତ୍ତର ସବୁ ଲେଖନ୍ତୁ।

ଈଶ୍ୱରଙ୍କର ପ୍ରେମ ଏତେ ମହାନ୍ ଯେ ଆମ୍ଭେମାନେ ଥରେ ଯୀଶୁଙ୍କୁ ବିନାମୂଲ୍ୟର ଦାନ ଭାବରେ ଗ୍ରହଣ କଲେ, ଆମ୍ଭେମାନେ ଯୀଶୁଙ୍କର ଆତ୍ମା, ଯାହା ଈଶ୍ୱରଙ୍କ ଆତ୍ମା, ପୁଣି ଯାହା ପବିତ୍ରଆତ୍ମା, ତାହାଙ୍କୁ ଆମ୍ଭମାନଙ୍କ ମଧ୍ୟରେ ବାସ କରିବା ନିମନ୍ତେ ଲାଭ କରିଥାଉ। ଆମ୍ଭେମାନେ ଈଶ୍ୱରଙ୍କର ସନ୍ତାନ ଅଟୁ ଓ ଈଶ୍ୱର ଆମ୍ଭମାନଙ୍କର ପ୍ରେମିକ ପିତା ଅଟନ୍ତି।

ସମସ୍ତ ବିଶ୍ୱାସୀ 'ଈଶ୍ୱରଙ୍କ ସନ୍ତାନ' (ପୁଅ ଓ ଝିଅ) ଅଟନ୍ତି, କାରଣ ସେମାନେ ତାହାଙ୍କର ଆତ୍ମା ପାଇଛନ୍ତି। ଈଶ୍ୱରଙ୍କ ସନ୍ତାନ ଶବ୍ଦଟି ବର୍ତ୍ତମାନ ସମୟରେ ଆମ୍ଭେମାନେ ଉତ୍ତରାଧିକାର ସ୍ୱରୂପେ ପାଇଥିବା ଈଶ୍ୱରଙ୍କ ସହିତ ଆମ୍ଭମାନଙ୍କର ସମ୍ପର୍କର ନମୁନା ପରିପ୍ରକାଶ କରେ। ଏହି ପୁତ୍ରତ୍ୱର ଅଧିକାର ରାଜକୀୟ ରକ୍ତର ପ୍ରଥମଜାତ ପୁତ୍ରର ଅଧିକାର, ଯହିଁରେ ପ୍ରଥମଜାତ ପୁତ୍ରଙ୍କର ସମସ୍ତ ଆଇନଗତ ଅଧିକାର ଅନ୍ତର୍ଭୁକ୍ତ। ଅତଏବ, ଆମ୍ଭେମାନେ ଈଶ୍ୱରଙ୍କ ରାଜ୍ୟର ରାଜା, ଯୀଶୁଙ୍କ ସହ ସମାନ ଭାବରେ ଉତ୍ତରାଧିକାରୀ ହୋଇଥାଉ।

## ସାକ୍ଷ୍ୟ ଦିଅନ୍ତୁ

ସେମାନେ ଈଶ୍ୱରଙ୍କ ସନ୍ତାନ (ରାଜକୀୟ ରକ୍ତର ପ୍ରଥମଜାତ ପୁତ୍ର) ବୋଲି ଜାଣିବାର ଅର୍ଥ ସେମାନଙ୍କ ପ୍ରତି କ'ଣ, ସେ ବିଷୟରେ ପ୍ରତ୍ୟେକ ଜଣକୁ ଦୁଇ କିମ୍ବା ତିନୋଟି ବାକ୍ୟରେ ପ୍ରକାଶ କରିବା ପାଇଁ କୁହନ୍ତୁ।

ଏହି ଶାସ୍ତ୍ରାଂଶରୁ ଆପଣମାନେ ଈଶ୍ୱରଙ୍କ ବିଷୟରେ **କେଉଁ** ଏକ ବିଷୟ ଶିଖୁଛନ୍ତି?

ଯୀଶୁଙ୍କଠାରେ ଈଶ୍ୱର ଆପଣାର ସମସ୍ତ ବିଷୟ ଦାନ କରନ୍ତି, ସେ ଆମ୍ଭମାନଙ୍କୁ ଆପଣା ପୁତ୍ରତ୍ୱର ଆତ୍ମା ଦାନ କରନ୍ତି, କାରଣ ଈଶ୍ୱର ଅଧିକ ପ୍ରେମ କରନ୍ତି।

ଆପଣଙ୍କର ବ୍ୟାବହାରିକ, ପ୍ରତ୍ୟୁତ୍ତର/ପ୍ରାର୍ଥନା **କ'ଣ**?


# ଅଧିବେଶନ ୯: ମୁଁ ଯେପରି, ସେପରି ଭାବରେ ହିଁ ଗ୍ରହଣ କରାଯିବା

*ତାହାଙ୍କ ପ୍ରେମରେ ମୁଁ ମିଳିଅଛି। ମୁଁ ଯେପରି ସେପରି ଭାବରେ ହିଁ ଗ୍ରହଣ କରାଯାଇଅଛି। ଅନନ୍ତକାଳ ପାଇଁ ବନ୍ଧାଯାଇଅଛି। ଜୀବନର ପୂର୍ଣ୍ଣତାରେ ତାହା ହୋଇଅଛି। ମୁଁ ଚିରକାଳ ପାଇଁ ପରିବର୍ତ୍ତିତ ହୋଇଅଛି। ମହାନ୍ 'ମୁଁ' ଙ୍କ ଦ୍ୱାରା।*

## ପ୍ରାରମ୍ଭିକ ପ୍ରାର୍ଥନା

ଅଧିବେଶନଟିକୁ ଆରମ୍ଭ କରିବା ନିମନ୍ତେ ଜଣେ କାହାକୁ ପ୍ରାର୍ଥନା କରିବାକୁ କୁହନ୍ତୁ।

## ଉପାସନା



ଦଳଗତ ଭାବରେ ଗାଇବା ପାଇଁ ଦୁଇ କିମ୍ବା ତିନୋଟି ଉପାସନା ଗୀତ ବାଛନ୍ତୁ, ଯାହା ମୁଁ ଯେପରି, ସେପରି ଭାବରେ ହିଁ ଈଶ୍ୱରଙ୍କ ଦ୍ୱାରା ଗ୍ରହଣ କରାଯାଇଅଛି ବୋଲି ପ୍ରକାଶ କରୁଥିବ।

## ଚାରି କାର୍ଡ଼ ବିଶିଷ୍ଟ କର୍ମଶାଳା

**ସୋପାନ ୧:** ପ୍ରତି ଜଣ ଖାଲି କାଗଜ ଖଣ୍ଡେ ଖଣ୍ଡେ ନିଅନ୍ତୁ ଓ ସେଗୁଡ଼ିକୁ ଚାରି ଚାରି ଖଣ୍ଡ କରି କାଟନ୍ତୁ। ପ୍ରତି ଜଣ ସେମାନଙ୍କ କାର୍ଡ଼ର ସମ୍ମୁଖ ଭାଗରେ ନିମ୍ନରେ ଦତ୍ତ ତାଲିକାଭୁକ୍ତ ପ୍ରତିଟି ବିଷୟ ଦର୍ଶାଉଥିବା ଚିତ୍ରଟିଏ ଅଙ୍କନ କରିବେ।

କାର୍ଡ଼ ୧ = ମୁଁ ନିଜେ।   କାର୍ଡ଼ ୨ = ମୋର ପରିବାର।   କାର୍ଡ଼ ୩ = ମୋର ଶିକ୍ଷା।   କାର୍ଡ଼ ୪ = ମୋର ଗାଁ।

**ସୋପାନ ୨:** ପ୍ରତିଜଣ ସେମାନଙ୍କର ଚାରୋଟି କାର୍ଡ଼ ମଧ୍ୟରୁ ପ୍ରତ୍ୟେକଟିର ପଛ ପାର୍ଶ୍ୱରେ ସାଧାରଣ ଚିତ୍ର ଓ ଶବ୍ଦମାଳା ମାଧ୍ୟମରେ ସେମାନେ ନିଜକୁ, ସେମାନଙ୍କର ପରିବାରକୁ, ସେମାନଙ୍କର ସ୍କୁଲ୍ ଓ ସେମାନଙ୍କର ଲୋକ ସମ୍ପ୍ରଦାୟକୁ ବର୍ଣ୍ଣନା କରିବେ। କାର୍ଡ଼ଗୁଡ଼ିକ ଉପରେ ନାମ ଲେଖିବେ ନାହିଁ।

କାର୍ଡ଼ ୧: ମୁଁ ନିଜ ବିଷୟରେ କିପରି ଅନୁଭବ କରେ? (ଏକ ସୁଖୀ କିମ୍ବା ଦୁଃଖୀ ମୁଖମଣ୍ଡଳର ଚିତ୍ର ଆଙ୍କନ୍ତୁ)। ମୁଁ ପ୍ରେମ ପାଉଛି ବୋଲି ଅନୁଭବ କରୁଛି କି? ମୋ ଲୋକ ସମ୍ପ୍ରଦାୟ ଦ୍ୱାରା ଗ୍ରହଣୀୟ ହେଉଥିବା ମୁଁ ଅନୁଭବ କରୁଛି କି? ମୁଁ କ'ଣ ଭଲ କରୁଛି? ମୁଁ କ'ଣ କରିବାକୁ ଭଲ ପାଉଛି? ମୋର ପ୍ରିୟ ପଶୁ କ'ଣ? ମୋର ପ୍ରିୟ ଖାଦ୍ୟ କ'ଣ? ମୋର ସ୍ୱପ୍ନଗୁଡ଼ିକ କ'ଣ? ମୁଁ କ'ଣ ଭୟଭୀତ ମନେ କରୁଛି?

କାର୍ଡ଼ ୨: ମୋର ପରିବାରରେ କିଏ କିଏ ଅଛନ୍ତି? ମୋ ପରିବାରର ସ୍ୱାସ୍ଥ୍ୟ କ'ଣ? କେଉଁ ଦେବତାଠାରେ ମୋର ପରିବାର ବିଶ୍ୱାସ କରନ୍ତି? ମୋ ଉପରେ ଅଧିକାର ସାବ୍ୟସ୍ତ କରୁଥିବା ଲୋକମାନେ କି ପ୍ରକାର? (ଏକ ସୁଖୀ କିମ୍ବା ଦୁଃଖୀ ମୁଖମଣ୍ଡଳରେ ଚିତ୍ର ଆଙ୍କନ୍ତୁ)

କାର୍ଡ଼ ୩: ମୋର ଜୀବନ ସମ୍ବନ୍ଧରେ ମୁଁ କିପରି ଅନୁଭବ କରୁଛି? (ଏକ ସୁଖୀ କିମ୍ବା ଦୁଃଖୀ ମୁଖମଣ୍ଡଳୀର ଚିତ୍ର ଆଙ୍କନ୍ତୁ) ମୁଁ ପିଲାଟିଏ ଥିବା ସମୟରେ କେଉଁ ଏକ ନିର୍ଦ୍ଦିଷ୍ଟ ବିଷୟ ଶିଖିଲି? ଯିଏ ମୋତେ ତାହା ଶିଖାଇଥିଲା, ସେ କାହା ସଦୃଶ୍ୟ? ମୋର ଶିଖିବାର ପ୍ରିୟ ବିଷୟ ବା ପ୍ରସଙ୍ଗ କ'ଣ ଥିଲା? ମୋର ଶିଖିବାର କଠିନ ବିଷୟ ବା ପ୍ରସଙ୍ଗ କ'ଣ ଥିଲା? କେଉଁ ବିଷୟ ବା ପ୍ରସଙ୍ଗ ଶିଖିବା ସକାଶେ ସବୁଠାରୁ ସହଜ ଥିଲା? ମୁଁ ନିରାପଦ ବୋଲି ଅନୁଭବ କରୁନଥିବା ସ୍ଥାନଗୁଡ଼ିକ କେଉଁଠାରେ? ମୁଁ ନିରାପଦ ବୋଲି ଅନୁଭବ କରୁଥିବା ସ୍ଥାନଗୁଡ଼ିକ କେଉଁଠାରେ?

କାର୍ଡ଼ ୪: ମୁଁ ବାସ କରୁଥିବା ଜାଗାରେ କ'ଣ କ'ଣ ଭଲ ପାଉଛି? ମୁଁ ବାସ କରୁଥିବା ଜାଗାରେ କ'ଣ ଭଲ ପାଉନି? ମୁଁ ବାସ କରୁଥିବା ଜାଗାରେ ବୟସ୍କ ଲୋକମାନେ କ'ଣ କରନ୍ତି? ବୟସ୍କ ଲୋକମାନେ ମୋତେ କିପରି ସାହାଯ୍ୟ କରନ୍ତି?

**ସୋପାନ ୩:** ପ୍ରତ୍ୟେକ ଜଣ ସେମାନଙ୍କର କାର୍ଡ଼ଗୁଡ଼ିକରେ ଉପର ଲିଖିତ ସୂଚନା ସମ୍ପୂର୍ଣ୍ଣ କଲାପରେ, ସେମାନେ କାର୍ଡ଼ଗୁଡ଼ିକ ଆପଣଙ୍କୁ ଦେବେ। ସେଗୁଡ଼ିକ ସେମାନଙ୍କର ଚାରିଟିକିଆ ସେଟ୍‌ରେ ରଖନ୍ତୁ।

**ସୋପାନ ୪:** ପ୍ରତ୍ୟେକ ଜଣକୁ ଗୋଟାଏ ଲେଖାଏ ଚାରିଟିକିଆ ସେଟ୍‌ଟିକୁ ଦିଅନ୍ତୁ, ଯାହା ସେମାନଙ୍କର ହୋଇନଥିବ। ପ୍ରତ୍ୟେକଙ୍କର ପରିଚୟ ଗୋପନୀୟ ରହିବା ଉଚିତ ଓ କେହି ଯେପରି ନ ଜାଣନ୍ତି ଯେ ସେମାନଙ୍କୁ କାହାର ଚାରିଟିକିଆ କାର୍ଡ଼ ସେଟ୍‌ଟି ଦିଆଯାଇଛି।

**ସୋପାନ ୫:** ଜଣ ଜଣ କରି ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କୁ ଦିଆଯାଇଥିବା ଚାରିଟିକିଆ କାର୍ଡ଼ ସମ୍ବନ୍ଧରେ ଦଳ ସମ୍ମୁଖରେ ପ୍ରକାଶ କରନ୍ତୁ।

## ଦଳଗତ ଆଲୋଚନା

ପ୍ରତ୍ୟେକ କାର୍ଡ଼ ସେଟ୍‌ର ଫଳାଫଳ ବିଷୟରେ ଆଲୋଚନା କରନ୍ତୁ । ଆପଣମାନଙ୍କର ହ୍ୟାଣ୍ଡ୍ ଆଉଟ୍ କାଗଜଗୁଡ଼ିକରେ ଉତ୍ତର ସବୁ ଲେଖନ୍ତୁ ।

ପ୍ରତ୍ୟେକ ବ୍ୟକ୍ତି ଆପଣା ଆପଣା ସମ୍ବନ୍ଧରେ ଓ ସେମାନଙ୍କର ପରିସ୍ଥିତି ସମ୍ବନ୍ଧରେ ଯେଭଳି ଅନୁଭବ କରୁଛନ୍ତି, ତା' ମଧ୍ୟରେ **କି** ପ୍ରକାର ଆଦର୍ଶ ବା ସମ୍ପର୍କ ରହିଛି?

ପ୍ରତ୍ୟେକ ଜଣ ମଧ୍ୟରେ ରହିଥିବା କେତେକ ଭିନ୍ନତା ଗୁଡ଼ିକ **କ'ଣ**?

ଆମ୍ଭେମାନେ ସମସ୍ତେ ଚାହିଁଥାଉ ଯେ ସମସ୍ତେ ଆମକୁ ଗ୍ରହଣ କରନ୍ତୁ । ଆମ୍ଭେମାନେ ସମସ୍ତେ ଚାହିଁଥାଉ ଯେ ସମସ୍ତେ ଆମକୁ ଭଲ ପାଆନ୍ତୁ । ଯେତେବେଳେ ଆମ୍ଭେମାନେ ଅନ୍ୟମାନଙ୍କଠାରୁ ଅନୁମୋଦନ ବା ପ୍ରେମ ଲୋଡ଼ିଥାଉ, ସେମାନେ ଓ ସେମାନଙ୍କର ପରିସ୍ଥିତି ଆମ୍ଭମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ କ୍ଷମତା ରଖିଥାଏ ।

**ଆଦି ପୁସ୍ତକ ୨୯:୩୧-୩୫** ପାଠ କରନ୍ତୁ

## ଦଳଗତ ଆଲୋଚନା

ଲେୟା ଓ ଈଶ୍ୱରଙ୍କ ସମ୍ବନ୍ଧରେ ଆପଣଙ୍କ ପର୍ଯ୍ୟବେକ୍ଷଣଗୁଡ଼ିକ ଆଲୋଚନା କରନ୍ତୁ । ଆପଣମାନଙ୍କର ହ୍ୟାଣ୍ଡ୍ ଆଉଟ୍ କାଗଜଗୁଡ଼ିକରେ ଉତ୍ତର ସବୁ ଲେଖନ୍ତୁ ।

**ପଦ ୩୧** ଲେୟାଙ୍କ ସମ୍ବନ୍ଧରେ ଈଶ୍ୱର କ'ଣ ଜାଣିଥିଲେ?

ସେ ପ୍ରେମ ପାଉନଥିଲା ।

**ପଦ ୩୨** ଏକ ପୁତ୍ର ସନ୍ତାନ ଲାଭ କରିବା ଫଳରେ କ'ଣ ଘଟିବ ବୋଲି ଲେୟା ଆଶା କରୁଥିଲା?

ତା'ର ସ୍ୱାମୀ ତାକୁ ପ୍ରେମ କରିବ ।

**ପଦ ୩୩** ଏକ ପୁତ୍ର ସନ୍ତାନ ଲାଭ କରିବା ଫଳସ୍ୱରୂପେ ଲେୟାର ସ୍ୱାମୀ ଲେୟାକୁ ପ୍ରେମ କଲେ କି? ନା ।

**ପଦ ୩୪** ତିନିଗୋଟି ପୁତ୍ର ସନ୍ତାନ ଲାଭ କରିବା ପରେ ଲେୟାର ସ୍ୱାମୀ ତାକୁ ପ୍ରେମ କଲେ କି? ନା ।

**ପଦ ୩୫** ଚାରିଗୋଟି ପୁତ୍ର ସନ୍ତାନ ଲାଭ କରିବାପରେ ଲେୟା କ'ଣ କହିଲା?

ଏବେ ମୁଁ ପ୍ରଭୁଙ୍କର ପ୍ରଶଂସା କରିବି ।

ଆମ୍ଭମାନଙ୍କର ଯେ ପ୍ରେମ, ଅନୁମୋଦନ ପ୍ରୟୋଜନ ଅଛି, ଈଶ୍ୱର ଦେଖନ୍ତି । ଈଶ୍ୱର ଲେୟାକୁ ପୁତ୍ର ସନ୍ତାନ ଲାଭ କରିବାର ହୃଦୟର ବାଞ୍ଛା ପ୍ରଦାନ କଲେ ଓ ତଦ୍ଦ୍ୱାରା ଈଶ୍ୱର ଯେ ତାକୁ ଅଧିକ ପ୍ରେମ କରନ୍ତି ତାହା ପ୍ରକାଶ କଲେ । ଈଶ୍ୱର ଆପଣା ଯୋଜନା ମଧ୍ୟରେ ତା' ପାଇଁ ମଧ୍ୟ ଏକ ସ୍ଥାନ ରଖିଥିଲେ । ତା'ର ଚତୁର୍ଥ ପୁତ୍ର ସନ୍ତାନଙ୍କ ଗୋଷ୍ଠୀରୁ ଯୀଶୁ ଜାତ ହେଲେ, ଯେ କି ରକ୍ତମାଂସ ଧାରଣକାରୀ ଈଶ୍ୱର ।

ଯେତେବେଳେ ଆମ୍ଭେମାନେ ଜାଣୁ ଯେ ଈଶ୍ୱର ଆମ୍ଭମାନଙ୍କୁ କେତେ ଅଧିକ ପ୍ରେମ କରନ୍ତି, ଆମ୍ଭେମାନେ ଯେପରି, ସେପରି ଭାବରେହିଁ ସେ ଆମ୍ଭମାନଙ୍କୁ ଗ୍ରହଣ କରନ୍ତି, ଆମ୍ଭେମାନେ ତାହାଙ୍କ ଦୃଷ୍ଟିରେ କେତେ ସୁନ୍ଦର ଓ ତାହାଙ୍କ ଯୋଜନାର ଅଂଶ ହେବା ନିମନ୍ତେ ଜଗତର ସୃଷ୍ଟି ହେବା ପୂର୍ବରୁ ସେ ଆମ୍ଭମାନଙ୍କୁ ମନୋନୀତ କରିଅଛନ୍ତି । ତେବେ ଯାଇ ଆମ୍ଭେମାନେ ସମ୍ପୂର୍ଣ୍ଣ ଭାବରେ ପ୍ରକୃତରେ ମୁକ୍ତ ଅଟୁ, ଆଉ ଆମ୍ଭେମାନେ ଅନ୍ୟ ଲୋକମାନଙ୍କର ପ୍ରେମ କିଅବା ଅନୁମୋଦନ ଲୋଡ଼ିବା ନାହିଁ । ଆମ୍ଭେମାନେ ବର୍ତ୍ତମାନର ଏହି ବାସ୍ତବତାରେ ଜୀବନଯାପନ କରୁଅଛୁ ଯେ ତାହାଙ୍କର ପ୍ରେମ ଓ ତାହାଙ୍କର ଅନୁମୋଦନ ଆମ୍ଭମାନଙ୍କ ନିମନ୍ତେ ଯଥେଷ୍ଟ ।

**ରୋମୀୟ ୧୫:୭** ଓ **ପ୍ରେରିତ ୧୦:୩୪** ପାଠ କରନ୍ତୁ

ଏହି ପଦଗୁଡ଼ିକରୁ ଆପଣ ଈଶ୍ୱରଙ୍କ ସମ୍ବନ୍ଧରେ **କେଉଁ** ଏକ ବିଷୟ ଶିଖୁଛନ୍ତି?

ଈଶ୍ୱର ସମସ୍ତ ଲୋକଙ୍କୁ ସେମାନେ ଯେପରି, ସେହିପରି ଭାବରେ ହିଁ ଗ୍ରହଣ କରନ୍ତି । ସେ ମୁଁ ଯେପରି, ସେହିପରି ଭାବରେ ହିଁ ମୋତେ ଗ୍ରହଣ କରନ୍ତି ।

**ମାଥିଉ ୧୧:୨୮**ରେ ଯୀଶୁ କହିଲେ *"ହେ କ୍ଳାନ୍ତ-ଶ୍ରାନ୍ତ ଓ ଚିନ୍ତାରେ ଭାରଗ୍ରସ୍ତ ଥିବା ଲୋକମାନେ! ମୋ' ନିକଟକୁ ଆସ । ମୁଁ ତୁମ୍ଭକୁ ବିଶ୍ରାମ ଦେବି ।"* (ERV)

ଆପଣଙ୍କର ବ୍ୟାବହାରିକ, ପ୍ରତ୍ୟୁତ୍ତର/ପ୍ରାର୍ଥନା **କ'ଣ**?

# ଅଧିବେଶନ ୧୦: ପରିଚୟ - ଆତ୍ମାରୁ ଜାତ

*ଈଶ୍ୱର: ଯେଉଁମାନେ ରକ୍ତମାଂସରୁ ଜାତ, ସେ ସମସ୍ତଙ୍କ ନିମନ୍ତେ ରକ୍ତମାଂସର ବଳିଦାନ ହେବା ସକାଶେ ସେ ହେଉଛନ୍ତି ରକ୍ତମାଂସରୁ ଜାତ ଆତ୍ମା, ଯେପରି ସେମାନେ ରକ୍ତମାଂସ ବିଶିଷ୍ଟ ହୋଇ ସୁଦ୍ଧା ଆତ୍ମାରୁ ଜାତ ହୋଇପାରିବେ।*

## ପ୍ରାରମ୍ଭିକ ପ୍ରାର୍ଥନା

ଅଧିବେଶନଟିକୁ ଆରମ୍ଭ କରିବା ନିମନ୍ତେ ଜଣେ କାହାକୁ ପ୍ରାର୍ଥନା କରିବାକୁ କୁହନ୍ତୁ।

## ଉପାସନା

ଦଳଗତ ଭାବରେ ଗାଇବା ପାଇଁ ଦୁଇ କିମ୍ବା ତିନୋଟି ଉପାସନା ଗୀତ ବାଛନ୍ତୁ, ଯାହା ମୁଁ ଆତ୍ମାରୁ ଜାତ, ଈଶ୍ୱରଙ୍କର ଏକ ସନ୍ତାନ ବୋଲି ପ୍ରକାଶ କରୁଥିବ।

## ବାଇବଲ ଅଧ୍ୟୟନ

ଆମ୍ଭେମାନେ  ଶିକ୍ଷା କରିଅଛୁ ଯେ ସମସ୍ତ ବିଶ୍ୱାସୀ, ଯେଉଁମାନେ ଯୀଶୁଙ୍କ ରକ୍ତମାଂସର ବଳିଦାନକୁ ଗ୍ରହଣ କରନ୍ତି, ସେମାନେ ଈଶ୍ୱରଙ୍କ ଆତ୍ମା – ଅର୍ଥାତ୍ ଆମ୍ଭମାନଙ୍କ ମଧ୍ୟରେ ବାସ କରୁଥିବା ପବିତ୍ରଆତ୍ମାଙ୍କୁ ଗ୍ରହଣ କରନ୍ତି। ଏହା ଆମ୍ଭମାନଙ୍କ ଉତ୍ତରାଧିକାରର ସମୟ; ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ (ରାଜକୀୟ ରକ୍ତର ପ୍ରଥମଜାତ ସଦୃଶ୍ୟ), ଯୀଶୁଙ୍କ ସହିତ ସହ-ଉତ୍ତରାଧିକାରୀ ଅଟୁ, ପୁଣି ପୃଥିବୀରେ ଅର୍ଥାତ୍ ମନ୍ଦତା ଦ୍ୱାରା ବିନଷ୍ଟହୋଇଥିବା ଜଗତରେ ଥାଇ ବି ଈଶ୍ୱରଙ୍କଠାରେ ବାସ କରୁଅଛୁ।

ଈଶ୍ୱର ଆମ୍ଭମାନଙ୍କ ମଧ୍ୟରେ ଜଣକ ସଦୃଶ୍ୟ ହେଲେ। କାରଣ ସେ ଆମ୍ଭମାନଙ୍କୁ ପ୍ରେମ କରନ୍ତି ଓ ଇତିହାସର ସେହି ମୁହୂର୍ତ୍ତରେ ଯୀଶୁ, ପବିତ୍ରଆତ୍ମାଙ୍କର ମାଧ୍ୟମରେ ରକ୍ତମାଂସ ସ୍ୱରୂପ ଏକ ନାରୀଙ୍କ ଦେଇ ଜାତ ହେଲେ, ଯେପରି ଆମ୍ଭେମାନେ ଯେ ରକ୍ତମାଂସରୁ ଜାତ ହୋଇଅଛୁ, ଯୀଶୁଙ୍କର ସମ୍ପୂର୍ଣ୍ଣ ସିଦ୍ଧ ଅନନ୍ତକାଳୀନ ରକ୍ତମାଂସର ବଳିଦାନରେ ବିଶ୍ୱାସକରି ତାଙ୍କୁ ଗ୍ରହଣ କରିବା ଦ୍ୱାରା ଆତ୍ମାରେ ଜାତ ହେଉ।

**ଯୋହନ ୧:୧୨-୧୩** ପାଠ କରନ୍ତୁ

ଈଶ୍ୱରଙ୍କ କାହାଣୀ, ତାହାଙ୍କ ପ୍ରକୃତ ପ୍ରେମର କାହାଣୀ, ବାଇବଲରୁ ଆମ୍ଭେମାନେ ରକ୍ତମାଂସରୁ ଜାତ ମନୁଷ୍ୟ କାହିଁକି ଆତ୍ମାରୁ ଜାତ ହେବା ପ୍ରୟୋଜନ, ସେ ବିଷୟରେ ଅଧ୍ୟୟନ କରିବା।

**୧ କରିନ୍ଥୀୟ ୧୫:୪୭-୫୧** ପାଠ କରନ୍ତୁ

ଏହି ବାଇବଲ ଶାସ୍ତ୍ରାଂଶ ଉପରେ ଧ୍ୟାନ କରନ୍ତୁ ଓ ଏହାକୁ ଅନେକ ଥର ପାଠ କରନ୍ତୁ।

## ଦଳଗତ ଆଲୋଚନା

ଏହି ବାଇବଲ ଶାସ୍ତ୍ରାଂଶରୁ ପ୍ରଥମ ମନୁଷ୍ୟ (ରକ୍ତମାଂସରୁ ଜାତ) ଓ ଦ୍ୱିତୀୟ ମନୁଷ୍ୟ (ଆତ୍ମାରୁ ଜାତ ଯୀଶୁ, ଯେ କି ରକ୍ତମାଂସରେ ଦେହବନ୍ତ ହେଲେ) ସମ୍ବନ୍ଧରେ ଆପଣଙ୍କ ପର୍ଯ୍ୟବେକ୍ଷଣଗୁଡ଼ିକ ଆଲୋଚନା କରନ୍ତୁ। ଆପଣମାନଙ୍କର ହ୍ୟାଣ୍ଡ ଆଉଟ୍ କାଗଜଗୁଡ଼ିକରେ ଉତ୍ତର ସବୁ ଲେଖନ୍ତୁ।

ପ୍ରଥମ ମନୁଷ୍ୟ **କେଉଁଥିରେ** ନିର୍ମିତ ହୋଇଛନ୍ତି?

ଧୂଳି।

ଯୀଶୁଙ୍କର ନିଜସ୍ୱ ରକ୍ତମାଂସର ବଳିଦାନକୁ ଗ୍ରହଣ କରିବା ପୂର୍ବରୁ ଆମ୍ଭେମାନେ **କାହାର** ପ୍ରତିମୂର୍ତ୍ତି, ସାଦୃଶ୍ୟ ଓ ପରିଚୟରେ ରହିଥାଉ?

ପ୍ରଥମ ମନୁଷ୍ୟ – ଧୂଳିର ମନୁଷ୍ୟ।

ଯେତେବେଳେ ଆମ୍ଭେମାନେ ଯୀଶୁଙ୍କର ନିଜସ୍ୱ ରକ୍ତମାଂସର ବଳିଦାନକୁ ଗ୍ରହଣ କରୁ, ଆମ୍ଭେମାନେ **କାହାର** ପ୍ରତିମୂର୍ତ୍ତି, ସାଦୃଶ୍ୟ ଓ ପରିଚୟ ଲାଭ କରିଥାଉ?

ଦ୍ୱିତୀୟ ମନୁଷ୍ୟ – ସ୍ୱର୍ଗର ପ୍ରଭୁ – ଯୀଶୁ।

ଏହି ବର୍ତ୍ତମାନ ସମୟ ହେଉଛି ଉତ୍ତରାଧିକାରର ସମୟ। ଆମ୍ଭେମାନେ ଯୀଶୁଙ୍କର ପରିଚୟ ପାଇଅଛୁ, ରକ୍ତମାଂସ ବିଶିଷ୍ଟ, ମାତ୍ର ତାହାଙ୍କର ଆତ୍ମା – ପବିତ୍ରଆତ୍ମାଙ୍କଠାରୁ ଜାତ – ଜଣେ ଈଶ୍ୱରଙ୍କ ସନ୍ତାନ (ରାଜକୀୟ ରକ୍ତର ପ୍ରଥମଜାତ ସଦୃଶ୍ୟ), ଯୀଶୁଙ୍କ ସହିତ ସହ-ଉତ୍ତରାଧିକାରୀ ଅଟୁ ପୁଣି ଏହି ପୃଥିବୀରେ ଅର୍ଥାତ୍ ମନ୍ଦତା ଦ୍ୱାରା ବିନଷ୍ଟ ଜଗତରେ ଥାଇ ବି ଈଶ୍ୱରଙ୍କ ରାଜ୍ୟରେ ବାସ କରୁଅଛୁ।

**୧ କରିନ୍ଥୀୟ ୧୫:୫୦-୫୫** ପାଠ କରନ୍ତୁ

ଏହି ବାଇବଲ ଶାସ୍ତ୍ରାଂଶ ଉପରେ ଧ୍ୟାନ କରନ୍ତୁ ଓ ଏହାକୁ ଅନେକ ଥର ପାଠ କରନ୍ତୁ।

## ଦଳଗତ ଆଲୋଚନା

ଏହି ବାଇବଲ ଶାସ୍ତ୍ରାଂଶରୁ ଧୂଳିରୁ ଜାତ (ରକ୍ତମାଂସରୁ ଜାତ) ମନୁଷ୍ୟର ପରିଚୟ ଓ ଆତ୍ମାରୁ ଜାତ ଯୀଶୁଙ୍କ (ଯେ କି ରକ୍ତମାଂସ ସ୍ୱରୂପ ହେଲେ) ସମ୍ବନ୍ଧରେ ଆପଣଙ୍କ ପର୍ଯ୍ୟବେକ୍ଷଣଗୁଡ଼ିକ ଆଲୋଚନା କରନ୍ତୁ। ଆପଣମାନଙ୍କର ହ୍ୟାଣ୍ଡ ଆଉଟ୍ କାଗଜଗୁଡ଼ିକରେ ଉତ୍ତର ସବୁ ଲେଖନ୍ତୁ।

ରକ୍ତମାଂସରୁ ଜାତ ମନୁଷ୍ୟର ସ୍ୱଭାବ ଓ ପରିଚୟ **କ'ଣ**?

ବିନଷ୍ଟ, ଅସାଧୁ, ବିନାଶପ୍ରାପ୍ତ ଓ ମୃତ୍ୟୁ ନିମନ୍ତେ ପରିକଳ୍ପିତ।

ଯୀଶୁଙ୍କର ସ୍ୱଭାବ ଓ ପରିଚୟ **କ'ଣ**?

ଆଦୌ ବିନଷ୍ଟ ନୁହେଁ; ସାଧୁ, ଅନନ୍ତକାଳସ୍ଥାୟୀ, ଜୀବନ ନିମନ୍ତେ ପରିକଳ୍ପିତ।

ସଦସତ୍ ଜ୍ଞାନଦାୟକ ବୃକ୍ଷର ଫଳ ଖାଇବା ଦ୍ୱାରା, ପୁଣି ଶୟତାନର ପ୍ରବଞ୍ଚନାର ଅଂଶୀ ହୋଇ ତା'ର କୁସଙ୍ଗତିରେ ଏକ ହେବାକୁ ମନୋନୀତ କରିବା ଦ୍ୱାରା ପ୍ରଥମ ମନୁଷ୍ୟ ଏକ ବିନଷ୍ଟ ସନ୍ତାନ ହେଲା। ଫଳ ସ୍ୱରୂପେ, ଏହି ସ୍ୱଭାବରେ ଜାତ ସମସ୍ତ ମନୁଷ୍ୟ ବିନଷ୍ଟ ହେଲେ। ପବିତ୍ରଆତ୍ମାଙ୍କ ଦ୍ୱାରା ଜାତ ସନ୍ତାନ, ଦ୍ୱିତୀୟ ମନୁଷ୍ୟ ଯୀଶୁ ଏକ ଅବିନାଶ୍ୟ ସନ୍ତାନ ଯେ କି ରକ୍ତମାଂସ ସ୍ୱରୂପେ ଏକ ନାରୀ ଦେଇ ଜାତ ହେଲେ। ଯୀଶୁ ହେଉଛନ୍ତି ସମ୍ପୂର୍ଣ୍ଣ ସିଦ୍ଧ ରକ୍ତମାଂସର ବଳିଦାନ।

**ରୋମୀୟ ୫:୧୪-୧୯** ପାଠ କରନ୍ତୁ

ଏହି ବାଇବଲ ଶାସ୍ତ୍ରାଂଶ ଉପରେ ଧ୍ୟାନ କରନ୍ତୁ ଓ ଏହାକୁ ଅନେକ ଥର ପାଠ କରନ୍ତୁ।

## ଦଳଗତ ଆଲୋଚନା

ଏହି ବାଇବଲ ଶାସ୍ତ୍ରାଂଶରୁ ଧୂଳିରୁ ଜାତ (ରକ୍ତମାଂସରୁ ଜାତ) ମନୁଷ୍ୟର ଫଳାଫଳ ଓ ଆତ୍ମାରୁ ଜାତ ଯୀଶୁଙ୍କର (ଯେ କି ରକ୍ତମାଂସ ସ୍ୱରୂପ ହେଲେ) ଫଳାଫଳ ସମ୍ବନ୍ଧରେ ଆପଣଙ୍କ ପର୍ଯ୍ୟବେକ୍ଷଣଗୁଡ଼ିକ ଆଲୋଚନା କରନ୍ତୁ। ଆପଣମାନଙ୍କର ହ୍ୟାଣ୍ଡ ଆଉଟ୍ କାଗଜଗୁଡ଼ିକରେ ଉତ୍ତର ସବୁ ଲେଖନ୍ତୁ।

ପ୍ରଥମ ମନୁଷ୍ୟର ଅପରାଧର ଫଳାଫଳ **କ'ଣ**?

**ପଦ ୧୬** ଦୋଷୀ ବୋଲି ବିଚାରିତ ହେଲେ।

**ପଦ ୧୭** ମୃତ୍ୟୁ ରାଜତ୍ୱ କଲା।

ତାହାଙ୍କୁ ଗ୍ରହଣ କରୁଥିବା ସମସ୍ତଙ୍କ ପ୍ରତି ଦ୍ୱିତୀୟ ମନୁଷ୍ୟଙ୍କର ବିନାମୂଲ୍ୟର ଦାନର ଫଳାଫଳ **କ'ଣ**?

**ପଦ ୧୬** ଦୋଷମୁକ୍ତ ହୋଇ ଧାର୍ମିକଗଣିତ ହେଲେ ।

**ପଦ ୧୭** ଯୀଶୁଙ୍କଠାରେ ଜୀବନ ରାଜତ୍ୱ କରୁଅଛି ।

**କଲସୀୟ ୨:୧୩-୧୫** ପାଠ କରନ୍ତୁ

ପ୍ରଥମ ମନୁଷ୍ୟର ଅପରାଧର ଫଳାଫଳ **କ'ଣ**?

**ପଦ ୧୩** ଈଶ୍ୱର ଓ ମନୁଷ୍ୟମାନଙ୍କ ବିରୁଦ୍ଧରେ ଅପରାଧରେ ମୃତ ଓ ଶରୀରର କ୍ଷୟକାରୀ ସ୍ୱାର୍ଥଜନିତ ଅଭିଳାଷରେ ବନ୍ଧନଗ୍ରସ୍ତ, ଯାହା ବିନଷ୍ଟ କରିଥାଏ ।

ତାହାଙ୍କୁ ଗ୍ରହଣ କରୁଥିବା ସମସ୍ତଙ୍କ ପ୍ରତି ଦ୍ୱିତୀୟ ମନୁଷ୍ୟଙ୍କର ବିନାମୂଲ୍ୟର ଦାନର ଫଳାଫଳ **କ'ଣ**?

**ପଦ ୧୩** ଶରୀରର ସ୍ୱାର୍ଥଜନିତ ଅଭିଳାଷ, ଯାହା ବିନଷ୍ଟ ହୋଇଅଛି, ତହିଁ ଉପରେ ଜୟଲାଭ କରି ମନୁଷ୍ୟ ସଜୀବ ହୁଏ, କାରଣ ସମସ୍ତ ଅପରାଧରୁ ଆମ୍ଭେମାନେ କ୍ଷମାପ୍ରାପ୍ତ ହୋଇଅଛୁ ।

**ପଦ ୧୪** ଆଉ ଦୋଷୀ ଭାବରେ ଗଣାଯାଉନାହୁଁ ।

**ପଦ ୧୫** ଆଧିପତ୍ୟ ଓ କର୍ତ୍ତାପଣ ଉପରେ ଜୟଲାଭ କରିଅଛୁ; ସେମାନେ ପରାଜିତ ଓ ବର୍ତ୍ତମାନ ଶକ୍ତିହୀନ ବନ୍ଦୀ ଅଟନ୍ତି ।

ଏହା ଆମ୍ଭମାନଙ୍କର ବର୍ତ୍ତମାନ ସମୟର ଉତ୍ତରାଧିକାର ଅଟେ । ଆମ୍ଭେମାନେ ମୃତ୍ୟୁର ବିଚାର ଓ ଦୋଷରୁ ମୁକ୍ତ ହୋଇ ଧାର୍ମିକ ଗଣାଯାଇଅଛୁ ଓ ଏହି ଜୀବନରେ ଶରୀର ଉପରେ, ସମସ୍ତ ମନ୍ଦାତ୍ମା ଓ କର୍ତ୍ତାପଣ, ଯାହା ଯୀଶୁଙ୍କର ଶାସନ ଓ ରାଜତ୍ୱ ବିରୁଦ୍ଧରେ ଛିଡ଼ା ହୁଏ, ସେଗୁଡ଼ିକ ଉପରେ ରାଜତ୍ୱ କରୁଅଛୁ । ଶୟତାନ କିଅବା ମନ୍ଦ ଆତ୍ମାଗଣ ଆମ୍ଭମାନଙ୍କୁ ଦୋଷାରୋପ କରିପାରିବେ ନାହିଁ, କାରଣ କ୍ରୁଶ ଉପରେ ଯୀଶୁଙ୍କର ବିଜୟ ଲାଭ ଦ୍ୱାରା ସେମାନଙ୍କ ଆଧିପତ୍ୟ ଓ କର୍ତ୍ତାପଣର ସମସ୍ତ ଅସ୍ତ୍ର ଛଡ଼ାଇ ନିଆଯାଇଅଛି ।

ଆମ୍ଭେମାନେ ରକ୍ତମାଂସ ବିଶିଷ୍ଟ ହେଲେହେଁ ଆତ୍ମାରୁ ଜାତ ଅଟୁ ଓ ଯୀଶୁଙ୍କଠାରେ ଥିବା ବିଜୟରେ ସଜୀବ ହୋଇ ମନ୍ଦତା ଦ୍ୱାରା ବିନଷ୍ଟ ହୋଇଥିବା ଏହି ଜଗତରେ ବାସ କରୁଅଛୁ ।

ଆମ୍ଭମାନଙ୍କର ମଧ୍ୟ ଏକ ଉତ୍ତରାଧିକାରର ସମୟ ଅଛି ।

**୧ କରିନ୍ଥୀୟ ୧୫:୨୦-୨୩** ପାଠ କରନ୍ତୁ

ଏହି ବାଇବଲ ଶାସ୍ତ୍ରାଂଶ ଉପରେ ଧ୍ୟାନ କରନ୍ତୁ ଓ ଏହାକୁ ଅନେକ ଥର ପାଠ କରନ୍ତୁ ।

## ଦଳଗତ ଆଲୋଚନା

ଏହି ବାଇବଲ ଶାସ୍ତ୍ରାଂଶରୁ ଧୂଳିରୁ ଜାତ (ରକ୍ତମାଂସରୁ ଜାତ) ମନୁଷ୍ୟର ଫଳାଫଳ ଓ ଆତ୍ମାରୁ ଜାତ ଯୀଶୁଙ୍କର (ଯେ କି ରକ୍ତମାଂସ ସ୍ୱରୂପ ହେଲେ) ଫଳାଫଳ ସମ୍ବନ୍ଧରେ ଆପଣଙ୍କ ପର୍ଯ୍ୟବେକ୍ଷଣଗୁଡ଼ିକ ଆଲୋଚନା କରନ୍ତୁ । ଆପଣମାନଙ୍କର ହ୍ୟାଣ୍ଡ୍ ଆଉଟ୍ କାଗଜଗୁଡ଼ିକରେ ଉତ୍ତର ସବୁ ଲେଖନ୍ତୁ ।

ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥିତ **କିଏ**?

ଯୀଶୁ ।

ଯେତେବେଳେ ଯୀଶୁ ଆପଣାର ସମସ୍ତ ଗୌରବରେ ଏହି ଜଗତକୁ ପୁନରାଗମନ କରିବେ, **କେଉଁମାନେ** ସମ୍ପୂର୍ଣ୍ଣ ସିଦ୍ଧ ଶରୀରରେ ପୁନରୁତ୍ଥିତ ହେବେ, ଯାହାର କଦାପି ବାର୍ଦ୍ଧକ୍ୟ ହେବ ନାହିଁ, କଦାପି ରୋଗ ହେବ ନାହିଁ ଓ କଦାପି କ୍ଷୟ ପାଇବ ନାହିଁ?

ଯେଉଁମାନେ ଯୀଶୁଙ୍କର ବିନାମୂଲ୍ୟର ଦାନକୁ ଓ ତାହାଙ୍କର ରକ୍ତମାଂସର ବଳିଦାନକୁ ବିଶ୍ୱାସ କରି ଗ୍ରହଣ କରିବେ, ସେମାନେ ଆତ୍ମାରୁ ଜାତ ଈଶ୍ୱରଙ୍କ ସନ୍ତାନ ଅଟନ୍ତି ।

**ପ୍ରକାଶିତ ବାକ୍ୟ ୧:୧୮** ପାଠ କରନ୍ତୁ

**କିଏ** ଆତ୍ମାରୁ ଜାତ ହୋଇ ସମ୍ପୂର୍ଣ୍ଣ ରକ୍ତମାଂସର ବଳିଦାନ ହେଲେ, ମୃତ୍ୟୁଭୋଗ କଲେ, ଏକ ସମ୍ପୂର୍ଣ୍ଣ ପୁନରୁତ୍ଥିତ ଶରୀରରେ ଜୀବିତ ହେଲେ, ସ୍ୱର୍ଗକୁ ଆରୋହଣ କଲେ, ଯୁଗେ ଯୁଗେ ଜୀବିତ ଅଟନ୍ତି ଓ ଯାହାଙ୍କ ହସ୍ତରେ ମୃତ୍ୟୁ ଓ ଅନନ୍ତକାଳର କ୍ଷମତା ଅଛି?

ଯୀଶୁ ।

**ପ୍ରକାଶିତ ବାକ୍ୟ ୧:୫-୬** ପାଠ କରନ୍ତୁ

**କିଏ** ବିଶ୍ୱସ୍ତ ସାକ୍ଷୀ, ମୃତମାନଙ୍କ ମଧ୍ୟରୁ ପ୍ରଥମ ଜାତ ଓ ସମସ୍ତଙ୍କ ଉପରେ ସର୍ବୋଚ୍ଚ କ୍ଷମତା ବିଶିଷ୍ଟ ଓ ଶାସନକର୍ତ୍ତା ଅଟନ୍ତି?

ଯୀଶୁ ।

ଯୀଶୁ **କାହିଁକି** ଏ ସମସ୍ତ ଆମ୍ଭମାନଙ୍କ ନିମନ୍ତେ କଲେ?

କାରଣ ସେ ଆମ୍ଭମାନଙ୍କୁ ପ୍ରେମ କରନ୍ତି ।

ଯେତେବେଳେ ଆମ୍ଭେମାନେ ଯୀଶୁଙ୍କର ବିନାମୂଲ୍ୟର ଦାନକୁ, ତାହାଙ୍କର ରକ୍ତମାଂସର ବଳିଦାନକୁ ପୁଣି ତତ୍ ସହିତ ଆମ୍ଭେମାନେ ଯେ ଆତ୍ମାରୁ ଜାତ ଈଶ୍ୱରଙ୍କର ଏକ ଏକ ସନ୍ତାନ ବୋଲି ବିଶ୍ୱାସ କରି ଗ୍ରହଣ କରୁ, ଆମ୍ଭେମାନେ **କ'ଣ** ହୋଇଥାଉ?

ରାଜାଗଣ (ଶୟତାନ, ମନ୍ଦ ଆତ୍ମାଗଣ ଓ ଆମ୍ଭମାନଙ୍କର ଆପଣା ଶରୀର ଉପରେ ଶାସନକର୍ତ୍ତା) ଓ ଯାଜକ ଗଣ(ଈଶ୍ୱର ଓ ଅନ୍ୟମାନଙ୍କ ସହ ପ୍ରେମ ସମ୍ପର୍କ) ।

ଯୀଶୁଙ୍କର ପୁନରୁତ୍ଥାନ ହେଉଛି ପ୍ରଥମ ସମ୍ପୂର୍ଣ୍ଣ ସିଦ୍ଧ ଶରୀରର ପୁନରୁତ୍ଥାନ, ଯେପରି ଆମ୍ଭେମାନେ ବର୍ତ୍ତମାନ କେବଳ ମନ୍ଦତା ଦ୍ୱାରା ବିନଷ୍ଟ ହୋଇଥିବା ଏହି ଜଗତରେ ଯେ ବିଜୟର ସହ ବାସ କରିବା, ତାହା ନୁହେଁ, ମାତ୍ର ଭବିଷ୍ୟତର ଏକ ଅନନ୍ତକାଳୀନ ଭରସା ନେଇ କଦାପି ବାର୍ଦ୍ଧକ୍ୟ ହେଉନଥିବା, କଦାପି କ୍ଷୟ ପାଉନଥିବା, କଦାପି ମୃତ୍ୟୁଭୋଗ କରୁନଥିବା ଏକ ସମ୍ପୂର୍ଣ୍ଣ ସିଦ୍ଧ ପୁନରୁତ୍ଥିତ ଶରୀର ବିଶିଷ୍ଟ ହୋଇ, ମନ୍ଦତା ଦ୍ୱାରା ବିନଷ୍ଟ ହୋଇନଥିବା ଏକ ନୂତନୀକୃତ ଜଗତରେ ବାସ କରିପାରିବା । ଯେତେବେଳେ ଯୀଶୁ ପୃଥିବୀକୁ ପୁନରାଗମନ କରିବେ, ଯେଉଁମାନେ ତାହାଙ୍କର ବିନାମୂଲ୍ୟର ଦାନକୁ, ପୁଣି ତାହାଙ୍କର ରକ୍ତମାଂସର ବଳିଦାନକୁ ଗ୍ରହଣ କରିଥିବେ, ସେମାନେ ଉତ୍ତରାଧିକାର ସ୍ୱରୂପେ ସମ୍ପୂର୍ଣ୍ଣ ସିଦ୍ଧ ପୁନରୁତ୍ଥିତ ଶରୀର ପ୍ରାପ୍ତ ହେବେ ।

ଏହା ବର୍ତ୍ତମାନ ଆମ୍ଭମାନଙ୍କର ଭବିଷ୍ୟତ ସମୟର ଉତ୍ତରାଧିକାର ଅଟେ । ଯେହେତୁ ଈଶ୍ୱର ଅଧିକ ପ୍ରେମ କରନ୍ତି, ଯୀଶୁ ପବିତ୍ରଆତ୍ମାଙ୍କର କର୍ତ୍ତୃକ ଏକ ନାରୀ ଦ୍ୱାରା ଜାତ ହୋଇ ରକ୍ତମାଂସ ସ୍ୱରୂପ ହେବା ନିମନ୍ତେ ମନୋନୀତ କଲେ । ସେ ଆପଣା ନିଜ ସୃଷ୍ଟି ମଧ୍ୟକୁ ଆସିଲେ । ମନୁଷ୍ୟର ଅପରାଧର ଫଳସ୍ୱରୂପେ, ଈଶ୍ୱରଙ୍କ ସୃଷ୍ଟି ମନ୍ଦତା ଦ୍ୱାରା ବିନଷ୍ଟ ହେଲା । ଅସମାନତା, ଉପଦ୍ରବ, ମନ୍ଦତା ଓ ମୃତ୍ୟୁ ରାଜତ୍ୱ କଲା । ଯେହେତୁ ଈଶ୍ୱର ଅଧିକ ପ୍ରେମ କରନ୍ତି, ଯୀଶୁ ଉତ୍ତରାଧିକାରର ପ୍ରଥମ ପୁତ୍ର ଭାବରେ ଆସିଲେ, ଯେପରି ଆମ୍ଭେମାନେ ଆମ୍ଭମାନଙ୍କ ବର୍ତ୍ତମାନ ସମୟର ଓ ଭବିଷ୍ୟତର ସମସ୍ତ ଉତ୍ତରାଧିକାର ଲାଭ କରିବା ନିମନ୍ତେ ରକ୍ତମାଂସ ବିଶିଷ୍ଟ ହେଲେ ହେଁ ଆତ୍ମାରୁ ଜାତହୋଇ ପୁତ୍ରଗଣ ହୋଇପାରିବା । ହାଲେଲୁୟା!

ଏହି ଅଧିବେଶନଟିରୁ ଆପଣ ଈଶ୍ୱରଙ୍କ ସମ୍ବନ୍ଧରେ **କେଉଁ** ଏକ ବିଷୟ ଶିଖିଲେ?

ଈଶ୍ୱର ଅଧିକ ପ୍ରେମ କରନ୍ତି ଏବଂ ରକ୍ତମାଂସ ସ୍ୱରୂପେ ଯୀଶୁଙ୍କର ଜୀବନ, ମୃତ୍ୟୁ ଓ ପୁନରୁତ୍ଥାନ, ଈଶ୍ୱରଙ୍କର ସାକ୍ଷ୍ୟ ଓ ପ୍ରମାଣ ଅଟେ ।

ଆପଣଙ୍କର ବ୍ୟାବହାରିକ, ପ୍ରତ୍ୟୁତ୍ତର/ପ୍ରାର୍ଥନା **କ'ଣ**?

# ଅଧିବେଶନ ୧୧: ପ୍ରିୟତମଙ୍କଠାରେ ଗୃହୀତ ହେବା

*ଦୁଇଗୋଟି ମାନବୀୟ ଆବଶ୍ୟକତା: ଗୃହୀତ ହେବା ନିମନ୍ତେ ଇଚ୍ଛା ଓ ପ୍ରେମ ପାଇବା ନିମନ୍ତେ ଇଚ୍ଛା।*
*ଈଶ୍ୱର ଆମ୍ଭମାନଙ୍କୁ ପ୍ରିୟତମଙ୍କଠାରେ (ପ୍ରିୟତମ ଯୀଶୁଙ୍କଠାରେ) ଗ୍ରହଣଯୋଗ୍ୟ (ବିଶେଷ ସମ୍ମାନର ସହ) କରିଅଛନ୍ତି।*

## ପ୍ରାରମ୍ଭିକ ପ୍ରାର୍ଥନା

ଅଧିବେଶନଟିକୁ ଆରମ୍ଭ କରିବା ନିମନ୍ତେ ଜଣେ କାହାକୁ ପ୍ରାର୍ଥନା କରିବାକୁ କୁହନ୍ତୁ।

## ଉପାସନା

ଦଳଗତ ଭାବରେ ଗାଇବା ପାଇଁ ଦୁଇ କିମ୍ବା ତିନୋଟି ଉପାସନା ଗୀତ ବାଛନ୍ତୁ, ଯାହା ମୁଁ ଈଶ୍ୱରଙ୍କ ଦ୍ୱାରା ପ୍ରେମ ପ୍ରାପ୍ତ ଓ ଖ୍ରୀଷ୍ଟଙ୍କଠାରେ ବିଶେଷ ସମ୍ମାନ ଓ ଆଶୀର୍ବାଦ ପ୍ରାପ୍ତ ବୋଲି ପ୍ରକାଶ କରୁଥିବ।

## ବାଇବଲ ଅଧ୍ୟୟନ

ଆମ୍ଭେମାନେ ଶିକ୍ଷା କରିଅଛୁ ଯେ ସମସ୍ତ ବିଶ୍ୱାସୀ, ଯେଉଁମାନେ ଯୀଶୁଙ୍କ ରକ୍ତମାଂସର ନିଜସ୍ୱ ବଳିଦାନକୁ ଗ୍ରହଣ କରନ୍ତି, ସେମାନେ ଈଶ୍ୱରଙ୍କ ଆତ୍ମା, ଅର୍ଥାତ୍ ଅନ୍ତର୍ବାସୀ ପବିତ୍ରଆତ୍ମାଙ୍କୁ ପ୍ରାପ୍ତ ହୁଅନ୍ତି। ଏହା ଆମ୍ଭମାନଙ୍କର ବର୍ତ୍ତମାନ ସମୟର ଉତ୍ତରାଧିକାର ଅଟେ। ଆମ୍ଭେମାନେ ଈଶ୍ୱରଙ୍କ ଏକ ଏକ ସନ୍ତାନ (ରାଜକୀୟ ରକ୍ତର ପ୍ରଥମଜାତ ସଦୃଶ), ଯୀଶୁଙ୍କ ସହିତ ସହ-ଉତ୍ତରାଧିକାରୀ ଭାବରେ ମନ୍ଦତା ଦ୍ୱାରା ବିନଷ୍ଟ ହୋଇଥିବା ଜଗତରେ ଥାଇ ଈଶ୍ୱରଙ୍କ ରାଜ୍ୟରେ ବାସ କରୁଅଛୁ।

ଈଶ୍ୱର ଆମ୍ଭମାନଙ୍କ ମଧ୍ୟରେ ଜଣକ ସଦୃଶ ହେବା ପାଇଁ ମନୋନୀତ କଲେ, କାରଣ ସେ ଆମ୍ଭମାନଙ୍କୁ ପ୍ରେମ କରନ୍ତି ଓ ଇତିହାସର ସେହି ମୁହୂର୍ତ୍ତରେ, ଯୀଶୁ, ପବିତ୍ରଆତ୍ମାଙ୍କର ଔରସ ମାଧ୍ୟମରେ ରକ୍ତମାଂସ ସ୍ୱରୂପେ ଏକ ନାରୀଙ୍କ ଦେଇ ଜାତ ହେଲେ, ଯେପରି ଆମ୍ଭେ ଯେଉଁମାନେ ରକ୍ତମାଂସରୁ ଜାତ ହୋଇଅଛୁ, ଯୀଶୁଙ୍କର ସମ୍ପୂର୍ଣ୍ଣ ସିଦ୍ଧ ଅନନ୍ତକାଳୀନ ରକ୍ତମାଂସର ବଳିଦାନରେ ବିଶ୍ୱାସ କରି ତାଙ୍କୁ ଗ୍ରହଣ କରିବା ଦ୍ୱାରା ଆତ୍ମାରେ ଜାତ ହେଉ।

ତାହାଙ୍କର କାହାଣୀ, ତାହାଙ୍କର ପ୍ରକୃତ ପ୍ରେମର କାହାଣୀ, ବାଇବଲରୁ ଆମ୍ଭେମାନେ ପିତାଙ୍କର ପ୍ରେମ, ଆଶୀର୍ବାଦ, ଇଚ୍ଛା (ହୃଦୟର ବାଞ୍ଛା) ଓ ଅନନ୍ତକାଳ ପାଇଁ ଉଦ୍ଧାରକାରୀ ସଂକଳ୍ପ ବିଷୟ ଅଧ୍ୟୟନ କରିବା।

**ଏଫିସୀୟ ୧:୩-୧୪** ପାଠ କରନ୍ତୁ

ଏହି ବାଇବଲ ଶାସ୍ତ୍ରାଂଶ ଉପରେ ଧ୍ୟାନ କରନ୍ତୁ ଓ ଏହାକୁ ଅନେକ ଥର ପାଠ କରନ୍ତୁ।

## ଦଳଗତ ଆଲୋଚନା

ଆପଣଙ୍କ ପର୍ଯ୍ୟବେକ୍ଷଣଗୁଡ଼ିକ ଆଲୋଚନା କରନ୍ତୁ। ଆପଣମାନଙ୍କର ହ୍ୟାଣ୍ଡ୍ ଆଉଟ୍ କାଗଜଗୁଡ଼ିକରେ ଉତ୍ତର ସବୁ ଲେଖନ୍ତୁ।

ଈଶ୍ୱରଙ୍କର ଇଚ୍ଛା ଓ ଯୋଜନା **କ'ଣ** ଯାହା ସେ ଆମ୍ଭମାନଙ୍କ ପ୍ରତି ପ୍ରକାଶ କରିଅଛନ୍ତି? **୯- ୧୦ ପଦ** ପାଠ କରନ୍ତୁ

ସମୟର ପୂର୍ଣ୍ଣତାରେ, ଉଭୟ ସ୍ୱର୍ଗୀୟ ରାଜ୍ୟରେ ଓ ପୃଥିବୀ ରାଜ୍ୟରେ ଥିବା ସମସ୍ତ ବିଷୟ ଖ୍ରୀଷ୍ଟଙ୍କଠାରେ ଏକ ଅଟନ୍ତି।

ପିତା ଈଶ୍ୱର ଆମ୍ଭମାନଙ୍କୁ **କ'ଣ** ଦାନ କରିଅଛନ୍ତି (ଅତୀତ ସମୟର), ଯଦ୍ଦ୍ୱାରା ଆମ୍ଭେମାନେ ସେଗୁଡ଼ିକ ବର୍ତ୍ତମାନ ପ୍ରାପ୍ତ ହୋଇଅଛୁ? **୩ ପଦ** ପାଠ କରନ୍ତୁ

ପ୍ରତ୍ୟେକ ଆତ୍ମିକ ଆଶୀର୍ବାଦ।

ଏହି ଆଶୀର୍ବାଦ **କେଉଁଠି** ଅଛି?

ସ୍ୱର୍ଗୀୟ ସ୍ଥାନରେ।

ଏହି ସମସ୍ତ ପାଇବା ପାଇଁ ଆମ୍ଭେମାନେ କାହାଠାରେ ଅବା **କାହା** ସହିତ ଅଛୁ?

ଖ୍ରୀଷ୍ଟଯୀଶୁ।

ବର୍ତ୍ତମାନ ସମୟରେ, ଖ୍ରୀଷ୍ଟ ଯେପରି ସ୍ୱର୍ଗୀୟ ସ୍ଥାନରେ, ଏକ ଅଧିକାରଯୁକ୍ତ ସ୍ଥାନରେ ଉପବେଶନ କରିଅଛନ୍ତି, ସେପରି ଆମ୍ଭେମାନେ ମଧ୍ୟ ଅଟୁ। ବର୍ତ୍ତମାନ ସମୟରେ, ଯେପରି ଖ୍ରୀଷ୍ଟ, ସେପରି ଆମ୍ଭେମାନେ ସମସ୍ତ ଆତ୍ମିକ ଆଶୀର୍ବାଦ ପାଇଅଛୁ। ପରବର୍ତ୍ତୀ ପଦଗୁଡ଼ିକ ଏହି ଆଶୀର୍ବାଦଗୁଡ଼ିକର କେତେକ ବିବରଣୀ ଉଲ୍ଲେଖ କରେ।

ଖ୍ରୀଷ୍ଟଯୀଶୁଙ୍କଠାରେ ଆମ୍ଭେମାନେ **କିଏ** (ବର୍ତ୍ତମାନ ସମୟରେ), ଯାହା ପିତା ଈଶ୍ୱରଙ୍କ ଦ୍ୱାରା ଆମ୍ଭମାନଙ୍କୁ ଦତ୍ତ ହୋଇଅଛି (ଅତୀତରୁ)? ଏହାର ଉତ୍ତର ବ୍ୟକ୍ତିଗତ ଭାବରେ ଦିଅନ୍ତୁ ଓ ଆପଣଙ୍କ ଉତ୍ତର ଆଗରେ "ମୁଁ" ଲେଖନ୍ତୁ। **୪-୫ ପଦ** ପାଠ କରନ୍ତୁ

ଉଦାହରଣ: ମୁଁ ପ୍ରେମରେ, ମୋ ପିତାଙ୍କ ଇଚ୍ଛାରେ ପବିତ୍ର, ଦୋଷରହିତ ପୁତ୍ର ଭାବରେ, ପ୍ରିୟତମ (ଅତ୍ୟଧିକ ପ୍ରେମପ୍ରାପ୍ତ)ଙ୍କଠାରେ, ମୁଁ ଯେପରି ସେହିପରି ଭାବରେ ହିଁ ଗ୍ରହଣ କରାଯାଇ ମନୋନୀତ ହୋଇଅଛି, ଯାହା ତାହାଙ୍କର ହୃଦୟର ବାଞ୍ଛା।

ଯୀଶୁ ଈଶ୍ୱରଙ୍କର "ପ୍ରିୟତମ" ପୁତ୍ର, ପିତାଙ୍କର ପ୍ରେମର ସର୍ବଶ୍ରେଷ୍ଠ ବ୍ୟକ୍ତି। ଆମ୍ଭେମାନେ ମଧ୍ୟ ତାହାଙ୍କ ପ୍ରେମର "ପୁତ୍ରଗଣ", ପୁଣି ଆମ୍ଭେମାନେ ଯେପରି ସେପରି ଭାବରେ ହିଁ ଗ୍ରହଣ କରାଯାଇଅଛୁ। ଆମ୍ଭେମାନେ ଯେ ବର୍ତ୍ତମାନ ସମୟରେ ବାସ କରୁଅଛୁ, ତାହା ପିତା ଓ ପୁତ୍ରଙ୍କ ମଧ୍ୟରେ ରହିଥିବା ସିଦ୍ଧ ପ୍ରେମ ସମ୍ପର୍କର ଆତ୍ମିକ ବାସ୍ତବତା। ଆମ୍ଭେମାନେ ତାହାଙ୍କର ହୃଦୟର ବାଞ୍ଛା ଅଟୁ।

ଖ୍ରୀଷ୍ଟଙ୍କଠାରେ ଆମ୍ଭେମାନେ **କିଏ** (ବର୍ତ୍ତମାନ ସମୟର), ଯାହା ଈଶ୍ୱରଙ୍କ ଦ୍ୱାରା ଆମ୍ଭମାନଙ୍କୁ ଦତ୍ତ ହୋଇଅଛି (ଅତୀତରୁ)? ଏହାର ଉତ୍ତର ବ୍ୟକ୍ତିଗତ ଭାବରେ ଦିଅନ୍ତୁ ଓ ଆପଣଙ୍କ ଉତ୍ତର ଆଗରେ "ମୁଁ" ଲେଖନ୍ତୁ। **୭-୮ ପଦ** ପାଠ କରନ୍ତୁ

ଉଦାହରଣ: ଯୀଶୁଙ୍କ ରକ୍ତମାଂସର ନିଜସ୍ୱ ବଳିଦାନ ଦ୍ୱାରା, ପୁଣି ଏକ ଅନନ୍ତ ଓ ପ୍ରାଚୁର୍ଯ୍ୟ ବହିର୍ଭୁତ ଈଶ୍ୱରଙ୍କ କୃପାରୁ ମୁଁ ଅନନ୍ତକାଳ ନିମନ୍ତେ ମୁକ୍ତି ଓ କ୍ଷମାପ୍ରାପ୍ତ ହୋଇଅଛି।

ଖ୍ରୀଷ୍ଟଙ୍କଠାରେ ଆମ୍ଭେମାନେ **କିଏ** (ବର୍ତ୍ତମାନ ସମୟର), ଯାହା ଈଶ୍ୱରଙ୍କ ଦ୍ୱାରା ଆମ୍ଭମାନଙ୍କୁ ଦତ୍ତ ହୋଇଅଛି (ଅତୀତରୁ)? ଏହାର ଉତ୍ତର ବ୍ୟକ୍ତିଗତ ଭାବରେ ଦିଅନ୍ତୁ ଓ ଆପଣଙ୍କ ଉତ୍ତର ଆଗରେ "ମୁଁ" ଲେଖନ୍ତୁ। **୧୧ ପଦ** ପାଠ କରନ୍ତୁ

ଉଦାହରଣ: ମୁଁ ମୋର ଉତ୍ତରାଧିକାରକୁ (ବର୍ତ୍ତମାନ ସମୟର) ଦୃଢ଼କରି ଧରିଅଛି, କାରଣ ଏହା ମୋର ଈଶ୍ୱର-ଦତ୍ତ ସଂକଳ୍ପ ଓ ତାହାଙ୍କର ହୃଦୟର ବାଞ୍ଛା।

ଖ୍ରୀଷ୍ଟଙ୍କଠାରେ ଆମ୍ଭେମାନେ **କିଏ** (ବର୍ତ୍ତମାନ ସମୟର), ଯାହା ଈଶ୍ୱରଙ୍କ ଦ୍ୱାରା ଆମ୍ଭମାନଙ୍କୁ ଦତ୍ତ ହୋଇଅଛି (ଅତୀତରୁ)? ଏହାର ଉତ୍ତର ବ୍ୟକ୍ତିଗତ ଭାବରେ ଦିଅନ୍ତୁ ଓ ଆପଣଙ୍କ ଉତ୍ତର ଆଗରେ "ମୁଁ" ଲେଖନ୍ତୁ। **୧୩-୧୪ ପଦ** ପାଠ କରନ୍ତୁ

ଉଦାହରଣ: ମୁଁ ପବିତ୍ରଆତ୍ମାଙ୍କ ଦ୍ୱାରା ମୁଦ୍ରାଙ୍କିତ, ଯାହା ମୋର ଉତ୍ତରାଧିକାର (ବର୍ତ୍ତମାନ ସମୟର ଓ ଭବିଷ୍ୟତ)ର ବଇନା ସ୍ୱରୂପ।

ସ୍ମରଣରେ ରଖନ୍ତୁ ଯେ ବର୍ତ୍ତମାନ ସମୟରେ ଯେପରି ଖ୍ରୀଷ୍ଟ ସ୍ୱର୍ଗୀୟ ସ୍ଥାନରେ, ଅଧିକାରଯୁକ୍ତ ସ୍ଥାନରେ ଉପବିଷ୍ଟ ଅଛନ୍ତି, ସେହି ପ୍ରକାରେ ଆମ୍ଭେମାନେ ମଧ୍ୟ ତାହାଙ୍କ ସହିତ ଅଛୁ। ବର୍ତ୍ତମାନ ସମୟରେ, ଖ୍ରୀଷ୍ଟ ଯେପରି, ସେହିପରି ଆମ୍ଭେମାନେ ମଧ୍ୟ ସମସ୍ତ ଆତ୍ମିକ ଆଶୀର୍ବାଦ ପାଇଅଛୁ।

**ଏଫିସୀୟ ୧:୨୧-୨୩** ପାଠ କରନ୍ତୁ

ଏହି ବାଇବଲ ଶାସ୍ତ୍ରାଂଶ ଉପରେ ଧ୍ୟାନ କରନ୍ତୁ ଓ ଏହାକୁ ଅନେକ ଥର ପାଠ କରନ୍ତୁ।

## ଦଳଗତ ଆଲୋଚନା

ଆପଣଙ୍କ ପର୍ଯ୍ୟବେକ୍ଷଣଗୁଡ଼ିକ ଆଲୋଚନା କରନ୍ତୁ । ଆପଣମାନଙ୍କର ହ୍ୟାଣ୍ଡ୍ ଆଉଟ୍ କାଗଜଗୁଡ଼ିକରେ ଉତ୍ତର ସବୁ ଲେଖନ୍ତୁ ।

ବର୍ତ୍ତମାନ ସମୟରେ ଓ ଭବିଷ୍ୟତରେ ଯୀଶୁଙ୍କର **କେତେ** ଶକ୍ତି ଓ ଅଧିକାର ଅଛି? **୨୧ ପଦ** ପାଠ କରନ୍ତୁ

ସମସ୍ତ ଆଧିପତ୍ୟ,କର୍ତ୍ତାପଣ, ଶକ୍ତି, ପ୍ରଭୁତ୍ୱ, ପୁଣି ଇହକାଳ ଓ ମଧ୍ୟ ପରକାଳରେ ଯେତେ ନାମ ଖ୍ୟାତ, ସେ ସମସ୍ତଙ୍କ ଉପରେ ।

ଯୀଶୁଙ୍କର ପୂର୍ଣ୍ଣତା **କିଏ** ଅଟନ୍ତି? **୨୩ ପଦ** ପାଠ କରନ୍ତୁ

ସମସ୍ତ ବିଶ୍ୱାସୀ, ଯେଉଁମାନେ ଯୀଶୁଙ୍କ ରକ୍ତମାଂସର ନିଜସ୍ୱ ବଳିଦାନକୁ ଗ୍ରହଣ କରିଅଛନ୍ତି ।

ସମସ୍ତ ବିଶ୍ୱାସୀ, ଯେଉଁମାନେ ଯୀଶୁଙ୍କ ରକ୍ତମାଂସର ନିଜସ୍ୱ ବଳିଦାନକୁ ଗ୍ରହଣ କରିଅଛନ୍ତି, ସେମାନଙ୍କର ପୂର୍ଣ୍ଣତା **କିଏ**?

ଖ୍ରୀଷ୍ଟଯୀଶୁ ।

**ଏଫିସୀୟ ୨:୪-୮** ପାଠ କରନ୍ତୁ

ଏହି ବାଇବଲ ଶାସ୍ତ୍ରାଂଶ ଉପରେ ଧ୍ୟାନ କରନ୍ତୁ ଓ ଏହାକୁ ଅନେକ ଥର ପାଠ କରନ୍ତୁ ।

## ଦଳଗତ ଆଲୋଚନା

ଆପଣଙ୍କ ପର୍ଯ୍ୟବେକ୍ଷଣଗୁଡ଼ିକ ଆଲୋଚନା କରନ୍ତୁ । ଆପଣମାନଙ୍କର ହ୍ୟାଣ୍ଡ୍ ଆଉଟ୍ କାଗଜଗୁଡ଼ିକରେ ଉତ୍ତର ସବୁ ଲେଖନ୍ତୁ ।

ବର୍ତ୍ତମାନ ସମୟରେ ଆମ୍ଭେମାନେ ଖ୍ରୀଷ୍ଟ ଯୀଶୁଙ୍କଠାରେ **କ'ଣ** ପାଇଅଛୁ? **୫-୬ ପଦ** ପାଠ କରନ୍ତୁ

ଖ୍ରୀଷ୍ଟଙ୍କ ସହିତ ଏକତ୍ର ସଜୀବ ହୋଇଅଛୁ । ଆମ୍ଭମାନଙ୍କର ଶାରିରୀକ ଅଭିଳାଷ, ଓ ଶୟତାନ ଏବଂ ସମସ୍ତ ମନ୍ଦଆତ୍ମା ଉପରେ, ଖ୍ରୀଷ୍ଟଙ୍କର ଶକ୍ତି ଓ ଅଧିକାରରେ ସ୍ୱର୍ଗୀୟ ସ୍ଥାନରେ ତାହାଙ୍କ ସହିତ ଏକତ୍ର ଉପବେଶନ କରିବା ନିମନ୍ତେ ଉତ୍ଥାପିତ ହୋଇଅଛୁ ।

ଈଶ୍ୱର **କାହିଁକି** ଆମ୍ଭମାନଙ୍କୁ ସଜୀବ କଲେ ଓ ଖ୍ରୀଷ୍ଟଙ୍କର ଶକ୍ତି ଓ ଅଧିକାରରେ ସ୍ୱର୍ଗୀୟ ସ୍ଥାନରେ ତାହାଙ୍କ ସହିତ ଏକତ୍ର ମିଳି ଉପବେଶନ କରିବା ନିମନ୍ତେ ଉତ୍ଥାପିତ କଲେ? **୪-୮ ପଦ** ପାଠ କରନ୍ତୁ

ଆମ୍ଭମାନଙ୍କ ପ୍ରତି ଈଶ୍ୱରଙ୍କର ମହାନ୍ ପ୍ରେମ ସକାଶୁ । ଏ ସମସ୍ତ ଦେଇ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣାର ଅଶେଷ ପ୍ରେମ, ଦୟା, କରୁଣାର ଅତ୍ୟଧିକ ପ୍ରାଚୁର୍ଯ୍ୟତା ଓ ଆଶୀର୍ବାଦର ଧନ ପ୍ରକାଶ କରିପାରନ୍ତି ।

**ଏଫିସୀୟ ୧:୧୫-୧୯** ପାଠ କରନ୍ତୁ

ପ୍ରେରିତ ପାଉଲ ସାଧୁଗଣଙ୍କ ନିମନ୍ତେ **କ'ଣ** ପ୍ରାର୍ଥନା କରନ୍ତି?

**ପଦ ୧୭** ଯେପରି ଈଶ୍ୱର ସେମାନଙ୍କୁ ଜ୍ଞାନର ଆତ୍ମା ପ୍ରଦାନ କରନ୍ତି, ଯଦ୍ଦ୍ୱାରା ସେମାନେ ତାହାଙ୍କୁ ଅଧିକ ଉତ୍ତମ ଭାବରେ ଜାଣିପାରିବେ ।

**ପଦ ୧୮** ଯେପରି ତାହାଙ୍କର ସତ୍ୟତାକୁ ଅଧିକ ଜାଣିବା ପାଇଁ, ପୁଣି ଯେଉଁମାନେ ସମସ୍ତେ ତାହାଙ୍କର ରକ୍ତମାଂସର ନିଜସ୍ୱ ବଳିଦାନକୁ ବିଶ୍ୱାସକରି ଗ୍ରହଣ କରନ୍ତି, ସେମାନଙ୍କ ନିମନ୍ତେ ବର୍ତ୍ତମାନ ସମୟରେ ଓ ଭବିଷ୍ୟତରେ ତାହାଙ୍କର ଭରସା ଓ ଆଶୀର୍ବାଦକୁ ଜାଣିବା ପାଇଁ ଈଶ୍ୱର ସେମାନଙ୍କର ଆନ୍ତରିକ ଚକ୍ଷୁ ପ୍ରସନ୍ନ କରିବେ, ଯେହେତୁ ସେମାନେ ତାହାଙ୍କର ଗୌରବମୟ ଉତ୍ତରାଧିକାର ଅଟନ୍ତି ।

**ପଦ ୧୯** ତାହାଙ୍କ ଶକ୍ତିର ମହାନତାକୁ ଜାଣିବା ପାଇଁ ।

ଏହି ଶାସ୍ତ୍ରାଂଶରୁ ଆପଣମାନେ ଈଶ୍ୱରଙ୍କ ବିଷୟରେ **କେଉଁ** ଏକ ବିଷୟ ଶିଖୁଛନ୍ତି?

ଈଶ୍ୱରଙ୍କ ପ୍ରେମ, ଶକ୍ତି ଓ ଆଶୀର୍ବାଦର ପ୍ରାଚୁର୍ଯ୍ୟତା ଆଦୌ ଶେଷ ହୁଏ ନାହିଁ । ସେ ମୋତେ ଆପଣାର ପ୍ରଶଂସା ଓ ଗୌରବ ସ୍ୱରୂପେ ଦେଖନ୍ତି ।

ଆପଣଙ୍କର ବ୍ୟାବହାରିକ, ପ୍ରତ୍ୟୁତ୍ତର/ପ୍ରାର୍ଥନା **କ'ଣ**?

# ଅଧିବେଶନ ୧୨: ସମ୍ପର୍କ

*ସେମିନାର ପ୍ରତିନିଧି: ଦ୍ରାକ୍ଷାଲତାର ସମ୍ପର୍କ ଶିକ୍ଷା, ଯୀଶୁଙ୍କଠାରୁ ପ୍ରାପ୍ତ ହେଉଥିବା ସମୟ, ପିତାଙ୍କ ଇଚ୍ଛାରେ ସମର୍ପିତ ହେବା ବିଷୟ, ଏହା ମୋ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ।*

## ପ୍ରାରମ୍ଭିକ ପ୍ରାର୍ଥନା

ଅଧିବେଶନଟିକୁ ଆରମ୍ଭ କରିବା ନିମନ୍ତେ ଜଣେ କାହାକୁ ପ୍ରାର୍ଥନା କରିବାକୁ କୁହନ୍ତୁ।

## ଉପାସନା

ଦଳଗତ ଭାବରେ ଗାଇବା ପାଇଁ ଦୁଇ କିମ୍ବା ତିନୋଟି ଉପାସନା ଗୀତ ବାଛନ୍ତୁ, ଯାହା ଯୀଶୁଙ୍କଠାରେ ଏକ କିମ୍ବା ଯୀଶୁଙ୍କ ସହିତ ଦ୍ରାକ୍ଷାଲତା ଓ ଶାଖାଗୁଡ଼ିକରେ ସମ୍ପର୍କ କିଅବା ଯୀଶୁଙ୍କ ପ୍ରେମରେ ବଞ୍ଚିବା ବିଷୟ ପ୍ରକାଶକରୁଥିବ।

## କାହାଣୀ

***କଳ୍ପନାକରନ୍ତୁ*** ଯେ ଆପଣ ଗୋଟିଏ ବୃହତ୍ ଦ୍ରାକ୍ଷାଲତାର ଏକ ଶାଖା।

ଆପଣ କୃଷକର ଇଚ୍ଛା ପ୍ରତି ସମର୍ପିତ ହୋଇ ଦ୍ରକ୍ଷାଲତାର ମୁଖ୍ୟ ଗଣ୍ଡି ସହ ସଂଯୁକ୍ତ ହୋଇଅଛନ୍ତି।

ଆପଣ କେବଳ ସେଥିରେ ଝୁଲିରହିଛନ୍ତି, ଆଉ କିଛି କରୁନାହାନ୍ତି, କେବଳ ମୁଖ୍ୟ ଗଣ୍ଡିରୁ ଝୁଲିରହିଛନ୍ତି।

ବର୍ତ୍ତମାନ, ଯେହେତୁ ଆପଣ ମୁଖ୍ୟ ଗଣ୍ଡିରେ ଝୁଲିରହିଛନ୍ତି, ମୂଳଠାରୁ ମୁଖ୍ୟ ଗଣ୍ଡିଦେଇ ଦ୍ରାକ୍ଷାଲତାର ସମସ୍ତ ଉତ୍ତମ ବିଷୟ ସ୍ୱାଭାବିକ ଭାବରେ ଆପଣଙ୍କ ନିକଟକୁ ପ୍ରବାହିତ ହେଉଅଛି। ଏହାର ଜଳ, ଏହାର ପୋଷକ, ଦ୍ରାକ୍ଷାଲତାର ପ୍ରତ୍ୟେକ ବିଷୟ ଆପଣଙ୍କ ନିକଟକୁ ପ୍ରବାହିତ ହେଉଅଛି।

ଆପଣ କେବଳ ଦ୍ରାକ୍ଷାଲତା ସହିତ ଲାଗିରହି ଝୁଲିଅଛନ୍ତି ଓ ଏହାର ଉତ୍ତମ ବିଷୟ ପାଉଅଛନ୍ତି।

ଦିନେ ଆପଣ ଏକ 'ଝିଲ୍‌ମିଲ୍' ଇନ୍ଦ୍ରିୟାନୁଭୂତି ଅନୁଭବ କଲେ। ଆପଣ ଜାଣିପାରିଲେ ଯେ ଆପଣ ବଡ଼ ହୋଇଯାଇଛନ୍ତି।

କ୍ଷୁଦ୍ର କ୍ଷୁଦ୍ର ପେନ୍ଥା ହୋଇ ଫଳ ଧରିବାକୁ ଆରମ୍ଭ କରିଛି। ପପ୍ (ପ୍ରେମ) ପପ୍ ପପ୍ (ଆନନ୍ଦ, ଶାନ୍ତି), ପପ୍, ପପ୍ , ପପ୍ (ଦୀର୍ଘସହିଷ୍ଣୁତା, ପରୋପକାରିତା, ଭଦ୍ରତା) ପପ୍ , ପପ୍ , ପପ୍ (ବିଶ୍ୱସ୍ତତା, ମୃଦୁତା, ଆତ୍ମ ସଂଯମ)।

ଯେତେବେଳେ ଆପଣଙ୍କ ଉପରେ ଖରା ଓ ବର୍ଷାପାଣି ପଡ଼ୁଛି, ଦ୍ରାକ୍ଷାଲତାରୁ ଜୀବନ୍ତ ଜଳ ଓ ପୋଷକଗୁଡ଼ିକ ଆପଣଙ୍କ ଭିତର ଅଂଶରେ ପ୍ରବାହିତ ହେଉଛି। ଏହା କିପରି ହେଉଅଛି? ଆପଣ ଏଥିପାଇଁ କିଛି କରୁନାହାନ୍ତି!

ଆପଣ କେବଳ ଦ୍ରାକ୍ଷାଲତା ସହିତ ଲାଗିରହି ଝୁଲିଅଛନ୍ତି ଓ ଏହାର ଉତ୍ତମ ବିଷୟ ପାଉଅଛନ୍ତି।

ତାହା ହେଉଛି କୃଷକଙ୍କର ଇଚ୍ଛା।

ପ୍ରାକୃତିକ ଭାବରେ ଜଳ ଉପରୁ ତଳକୁ ପ୍ରବାହିତ ହୁଏ; ବର୍ଷାପାଣି, ନଦୀ, ଛୋଟ ଗାଡ଼ିଆ ପାଣି ଇତ୍ୟାଦି ମଧ୍ୟ। ଦ୍ରାକ୍ଷାଲତା ବଞ୍ଚିବା ପାଇଁ ପାଣି ଦରକାର। ପାଣି ବିନା ଏହା ମରିଯିବ। ଶାଖା ପାଣି ପାଇବାକୁ ହେଲେ, ଏହାକୁ ମୁଖ୍ୟ ଗଣ୍ଡିରୁ ପିଇବାକୁ ହେବ – ମୁଖ୍ୟ ଗଣ୍ଡିରୁ ପାଇବାକୁ ହେବ। ବଞ୍ଚିବାକୁ ଓ ଫଳ ଧାରଣ କରିବାକୁ ହେଲେ ଶାଖାଟି ନିଶ୍ଚୟ ପାଣି ପିଇବାକୁ ହେବ।

*ପ୍ରାକୃତିକ କ୍ଷେତ୍ରରେ ଯେପରି, ଆତ୍ମିକ କ୍ଷେତ୍ରରେ ମଧ୍ୟ ସେହିପରି; ଯେହେତୁ ଈଶ୍ୱର ସମସ୍ତ ବିଷୟ ସୃଷ୍ଟି କରିଅଛନ୍ତି ।*


ଆତ୍ମିକ କ୍ଷେତ୍ରରେ, ଜୀବନ୍ତ ଜଳ ଉପରୁ ତଳକୁ, ଈଶ୍ୱରଙ୍କ ସିଂହାସନ ନିକଟରୁ ଯୀଶୁଙ୍କଦେଇ ଶାଖାଗୁଡ଼ିକ ନିକଟକୁ ପ୍ରବାହିତ ହୁଏ । ଶାଖାଗୁଡ଼ିକ ସିଧାସଳଖ ପାନ କରନ୍ତି ନାହିଁ – ଏହା ମାଟି ଭିତରକୁ ଯାଏ ଏବଂ ଦ୍ରାକ୍ଷାଲତାର ମୂଳରୁ ଓ ମୁଖ୍ୟ ଗଣ୍ଡିରୁ ସମସ୍ତ ଉତ୍ତମ ବିଷୟ ପାଇ ଶାଖାଗୁଡ଼ିକ ପ୍ରକୃତରେ ମୁଖ୍ୟ ଗଣ୍ଡିରୁ ପାନ କରନ୍ତି ।

**ଯୋହନ ୧୫:୧-୮** ପାଠ କରନ୍ତୁ

ଏହି ବାଇବଲ ଶାସ୍ତ୍ରାଂଶ ଉପରେ ଧ୍ୟାନ କରନ୍ତୁ ଓ ଏହାକୁ ଅନେକ ଥର ପାଠ କରନ୍ତୁ ।

## ଦଳଗତ ଆଲୋଚନା

ଆପଣଙ୍କ ପର୍ଯ୍ୟବେକ୍ଷଣଗୁଡ଼ିକ ଆଲୋଚନା କରନ୍ତୁ । ଆପଣମାନଙ୍କର ହ୍ୟାଣ୍ଡ୍ ଆଉଟ୍ କାଗଜଗୁଡ଼ିକରେ ଉତ୍ତର ସବୁ ଲେଖନ୍ତୁ ।



କୃଷକ **କିଏ**?

ପିତା ଈଶ୍ୱର ।

ଦ୍ରାକ୍ଷାଲତାର ମୁଖ୍ୟ ଗଣ୍ଡି **କିଏ**?

ଯୀଶୁ ।

ଦ୍ରାକ୍ଷାଲତାର ମୁଖ୍ୟ ଗଣ୍ଡିରେ ଲାଗିଥିବା ଶାଖା **କିଏ**?

ମୁଁ ।

ଲାଗିରହିବାର ଅର୍ଥ **କ'ଣ**?

ଯୀଶୁ ତାହାଙ୍କଠାରେ ଲାଗିରହିବାକୁ କହନ୍ତି । ଲାଗିରହିବା ମାନେ ରହିବା (ଯେକୌଣସି ଏକ ସ୍ଥାନରେ, ଅବସ୍ଥାରେ, ସମ୍ପର୍କରେ କିମ୍ବା ଆଶାରେ): ନିରନ୍ତର ରହିବା, ବାସ କରିବା, ସହ୍ୟ କରିବା, ଉପସ୍ଥିତ ରହିବା, ସ୍ଥିର ରହିବା ଅବା ଛିଡ଼ାହୋଇ ରହିବା ।

ମୁଁ **କେମିତି** ରହିପାରିବି?

ଆପଣଙ୍କ କାର୍ଯ୍ୟପୁସ୍ତିକାରେ ଉତ୍ତରସବୁ ଲେଖନ୍ତୁ ।

ପ୍ରାକୃତିକ ଭାବରେ ବଞ୍ଚିବା ପାଇଁ ଓ ଫଳ ଧାରଣକରିବା ପାଇଁ ଶାଖାଟି ମଧ୍ୟ ନିଶ୍ଚୟ ପୋଷକ ବା ଖାଦ୍ୟ ଖାଇବାକୁ ହେବ ।

**ଯୋହନ ୪:୨୭-୩୮** ପାଠ କରନ୍ତୁ

## ପୂର୍ବାପର ଘଟଣା

ଏହି ଶାସ୍ତ୍ରାଂଶରେ ଯୀଶୁ ଏକ ବିଜାତୀୟା ସ୍ତ୍ରୀ ସହିତ କଥାବାର୍ତ୍ତା କରୁଛନ୍ତି । ସେହି ଅତୀତ ସମୟରେ, ଯିହୂଦୀ ଗୋଷ୍ଠୀର ଜଣେ ବ୍ୟକ୍ତି ଶମିରୋଣୀୟ ଗୋଷ୍ଠୀର ଆଉ ଜଣେ ବ୍ୟକ୍ତି ସହିତ କଥା ହେଉନଥିଲେ, ବିଶେଷକରି ଆପଣା ଲୋକମାନଙ୍କ ଦ୍ୱାରା ସମାଜଚ୍ୟୁତା ଜଣେ ସ୍ତ୍ରୀ ସହିତ, କିନ୍ତୁ ଯୀଶୁ (ଯିହୂଦୀ ଗୋଷ୍ଠୀରୁ ରକ୍ତମାଂସ ସ୍ୱରୂପେ) ଏହି ସମାଜଚ୍ୟୁତା ସ୍ତ୍ରୀ ନିକଟରେ ପହଞ୍ଚିଲେ, ତା ସହିତ ଜୀବନ୍ତ ଜଳ (ଈଶ୍ୱରଙ୍କ ଆତ୍ମା, ପବିତ୍ରଆତ୍ମା) ବିଷୟରେ କଥାବାର୍ତ୍ତା କଲେ ଓ ତା' ନିକଟରେ ସେ କିଏ, ଅର୍ଥାତ୍ ଜୀବନ୍ତ ଜଳର ଉତ୍ସ ବୋଲି ପ୍ରକାଶ କଲେ । ଯେତେବେଳେ ଯୀଶୁଙ୍କର ଶିଷ୍ୟମାନେ ଫେରିଆସିଲେ, ଯୀଶୁ ସେମାନଙ୍କୁ ତାହାଙ୍କର ଖାଦ୍ୟ କ'ଣ ଓ ଶଷ୍ୟକ୍ଷେତ୍ର ସମ୍ବନ୍ଧରେ ଶିକ୍ଷା ଦେଲେ ।

ସମାଜଚ୍ୟୁତା ସ୍ତ୍ରୀ ଜଣକ ନିକଟରେ ପହଞ୍ଚି ଆପଣାକୁ କିଏ ବୋଲି ପ୍ରକାଶ କରିବା ଓ ଯେଉଁମାନେ ତାହାଙ୍କୁ ଜାଣିବାର ଆବଶ୍ୟକ ଥିଲା, ସେମାନେ ଯେ ଶସ୍ୟକ୍ଷେତ୍ର, ତତ୍ ସମ୍ବନ୍ଧରେ କଥାବାର୍ତ୍ତା କରୁଥିବା ମଧ୍ୟରେ ଯୀଶୁ ତାହାଙ୍କର ଖାଦ୍ୟ କ'ଣ ତାହା ପ୍ରକାଶ କରିଥିଲେ ।

ଯୀଶୁ ଆପଣାର ଖାଦ୍ୟ **କ'ଣ** ଯାହା ତାହାଙ୍କୁ ପରିପୋଷଣ କରେ ବୋଲି କହିଥିଲେ?

ପିତାଙ୍କର ଇଚ୍ଛା ସାଧନ କରିବା ଓ ପ୍ରେରଣକର୍ତ୍ତାଙ୍କର କାର୍ଯ୍ୟକୁ ସମାପ୍ତ କରିବା ।

*ପ୍ରାକୃତିକ କ୍ଷେତ୍ରରେ ଯେପରି, ଆତ୍ମିକ କ୍ଷେତ୍ରରେ ମଧ୍ୟ ସେହିପରି; ଯେହେତୁ ଈଶ୍ୱର ସମସ୍ତ ବିଷୟ ସୃଷ୍ଟି କରିଅଛନ୍ତି ।*

ଯେତେବେଳେ ଆମ୍ଭେମାନେ ତାହାଙ୍କ ଉପସ୍ଥିତିରେ, ଉପାସନାରେ, ତାହାଙ୍କ ବାକ୍ୟରେ ତାହାଙ୍କ ସହିତ ସମୟ କ୍ଷେପଣ କରୁ, ଆମ୍ଭେମାନେ ଆତ୍ମିକ ଭାବରେ ତାହାଙ୍କ ସହିତ ସମୟ କ୍ଷେପଣ କରୁ, ଆମ୍ଭେମାନେ ଆତ୍ମିକ ଭାବରେ ଆମ୍ଭମାନଙ୍କ ପିତାଙ୍କର ଇଚ୍ଛା ନିକଟରେ ସମର୍ପିତ ହୋଇଥାଉ, ପୁଣି ତାହଙ୍କଠାରୁ ସମସ୍ତ ମଙ୍ଗଳଦାନ ପ୍ରାପ୍ତ ହୋଇ ତାହାଙ୍କ ଆତ୍ମାଙ୍କ ଦ୍ୱାରା ପ୍ରତିଦିନ ଅଧିକରୁ ଅଧିକ ରୂପାନ୍ତରିତ ହୋଇଥାଉ ।

ଯେତେବେଳେ ଆମ୍ଭେମାନେ ଯୀଶୁଙ୍କଠାରୁ ମଙ୍ଗଳଦାନ ପ୍ରାପ୍ତ ହୋଇ ପିତା ଈଶ୍ୱରଙ୍କ ଇଚ୍ଛା ନିକଟରେ ସମର୍ପିତ ହୋଇଥାଉ, ଆମ୍ଭେମାନେ **କାହାର** ପ୍ରତିମୂର୍ତ୍ତିରେ ରୂପାନ୍ତରିତ ହୋଇଥାଉ? **୨ କରିନ୍ଥୀୟ ୩:୧୭-୧୮** ପାଠ କରନ୍ତୁ

ଯୀଶୁଙ୍କର ।

ଯଦି ଆମ୍ଭେମାନେ ପିତାଙ୍କର ଇଚ୍ଛା ନିକଟରେ ସମର୍ପିତ ହୋଇ ଜୀବନ୍ତ ଜଳ ପାନ କରୁ, ତେବେ **କ'ଣ** ଘଟିବ ବୋଲି ଯୀଶୁ ଘୋଷଣା କରନ୍ତି?

**ଯୋହନ ୧୫:୮** ପାଠ କରନ୍ତୁ

ଫଳ ନିଶ୍ଚୟ ଫଳିବ । *ପ୍ରାକୃତିକ କ୍ଷେତ୍ରରେ ଯେପରି, ଆତ୍ମିକ କ୍ଷେତ୍ରରେ ମଧ୍ୟ ସେହିପରି; ଯେହେତୁ ଈଶ୍ୱର ସମସ୍ତ ବିଷୟ ସୃଷ୍ଟି କରିଅଛନ୍ତି ।*

ଯେତେବେଳେ ଆମ୍ଭେମାନେ ପିତାଙ୍କ ଇଚ୍ଛା ନିକଟରେ ସମର୍ପିତ ହୋଇ ତାହାଙ୍କ ଉପସ୍ଥିତିରେ ପ୍ରତ୍ୟହ ପାନ କରୁ, ପବିତ୍ରଆତ୍ମା ଅଧିକରୁ ଅଧିକ ଖ୍ରୀଷ୍ଟଙ୍କ ସଦୃଶ ହେବା ନିମନ୍ତେ ଆମ୍ଭମାନଙ୍କୁ ପରିବର୍ତ୍ତିତ କରିବେ । ତାହାଙ୍କର ଚରିତ୍ର ଆମ୍ଭମାନଙ୍କର ଚରିତ୍ର ହୋଇଯାଏ । ଯୀଶୁରୂପ ବୃକ୍ଷ ଯୀଶୁରୂପ ଫଳ ଉତ୍ପନ୍ନ କରେ, ଯାହା ଆତ୍ମାଙ୍କର ଫଳ ଅଟେ ।

ଯେତେବେଳେ ଆମ୍ଭେମାନେ ପିତା ଈଶ୍ୱରଙ୍କର ଇଚ୍ଛା ନିକଟରେ ସମର୍ପିତ ହେଉ, ଆମ୍ଭେମାନେ **କ'ଣ** ଆତ୍ମିକ ଫଳ ଓ ଦୈବୀୟ ଗୁଣ ଅବା ଯୀଶୁଙ୍କର ଗୁଣାବଳୀ ଲାଭ କରିଥାଉ? **ଗାଲାତୀୟ ୫:୨୨-୨୩** ପାଠ କରନ୍ତୁ

ପ୍ରେମ, ଆନନ୍ଦ, ଶାନ୍ତି, ଦୀର୍ଘସହିଷ୍ଣୁତା, ପରୋପକାରିତା, ଭଦ୍ରତା, ବିଶ୍ୱସ୍ତତା, ମୃଦୁତା, ଆତ୍ମସଂଯମ ।

ଏହି ଫଳ **କିଏ** ଉତ୍ପନ୍ନ କରିଥାଏ?

ପିତା ଈଶ୍ୱର, ଯେ କି କୃଷକ, ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ଦେଇ, ପବିତ୍ରଆତ୍ମାଙ୍କ ଦ୍ୱାରା ।

ଯେତେବେଳେ ଆମ୍ଭେମାନେ ଈଶ୍ୱର ଯେ ଆମ୍ଭମାନଙ୍କୁ କେତେ ପ୍ରେମ କରନ୍ତି, ତା'ର ଏକ ପ୍ରକାଶନ ପାଇ, ତାହାଙ୍କ ଉପସ୍ଥିତିରେ ଆମ୍ଭମାନଙ୍କ ପିତାଙ୍କର ଇଚ୍ଛା ନିକଟରେ ସମର୍ପିତ ହେଉ, ତେବେ ସେ ଆମ୍ଭମାନଙ୍କ ନିକଟରେ ଅଧିକ ଭାବରେ ଆପଣାକୁ ପ୍ରକାଶ କରିବେ, ଯେହେତୁ ଏହା ତାହାଙ୍କର ଇଚ୍ଛା ଓ ଆମ୍ଭେମାନେ ଈଶ୍ୱରଙ୍କ ପୂର୍ଣ୍ଣତାରେ ପରିପୂର୍ଣ୍ଣ ହେବା । ଯୀଶୁଙ୍କଠାରୁ ପ୍ରାପ୍ତ ହୋଇ, ପୁଣି ପିତାଙ୍କର ଇଚ୍ଛା ନିକଟରେ ସମର୍ପିତ ହୋଇ ଯେତେବେଳେ ଆମ୍ଭେମାନେ ପ୍ରତିଦିନ ତାହାଙ୍କ ଉପସ୍ଥିତିରେ ରହୁ, ସେ ଆମ୍ଭମାନଙ୍କୁ ପରିବର୍ତ୍ତିତ କରିବେ, କାରଣ ଏହା ତାହାଙ୍କର ଇଚ୍ଛା ।

ଏହି ଅଧିବେଶନଟିରୁ ଆପଣ ଈଶ୍ୱରଙ୍କ ସମ୍ବନ୍ଧରେ **କେଉଁ** ଏକ ବିଷୟ ଶିଖିଲେ?

ଆପଣଙ୍କର ବ୍ୟାବହାରିକ, ପ୍ରତ୍ୟୁତ୍ତର/ପ୍ରାର୍ଥନା **କ'ଣ**?

# ଅଧିବେଶନ ୧୩: ସମ୍ପର୍କ – ଅନ୍ୟମାନେ ଯେପରି, ସେହିପରି ହିଁ ଗ୍ରହଣ କରିବା

*ପୁନର୍ମିଳିତ (ଏକମନା ହେବା ଅବସ୍ଥାକୁ ଆଣିବା) । ପୁନଃସ୍ଥାପିତ (ଏକ ସୁସ୍ଥତା, ନୀରୋଗତା, ଓ ସ୍ଫୂର୍ତ୍ତି ଅବସ୍ଥାକୁ ଫେରାଇ ଆଣିବା) । ନୂତନୀକୃତ (ସଜୀବ କରିବା ଓ ଫଳପ୍ରଦ କରିବା) ।*

## ପ୍ରାରମ୍ଭିକ ପ୍ରାର୍ଥନା

ଅଧିବେଶନଟିକୁ ଆରମ୍ଭ କରିବା ନିମନ୍ତେ ଜଣେ କାହାକୁ ପ୍ରାର୍ଥନା କରିବାକୁ କୁହନ୍ତୁ ।

## ଉପାସନା

ଦଳଗତ ଭାବରେ ଗାଇବା ପାଇଁ ଦୁଇ କିମ୍ବା ତିନୋଟି ଉପାସନା ଗୀତ ବାଛନ୍ତୁ, ଯାହା ଈଶ୍ୱରଙ୍କ ପ୍ରେମ ଓ ପରିବର୍ତ୍ତନକାରୀ ଶକ୍ତି ସମ୍ବନ୍ଧରେ ଘୋଷଣା କରୁଥିବ ।

## ଦଶ ଦାନା ଦଳଗତ ବ୍ୟାବହାରିକ କାର୍ଯ୍ୟ

ଆମ୍ଭେମାନେ ଶିକ୍ଷା କରିଅଛୁ ଯେ ଆମ୍ଭମାନଙ୍କଠାରେ ଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ହେଉଛି ଈଶ୍ୱରଙ୍କ ସହିତ ରହିବା । ଯଦି ଆମ୍ଭେମାନେ ପିତାଙ୍କ ଇଚ୍ଛା ନିକଟରେ ସମର୍ପିତ ହୋଇ ତାହାଙ୍କ ସହିତ ସମୟ କ୍ଷେପଣ କରୁ, ପୁଣି ତାହାଙ୍କର ସମସ୍ତ ମଙ୍ଗଳଦାନ ଲାଭ କରୁ, ତେବେ ପ୍ରତିଦିନ ଈଶ୍ୱର ଆମ୍ଭମାନଙ୍କୁ ଯୀଶୁଙ୍କ ଚରିତ୍ର ଗୁଣରେ ପରିବର୍ତ୍ତିତ କରିବେ ।

ଈଶ୍ୱର ଆମ୍ଭମାନଙ୍କ ଭାବପ୍ରବଣତା, ଆମ୍ଭେମାନେ କିପରି ଅନୁଭବ କରୁ, ଆମ୍ଭେମାନେ କିପରି ଅନ୍ୟମାନଙ୍କଠାରୁ ବ୍ୟବହାର ପାଉ ଓ କିପରି ଅନ୍ୟମାନଙ୍କୁ ବ୍ୟବହାର କରୁ, ସେସବୁର ଚିନ୍ତା କରନ୍ତି ।

## ଦଳଗତ ବ୍ୟାବହାରିକ କାର୍ଯ୍ୟ

ସମସ୍ତେ ଗୋଲାକାର ଭାବରେ ବସି ପରସ୍ପରକୁ ଚାହିଁବେ । ଗୋଲାକାରର ମଝିରେ ୧୦ ଦାନା କାର୍ଯ୍ୟଲିପିବଦ୍ଧ କାଗଜ (*ଈଶ୍ୱରଙ୍କ ରାଜ୍ୟର କାର୍ଯ୍ୟକ୍ରମ ନିୟମାବଳୀର* ୪୫ ପୃଷ୍ଠାରୁ ଜେରକ୍ସ ନକଲ କରନ୍ତୁ) ରଖନ୍ତୁ, ଯେପରି ପ୍ରତ୍ୟେକେ ଦେଖିପାରିବେ । କାର୍ଯ୍ୟଫର୍ଦ୍ଦର ପାଖରେ ୧୦ଟି ଦାନା କିମ୍ବା ମଟର କିମ୍ବା ଉପଲବ୍ଧ ଥିବା ଯେକୌଣସି ଦାନା ରଖନ୍ତୁ । ଗୋଲାକାରରେ ଥିବା ଲୋକ ସଂଖ୍ୟା ଆପଣଙ୍କ ଦଳର ଲୋକ ସଂଖ୍ୟା ଅଟେ । ଏହା ତିନିରୁ ୧୨ ମଧ୍ୟରେ ଯେକୌଣସି ସଂଖ୍ୟା ହୋଇପାରେ । ୧୨ରୁ ଅଧିକ ହେଲେ ଦୁଇଟି ଦଳ କରିଦିଅନ୍ତୁ । ୨୪ରୁ ଅଧିକ ହେଲେ ତିନି କିମ୍ବା ଚାରୋଟି ଦଳ କରନ୍ତୁ । ପ୍ରତ୍ୟେକ ଦଳ ପାଖରେ ୧୦ଟି ଦାନା ରହିବ ଓ ଦଳର ମଝି ସ୍ଥାନରେ ୧୦ ଦାନା କାର୍ଯ୍ୟଲିପିବଦ୍ଧ କାଗଜ ରଖାଯିବ ।

ଜଣ ଜଣ କରି – ପ୍ରତ୍ୟେକ ବ୍ୟକ୍ତି ଦଳ ଆଗରେ କହିବା ପାଇଁ ସୁଯୋଗ ପାଇବେ । ପ୍ରତ୍ୟେକ ଜଣ ସମାନ ଅଧିକାରରେ କଥା କହିବେ । ପ୍ରତ୍ୟେକଙ୍କର କଥା ସମାନ ଭାବରେ ଗୁରୁତ୍ୱ ବହନ କରିବ । ପ୍ରତି ଜଣ ଦଳର ମୁଖ୍ୟ ଅଂଶ ଭାବରେ କାର୍ଯ୍ୟ କରିବେ । ପ୍ରତି ଜଣ ସେମାନଙ୍କ ଦଳରେ ପ୍ରକାଶ କରିବେ ଯେ କାର୍ଯ୍ୟଲିପିବଦ୍ଧ କାଗଜର କେଉଁ ଅଂଶ ସଦୃଶ ସେମାନଙ୍କୁ ସେମାନଙ୍କର ସମାଜ ଦେଖୁଛି ବୋଲି ସେମାନେ ବିଶ୍ୱାସ କରୁଛନ୍ତି । ହୁଏତ ସେମାନଙ୍କର ସମାଜ ସେମାନଙ୍କୁ ମୂଲ୍ୟହୀନ ଭାବରେ ଦେଖୁଛି, କିମ୍ବା ସେମାନଙ୍କର ସମାଜ ସେମାନଙ୍କୁ କିଛି ମୂଲ୍ୟଥିବା ଭଳି ଦେଖୁଛି କିଅବା ସେମାନଙ୍କର ସମାଜ ସେମାନଙ୍କୁ ବହୁମୂଲ୍ୟ ଭଳି ଦେଖୁଛି ।

ପ୍ରତ୍ୟେକେ ଅତି ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ବୁଝିବା ଆବଶ୍ୟକ ଯେ ସମାଜ ସେମାନଙ୍କୁ ଯେଭଳି ଦେଖୁନା କାହିଁକି ସେଥିରେ କୌଣସି ଲଜ୍ଜା କରିବାର ବିଷୟ ନାହିଁ । ଜଣେ ବ୍ୟକ୍ତିକୁ ସମାଜ କିଭଳି ଭାବରେ ଦେଖେ, ତାହା ଅନେକ ବିଷୟର ଫଳାଫଳ ଅଟେ, ସେଥି ମଧ୍ୟରୁ ଅଧିକାଂଶ ବିଷୟ ସେହି ବ୍ୟକ୍ତିର ନିୟନ୍ତ୍ରଣ ବାହାରେ । ଠିକ୍ ଉତ୍ତରଟି ହେଉଛି, ସମାଜ ଆପଣଙ୍କୁ କିଭଳି ଭାବରେ ଦେଖୁଛି ବୋଲି ଆପଣ ବିଶ୍ୱାସ କରୁଛନ୍ତି ।

ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କର ସମାଜ ସେମାନଙ୍କୁ କିଭଳି ଦେଖୁଛି (ମୂଲ୍ୟହୀନ କିମ୍ବା କିଛି ମୂଲ୍ୟ ଅଛି କିଅବା ବହୁମୂଲ୍ୟ) ବୋଲି ସେମାନେ ବିଶ୍ୱାସ କରୁଛନ୍ତି, ତାହା ପ୍ରକାଶ କଲାପରେ ପ୍ରତ୍ୟେକେ ନିଜ ନିଜ ଦଳରେ ଆଲୋଚନା କରିବେ ଯେ ସେମାନଙ୍କ ଦଳର ଉତ୍ତରଗୁଡ଼ିକ କିପରି ୧୦ଟି ଦାନାକୁ ନିର୍ଦ୍ଦିଷ୍ଟ ସ୍ତମ୍ଭଗୁଡ଼ିକରେ ରଖି ଦର୍ଶାଇବେ। ସମସ୍ତ ୧୦ଟି ଯାକ ଦାନା ବ୍ୟବହାର କରିବାକୁ ହେବ। ଦଶଗୋଟି ଦାନା ମୋଟାମୋଟି ଭାବରେ ଦଳଟିକୁ ବୁଝାଏ।

ଉଦାହରଣ ୧: ଯଦି ୮ଜଣିଆ ଏକ ଦଳରେ ୫ ଜଣ ବିଶ୍ୱାସ କରୁଛନ୍ତି ଯେ ସେମାନଙ୍କର ସମାଜ ସେମାନଙ୍କୁ ମୂଲ୍ୟହୀନ ସଦୃଶ ଦେଖୁଛି ଓ ଦୁଇଜଣ ବିଶ୍ୱାସ କରୁଛନ୍ତି ଯେ ସେମାନଙ୍କର ସମାଜ ସେମାନଙ୍କୁ କିଛି ମୂଲ୍ୟ ଥିବା ସଦୃଶ ଦେଖୁଛି ଓ ଜଣେ ବିଶ୍ୱାସ କରୁଛି ଯେ ସେମାନଙ୍କର ସମାଜ ସେମାନଙ୍କୁ ବହୁମୂଲ୍ୟ ସଦୃଶ ଦେଖୁଛି, ତେବେ ୧୦ ଗୋଟି ଦାନା ମଧ୍ୟରୁ ୭ ଗୋଟି ଦାନା ମୂଲ୍ୟହୀନ ସ୍ତମ୍ଭରେ, ୨ ଗୋଟି ଦାନା କିଛି ମୂଲ୍ୟ ଅଛି ସ୍ତମ୍ଭରେ ଓ ଗୋଟିଏ ଦାନା ବହୁମୂଲ୍ୟ ସ୍ତମ୍ଭରେ ରଖାଯିବ।

ଉଦାହରଣ ୨: ଯଦି ୬ ଜଣିଆ ଏକ ଦଳରେ ୩ ଜଣ ବିଶ୍ୱାସ କରୁଅଛନ୍ତି ଯେ ସେମାନଙ୍କର ସମାଜ ସେମାନଙ୍କୁ ମୂଲ୍ୟହୀନ ସଦୃଶ ଦେଖୁଛି ଓ ୩ ଜଣ ବିଶ୍ୱାସ କରୁଛନ୍ତି ଯେ ସେମାନଙ୍କର ସମାଜ ସେମାନଙ୍କୁ କିଛି ମୂଲ୍ୟ ଥିବା ସଦୃଶ ଦେଖୁଛି ଏବଂ କେହି ବିଶ୍ୱାସ କରୁନାହାନ୍ତି ଯେ ସେମାନଙ୍କର ସମାଜ ସେମାନଙ୍କୁ ବହୁମୂଲ୍ୟ ସଦୃଶ ଦେଖୁଛି, ତେବେ ୧୦ ଗୋଟି ଦାନା ମଧ୍ୟରୁ ୫ ଗୋଟି ଦାନା ମୂଲ୍ୟହୀନ ସ୍ତମ୍ଭରେ, ୫ ଗୋଟି ଦାନା କିଛି ମୂଲ୍ୟ ଅଛି ସ୍ତମ୍ଭରେ ରହିବ ଏବଂ ବହୁମୂଲ୍ୟ ଦର୍ଶାଉଥିବା ସ୍ତମ୍ଭରେ କୌଣସି ଦାନା ରହିବ ନାହିଁ।

## ଦଳଗତ ଆଲୋଚନା

ଆପଣଙ୍କ ପର୍ଯ୍ୟବେକ୍ଷଣଗୁଡ଼ିକ ଆଲୋଚନା କରନ୍ତୁ। ଆପଣମାନଙ୍କର ହ୍ୟାଣ୍ଡ୍ ଆଉଟ୍ କାଗଜଗୁଡ଼ିକରେ ଉତ୍ତର ସବୁ ଲେଖନ୍ତୁ।

**ଲୂକ ୮:୪୩-୫୫** ପାଠ କରନ୍ତୁ

ଏହି ବାଇବଲ ଶାସ୍ତ୍ରାଂଶ ଉପରେ ଧ୍ୟାନ କରନ୍ତୁ ଓ ଏହାକୁ ଅନେକ ଥର ପାଠ କରନ୍ତୁ।

## ଦଳଗତ ଆଲୋଚନା

**୪୩-୪୪ ପଦ**ରେ ଯୀଶୁଙ୍କଠାରୁ ପ୍ରାପ୍ତ ଏକ ସ୍ପର୍ଶରେ ଜଣେ ସମାଜ ପରିତ୍ୟକ୍ତା ସ୍ତ୍ରୀ ପ୍ରତି **କ'ଣ** ଘଟିଲା?

ସେ ସୁସ୍ଥ ହେଲା (ଶାରୀରିକ ଭାବରେ)।

**୪୫ ପଦ**ରେ ଯୀଶୁ **କ'ଣ** କହିଲେ?

କିଏ ମୋତେ ଛୁଇଁଲା?

ଯୀଶୁ କହିଲେ ନାହିଁ 'ମୋତେ କ'ଣ ଛୁଇଁଲା', ମାତ୍ର 'କିଏ'। 'କିଏ'ର ଅର୍ଥ ଜଣେ ବ୍ୟକ୍ତି। ଯୀଶୁ ତାକୁ ମୂଲ୍ୟବାନ ମଣନ୍ତି ଓ ଅଟକିଯାଇ ତାକୁ ଖୋଜିବା ଦ୍ୱାରା, ପୁଣି ଆପଣାର ସମୟ ଓ ମନୋଯୋଗୀତା ଦେବା ଦ୍ୱାରା ତା'ର ସମ୍ମାନ କରନ୍ତି। ସେ ଆଗୁଆ ତାହାଙ୍କର ଆରୋଗ୍ୟକାରୀ ଶକ୍ତି ଲାଭ କରିସାରିଛି। ମନେ ରଖନ୍ତୁ ଯେ ଯୀଶୁ ଜଗତର ଦୃଷ୍ଟିରେ ଏକ ମାନ୍ୟଗଣ୍ୟ ଲୋକଙ୍କର ମୃତବତ୍ ଝିଅଟିକୁ ଉଦ୍ଧାର କରିବା ପାଇଁ ଯାତ୍ରା ମଧ୍ୟରେ ଥିଲେ।

**୪୭ ପଦ**ରେ ସ୍ତ୍ରୀ ଲୋକଟି **କ'ଣ** କଲା?

ସ୍ତ୍ରୀ ଲୋକଟି ଦେଖିଲା ଯେ ସେ ଲୁଚିପାରିବ ନାହିଁ, ତେଣୁ ଆଗେଇ ଆସି ଯୀଶୁଙ୍କୁ ପ୍ରଣାମ କଲା ଓ ସାକ୍ଷ୍ୟ ଦେଲା ଯେ ଯୀଶୁଙ୍କଠାରୁ ଗୋଟିଏ ସ୍ୱର୍ଶ୍ୱ ପାଇ ସେ ସୁସ୍ଥ ହୋଇଗଲା ।

ଯୀଶୁ କେବଳ ସେ ସମାଜ ପରିତ୍ୟକ୍ତା ସ୍ତ୍ରୀ ଲୋକକୁ ସର୍ବଶକ୍ତିମାନ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟ ବହୁମୂଲ୍ୟ ବିଶିଷ୍ଟ ଏକ ବ୍ୟକ୍ତି ଭାବରେ ଯେ ସ୍ୱୀକାର କଲେ, ତାହା ନୁହେଁ, ମାତ୍ର ଯୀଶୁଙ୍କଠାରୁ ପ୍ରାପ୍ତ ଗୋଟିଏ ସ୍ୱର୍ଶ୍ୱରେ ସମୁଦାୟ ଗୋଷ୍ଠୀ, ଶିଷ୍ୟଗଣ ଓ ସ୍ୱୟଂ ଯୀଶୁ ସେହି ସ୍ତ୍ରୀ ଲୋକର କଥା ବର୍ତ୍ତମାନ ଶୁଣୁଛନ୍ତି ।

ତା'ର ଜାଗାଟିଏ ଅଛି । ତା'ର କଥାଟିଏ ଅଛି । ସେ ଜଣେ ମୂଲ୍ୟବିଶିଷ୍ଟ ବ୍ୟକ୍ତି । ସେ ଉଲ୍ଲେଖଯୋଗ୍ୟା ।

**୪୮ ପଦ**ରେ ଯୀଶୁ ଆପଣା ଶିଷ୍ୟଗଣଙ୍କ ଓ ଜନ ସମାଜ ସମ୍ମୁଖରେ ତାକୁ **କ'ଣ** ବୋଲି ସମ୍ବୋଧନ କରନ୍ତି?

ଈଶ୍ୱରଙ୍କ ସନ୍ତାନ ବା କନ୍ୟା ।

ଯୀଶୁଙ୍କଠାରୁ ପ୍ରାପ୍ତ ଗୋଟିଏ ସ୍ୱର୍ଶ୍ୱ ସର୍ବ ବିଷୟରେ ଆରୋଗ୍ୟ ଆଣେ – ଶାରିରୀକ ଭାବରେ, ମାନସିକ ଭାବରେ ଓ ଆତ୍ମିକ ଭାବରେ । ତା'ର ଏକ ଜାଗା ଅଛି, ଏକ କଥା ଅଛି, ଈଶ୍ୱରଙ୍କ ଏକ ସନ୍ତାନ ଭାବରେ ଏକ ପୁନଃସ୍ଥାପିତ ପରିଚୟ ଅଛି ।

୧୦ ଦାନାର ବ୍ୟାବହାରିକ କର୍ମଶାଳାକୁ ଫେରିଯିବା ।

ଯେଉଁମାନେ ସେମାନଙ୍କର ସମାଜ ସେମାନଙ୍କୁ ମୂଲ୍ୟହୀନ ଅବା କିଛିମାତ୍ର ମୂଲ୍ୟ ଥିବା ସଦୃଶ ଦେଖୁଛି ବୋଲି ବିଶ୍ୱାସ କରୁଛନ୍ତି, ସେମାନଙ୍କୁ **କିପରି** ସଶକ୍ତିକରଣ କରିବା ଯେ ସେମାନେ ସେମାନଙ୍କର ସମାଜ ସେମାନଙ୍କୁ ବହୁମୂଲ୍ୟ ସଦୃଶ ଦେଖୁଛି ବୋଲି ବିଶ୍ୱାସ କରିବେ?

୧. ସେମାନଙ୍କୁ ସମ୍ମାନ ଦିଅନ୍ତୁ ଓ ସେମାନଙ୍କୁ ସମାଜରେ ଅନ୍ତର୍ଭୁକ୍ତକରନ୍ତୁ ।

୨. ସେମାନଙ୍କୁ ସମାଜରେ ଅଂଶଗ୍ରହଣ କରିବା ସକାଶେ ଗୋଟାଏ ସ୍ଥାନ, ଗୋଟାଏ ଭୂମିକା, ଗୋଟାଏ ସୁଯୋଗ ଦିଅନ୍ତୁ ।

୩. ସେମାନଙ୍କ ଜୀବନରେ ଲାଭ କରିଥିବା ଈଶ୍ୱରଙ୍କ ମହାନତାର ସାକ୍ଷ୍ୟଦେବା ପାଇଁ ସେମାନଙ୍କୁ କଥା କହିବାକୁ ଓ ମତ ଦେବାକୁ ସୁଯୋଗ ଦିଅନ୍ତୁ ।

୪. ସେମାନଙ୍କର ଦାନ ସମୂହକୁ ଚିହ୍ନିବା ପାଇଁ (ପ୍ରତ୍ୟେକଙ୍କର ଅତି କମ୍‌ରେ ଗୋଟାଏ ଦାନ ଅଛି) ଓ ସେହି ଦାନ ସମୂହକୁ ବ୍ୟବହାର କରିବା ପାଇଁ ସେମାନଙ୍କୁ ସୁଯୋଗ ଦିଅନ୍ତୁ ।

ଏହି ଅଧିବେଶନଟିରୁ ଆପଣ ଈଶ୍ୱରଙ୍କ ସମ୍ବନ୍ଧରେ **କେଉଁ** ଏକ ବିଷୟ ଶିଖିଲେ?

ଆପଣଙ୍କର ବ୍ୟାବହାରିକ, ପ୍ରତ୍ୟୁତ୍ତର/ପ୍ରାର୍ଥନା **କ'ଣ**?

# ଅଧିବେଶନ ୧୪: ସମ୍ପର୍କ – ସମାନତା

*‘ଯୀଶୁଙ୍କଠାରେ ସମାନ ସମାନ ଭାବରେ ସମ୍ପର୍କ ଶିକ୍ଷା ପୁନଃସ୍ଥାପିତ ହୁଏ...ଏହି ବାର୍ତ୍ତା ପହଞ୍ଚ ଓ ଅପହଞ୍ଚ ସ୍ଥାନରେ, ସବୁ ସମାଜରେ ଅତି ଆବଶ୍ୟକ’। ସେମିନାର ପ୍ରତିନିଧି*

## ପ୍ରାରମ୍ଭିକ ପ୍ରାର୍ଥନା

ଅଧିବେଶନଟିକୁ ଆରମ୍ଭ କରିବା ନିମନ୍ତେ ଜଣେ କାହାକୁ ପ୍ରାର୍ଥନା କରିବାକୁ କୁହନ୍ତୁ।

## ଉପାସନା

ଦଳଗତ ଭାବରେ ଗାଇବା ପାଇଁ ଦୁଇ କିମ୍ବା ତିନୋଟି ଉପାସନା ଗୀତ ବାଛନ୍ତୁ, ଯାହା ଈଶ୍ୱରଙ୍କ ପ୍ରେମ ଓ ଆରୋଗ୍ୟକାରୀ ଶକ୍ତି ପ୍ରକାଶ କରୁଥିବ।

ତାହାଙ୍କ କାହାଣୀ, ତାହାଙ୍କ ପ୍ରକୃତ ପ୍ରେମର କାହାଣୀ ବାଇବଲରୁ, ଆମ୍ଭେମାନେ ଈଶ୍ୱର କିପରି ପୁରୁଷ ଓ ସ୍ତ୍ରୀକୁ ସମାନ ସମାନ ଭାବରେ ଦେଖନ୍ତି, ତା’ର କେତେକ ଦିଗ ଅଧ୍ୟୟନ କରିବା।

ପୁରୁଷ ଓ ସ୍ତ୍ରୀ ଅନ୍ତର୍ଭୁକ୍ତ ହେଲା ପରେ ଈଶ୍ୱର ଆପଣା ସୃଷ୍ଟି ଉପରେ **କ’ଣ** ମନ୍ତବ୍ୟ ପ୍ରକାଶ କଲେ।
**ଆଦି ପୁସ୍ତକ ୧:୩୧** ପାଠ କରନ୍ତୁ

ଏହା ଅତ୍ୟୁତ୍ତମ।

ମନ୍ଦତା ଦ୍ୱାରା ବିନଷ୍ଟ ହୋଇଥିବା ଜଗତରେ ବାସ କରୁଥିବା ସମୟରେ ଈଶ୍ୱରଙ୍କ ରାଜ୍ୟସ୍ଥିତ ସମ୍ପର୍କକୁ ବୁଝିବା ନିମନ୍ତେ ଆମ୍ଭମାନଙ୍କୁ ଆଦ୍ୟ ଅବସ୍ଥାକୁ ଫେରିଯିବାକୁ ହେବ। **ଆଦି ପୁସ୍ତକ ୧:୨୭-୨୮** ପାଠ କରନ୍ତୁ

ଈଶ୍ୱର ପୁରୁଷକୁ **କାହାର** ପ୍ରତିମୂର୍ତ୍ତିରେ ସୃଷ୍ଟି କଲେ?

ଈଶ୍ୱରଙ୍କ ନିଜ ପ୍ରତିମୂର୍ତ୍ତିରେ।

ଈଶ୍ୱର ସ୍ତ୍ରୀକୁ **କାହାର** ପ୍ରତିମୂର୍ତ୍ତିରେ ସୃଷ୍ଟି କଲେ?

ଈଶ୍ୱରଙ୍କ ନିଜ ପ୍ରତିମୂର୍ତ୍ତିରେ।

ଈଶ୍ୱର **କାହାକୁ** ସମାନ ଭାବରେ ଆଶୀର୍ବାଦ କଲେ?

ପୁରୁଷ ଓ ସ୍ତ୍ରୀକୁ।

ଈଶ୍ୱର **କାହାକୁ** ସମଗ୍ର ପୃଥିବୀ ଉପରେ ସମାନ କର୍ତ୍ତୃତ୍ୱ (ରାଜତ୍ୱ କରିବାର କ୍ଷମତା) ଦେଲେ?

ପୁରୁଷ ଓ ସ୍ତ୍ରୀକୁ।

**ଆଦି ପୁସ୍ତକ ୨:୧୮-୨୦** ପାଠ କରନ୍ତୁ


ଈଶ୍ୱର ଏହି ପଦରେ ସ୍ତ୍ରୀକୁ ପୁରୁଷର ଏକ ସହକାରିଣୀ ଭାବରେ ତୁଳନା କରିଛନ୍ତି। ଏହାର ଅର୍ଥ ଏହି ଯେ କେହି ଜଣେ ପାଖରେ ପାଖରେ ରହିବ, କେହି ଜଣେ ସମଜାତି ବିଶିଷ୍ଟ ଶରୀରର ହେବ, କିନ୍ତୁ ଭିନ୍ନତା ରହିବ। କେହିଜଣେ ପୁରୁଷର ସମକକ୍ଷ ହେବ, ଆଉ ଦୁହେଁ ଏକତ୍ର ଏକାଙ୍ଗ ହେବେ। କେହିଜଣେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟ ମନୁଷ୍ୟର ପୂର୍ଣ୍ଣତାର କାରଣ ହେବ।

ଈଶ୍ୱରଙ୍କ ବାକ୍ୟର ପୁରାତନ ନିୟମରେ, ‘ସହକାରିଣୀ’ ଶବ୍ଦଟି ଈଶ୍ୱର ମନୁଷ୍ୟ ପାଖରେ ରହିବା ବିଷୟକୁ ଅଧିକାଂଶ ଭାବରେ ବୁଝାଇଥାଏ। ଈଶ୍ୱରଙ୍କ ବାକ୍ୟର ନୂତନ ନିୟମରେ, ଯୀଶୁ ସ୍ୱୟଂ ଆମ୍ଭମାନଙ୍କ ସାହାଯ୍ୟକାରୀ ଭାବରେ ଈଶ୍ୱରଙ୍କ ଆତ୍ମାଙ୍କୁ କିମ୍ବା ଈଶ୍ୱରଙ୍କ ଉପସ୍ଥିତିକୁ ଉଲ୍ଲେଖ କରନ୍ତି।

ଈଶ୍ୱର ପୁରୁଷ ଓ ସ୍ତ୍ରୀକୁ ସମାନ ନା ଅସମାନ ଭାବରେ ସୃଷ୍ଟି କଲେ?

ସମାନ ଭାବରେ।

ପୁରୁଷ ଓ ସ୍ତ୍ରୀ ଈଶ୍ୱରଙ୍କ ସମସ୍ତ ସୃଷ୍ଟିର ସର୍ବୋତ୍କୃଷ୍ଟ କାର୍ଯ୍ୟ। ମନୁଷ୍ୟ (ଉଭୟ ପୁରୁଷ ଓ ସ୍ତ୍ରୀ) ପରସ୍ପରର ପରିପୂରକ ହେବା ନିମନ୍ତେ ଏବଂ ସୃଷ୍ଟିକର୍ତ୍ତା ଈଶ୍ୱର ଓ ପରସ୍ପର ସହ ସମାନ ଭାବରେ ସମ୍ପର୍କ ସ୍ଥାପନ କରିବା ପାଇଁ ପରସ୍ପର ସମାନ ଭାବରେ ଈଶ୍ୱରଙ୍କ ପ୍ରାଣ ବାୟୁ ଲାଭ କଲେ।



**ଉତ୍ତମ ହେବା ନିମନ୍ତେ ପରିକଳ୍ପିତ**

ପୁରୁଷ ଓ ସ୍ତ୍ରୀ **ଉତ୍ତମ ହେବା ନିମନ୍ତେ ପରିକଳ୍ପିତ** ହୋଇଥିଲେ...
ସମାନ–ସମାନ ଭାବରେ

ଆଜିର ଜଗତ କ'ଣ ସମ୍ପୂର୍ଣ୍ଣ ଦୋଷଶୂନ୍ୟ?

ନା।

ଈଶ୍ୱରଙ୍କ ସମ୍ପୂର୍ଣ୍ଣ ଦୋଷଶୂନ୍ୟ ଜଗତକୁ ପରିବର୍ତ୍ତନ କରିବା ପାଇଁ କିଛି ଗୋଟେ ଘଟିଲା। ମନେରଖନ୍ତୁ ଯେ ଈଶ୍ୱର ପୁରୁଷ ଓ ସ୍ତ୍ରୀକୁ ସମଗ୍ର ପୃଥିବୀ ଉପରେ କର୍ତ୍ତୃତ୍ୱ କରିବାର ଅଧିକାର ସହ ଈଶ୍ୱରଙ୍କ ସମ୍ପୂର୍ଣ୍ଣ ଦୋଷଶୂନ୍ୟ ଜଗତର ରକ୍ଷଣାବେକ୍ଷଣ କରିବା ନିମନ୍ତେ ସୁବିଧା ସୁଯୋଗ ଦେଇଥିଲେ। ସେ ଆପଣା ସହିତ ଜୟଯୁକ୍ତ ଜୀବନଯାପନ କରିବା ନିମନ୍ତେ ସେମାନଙ୍କୁ ସମସ୍ତ ବିଷୟ ଦେଇଥିଲେ।

ଈଶ୍ୱର ପୁରୁଷ ଓ ସ୍ତ୍ରୀକୁ ଜୀବନ କିମ୍ବା ମୃତ୍ୟୁକୁ ବାଛିବା ନିମନ୍ତେ, ଈଶ୍ୱରଙ୍କ ଜ୍ଞାନ ଓ ଜୀବନବୃକ୍ଷର ଅଂଶାଧିକାରୀ ହେବାକୁ ବାଛିବା ନିମନ୍ତେ, କିମ୍ବା ଶୟତାନର ପ୍ରବଞ୍ଚନା ଓ ସଦସତ୍ ଜ୍ଞାନଦାୟକ ବୃକ୍ଷର ଅଂଶାଧିକାରୀ ହେବାକୁ ବାଛିବା ନିମନ୍ତେ ସ୍ୱାଧିନତା ଦେଇ ସୃଷ୍ଟି କଲେ।

ଈଶ୍ୱର ମନୁଷ୍ୟ (ଉଭୟ ପୁରୁଷ ଓ ସ୍ତ୍ରୀ)କୁ **କ'ଣ** ବାଛିବାର ବିଷୟ ଦେଇଥିଲେ?
**ଆଦି ପୁସ୍ତକ ୨:୮-୯, ୧୫-୧୭** ପାଠ କରନ୍ତୁ

ଜୀବନ ଓ ମୃତ୍ୟୁ।

ଆଦି ପୁସ୍ତକ ତୃତୀୟ ଅଧ୍ୟାୟର ସମାପ୍ତି ପୂର୍ବରୁ, ପ୍ରଥମ ପୁରୁଷ ଓ ସ୍ତ୍ରୀ ଈଶ୍ୱରଙ୍କ ଜ୍ଞାନ ଓ ଜୀବନବୃକ୍ଷ ପରିବର୍ତ୍ତେ, ଶୟତାନର ପ୍ରବଞ୍ଚନା ଓ ସଦସତ୍ ଜ୍ଞାନଦାୟକ ବୃକ୍ଷର ଅଂଶାଧିକାରୀ ହେବା ନିମନ୍ତେ ମନୋନୀତ କଲେ। ପୁରୁଷ ଓ ସ୍ତ୍ରୀ, ପରିଶେଷରେ, ଯାହା ଜୀବନ ଓ ଫଳପୂର୍ଣ୍ଣତା ଆଡ଼କୁ କଢ଼ାଇ ନିଏ, ସେ ପ୍ରକାର ଏକ ନିର୍ଭରଶୀଳତା, ଘନିଷ୍ଠତାର ସମ୍ପର୍କ ଓ ଈଶ୍ୱରଙ୍କ ଜ୍ଞାନକୁ ଗ୍ରହଣ କରିବା ବିଷୟକୁ ମନୋନୀତ କରିବା ପରିବର୍ତ୍ତେ, ମୃତ୍ୟୁ ଓ ବିନାଶ ଆଡ଼କୁ କଢ଼ାଇ ନେଇଥାଏ, ସେ ପ୍ରକାର ଏକ ଅବିଶ୍ୱାସ, ଦୂରତାର ସମ୍ପର୍କ ଓ ଈଶ୍ୱରଙ୍କ ଜ୍ଞାନକୁ ଅଗ୍ରାହ୍ୟ କରିବା ବିଷୟକୁ ମନୋନୀତ କଲେ। ପୁରୁଷ ଓ ସ୍ତ୍ରୀ ଏହି ସମ୍ପୂର୍ଣ୍ଣ ଦୋଷଶୂନ୍ୟ ଜଗତରେ ମୃତ୍ୟୁ ଓ ମନ୍ଦତା ପ୍ରବେଶ କରିବାରେ ସମ୍ମତି ପ୍ରଦାନ କଲେ। **ଆଦି ପୁସ୍ତକ ୩:୧-୭, ୧୬-୧୭** ପାଠ କରନ୍ତୁ

ବର୍ତ୍ତମାନ ପୁରୁଷ ଓ ସ୍ତ୍ରୀ ମଧ୍ୟରେ ସମ୍ପର୍କ **କ'ଣ**, ସମାନ ନା ଅସମାନ?

ଅସମାନ।

ପ୍ରତ୍ୟେକେ ନିୟନ୍ତ୍ରଣ ଓ କ୍ଷମତା ଜାହିର କରିବାକୁ ଉଦ୍ୟମ କରନ୍ତି। ସ୍ତ୍ରୀ ପୁରୁଷକୁ ନିୟନ୍ତ୍ରଣ କରିବାକୁ ଇଚ୍ଛା କରେ ଓ ପୁରୁଷ ସ୍ତ୍ରୀ ଉପରେ କର୍ତ୍ତୃତ୍ୱ କରିବାକୁ ଚେଷ୍ଟା କରେ।

**ଆଦି ପୁସ୍ତକ ୪:୭** ପାଠ କରନ୍ତୁ


**ଆଦି ପୁସ୍ତକ ୩:୧୬-୧୭ର** ପୂର୍ବାପର ଘଟଣା ଅନୁସାରେ, 'ବାସନା ରହିବା'ର ଅର୍ଥ ପଛରେ ଗୋଡ଼ାଇବା, ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିବା ଓ କୌଶଳ କରି ପ୍ରଭାବିତ କରିବା ବିଷୟକୁ ବୁଝାଏ । ଏହି ପୂର୍ବାପର ଘଟଣା ଅନୁସାରେ **ଆଦି ପୁସ୍ତକ ୩:୧୬-୧୭ରେ** ଉଲ୍ଲିଖିତ 'କର୍ତ୍ତୃତ୍ୱ' ଶବ୍ଦର ଅର୍ଥ ଆଧିପତ୍ୟ କରିବା ଓ ଉପଦ୍ରବ କରିବାକୁ ବୁଝାଏ ।

ମନ୍ଦତା ଦ୍ୱାରା ବିନଷ୍ଟ ହୋଇଥିବା ସ୍ତ୍ରୀ ବର୍ତ୍ତମାନ ପୁରୁଷ ପ୍ରତି **କ'ଣ** କରିବାକୁ ଚାହୁଁଛି?

ପଛରେ ଗୋଡ଼ାଇବାକୁ, ନିୟନ୍ତ୍ରଣ କରିବାକୁ ଓ କୌଶଳ କରି ପ୍ରଭାବିତ କରିବାକୁ ।

ମନ୍ଦତା ଦ୍ୱାରା ବିନଷ୍ଟ ହୋଇଥିବା ପୁରୁଷ ବର୍ତ୍ତମାନ ସ୍ତ୍ରୀ ପ୍ରତି **କ'ଣ** କରିବାକୁ ଚାହୁଁଛି?


ଆଧିପତ୍ୟ କରିବାକୁ ଓ ଉପଦ୍ରବ କରିବାକୁ ।



**ମନ୍ଦତା ଦ୍ୱାରା ବିନଷ୍ଟ**

ପୁରୁଷ ଓ ସ୍ତ୍ରୀ **ମନ୍ଦତା ଦ୍ୱାରା ବିନଷ୍ଟ** ହୋଇଅଛନ୍ତି...
ତେଣୁ ଅସମାନ–ଅସମାନ

କିନ୍ତୁ ଘଟଣାଟି ସେଇଠି ଶେଷ ହୁଏ ନାହିଁ । ଈଶ୍ୱର ଆପଣା ମହାନ୍ ପ୍ରେମରେ ରକ୍ତମାଂସର ଏକ ମନୁଷ୍ୟ ଭାବରେ ଆପଣା ସୃଷ୍ଟି ନିକଟକୁ ଓହ୍ଲାଇ ଆସିଲେ, କ୍ରୁଶ ଉପରେ, ସମସ୍ତ ବିନାଶ, ରୋଗ, ମୃତ୍ୟୁ ଓ ମନ୍ଦତାକୁ ଆପଣା ଉପରକୁ ନେଲେ, ଯାହା ମନୁଷ୍ୟର ଅପରାଧର ଫଳସ୍ୱରୂପେ ଜଗତରେ ପ୍ରବେଶ କରିଥିଲା; ପୁଣି ଯୀଶୁ ସମସ୍ତ ବିନାଶ, ରୋଗ, ମୃତ୍ୟୁ ଓ ମନ୍ଦତା ଉପରେ ଜୟଲାଭ କରି ପୁନଃଜୀବିତ ହେଲେ ଓ ଏକ ଉତ୍ତମ ଜୀବନ ନିମନ୍ତେ ଆମ୍ଭମାନଙ୍କୁ ପୁନଃସ୍ଥାପନ କଲେ ।




**ଉତ୍ତମ ଜୀବନ ନିମନ୍ତେ ପୁନଃସ୍ଥାପିତ**

ପୁରୁଷ ଓ ସ୍ତ୍ରୀ **ଉତ୍ତମ ଜୀବନ ନିମନ୍ତେ ପୁନଃସ୍ଥାପିତ** ହୋଇଅଛନ୍ତି...
ସମାନ–ସମାନ ଭାବରେ

ତଥାପି ଘଟଣାଟି ସେଇଠି ଶେଷ ହୁଏନାହିଁ । ଈଶ୍ୱର ଆପଣା ମହାନ୍ ପ୍ରେମରେ ଶୟତାନର ସମସ୍ତ ମିଥ୍ୟାକୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଓ ସତ୍ୟତାକୁ ଜାଣିବା ପାଇଁ ଆପଣାର ଶକ୍ତି ଓ ଅଧିକାର ଦେଇଅଛନ୍ତି, ଯେପରି ଆମ୍ଭେମାନେ ଆଉ ପ୍ରବଞ୍ଚିତ ନ ହୋଇ ଆତ୍ମ କୈନ୍ଦ୍ରିକ ଅଭିଳାଷ, ଶୟତାନ ଓ ମନ୍ଦତା ଦ୍ୱାରା ବିନଷ୍ଟ ହୋଇଥିବା ଜଗତରେ ହିଁ ମନ୍ଦତା ଉପରେ ଜୟଲାଭ କରି ଜୀବନଯାପନ କରୁ ।

ଯେତେବେଳେ ଆମ୍ଭେମାନେ ଆମ୍ଭମାନଙ୍କ ନିୟନ୍ତ୍ରଣ ଓ ଆଧିପତ୍ୟ ଜାହିର କରିବାର ଅଭିଳାଷକୁ ପରିତ୍ୟାଗ କରି, ନିରନ୍ତର ଭାବରେ ପିତାଙ୍କ ଇଚ୍ଛା ନିକଟରେ ସମର୍ପିତ ଅବସ୍ଥାରେ ରହୁ, ପୁଣି ଯୀଶୁ ରକ୍ତମାଂସରେ ଦେହବନ୍ତ ହୋଇ ଆସିଥିବା, ମୃତ୍ୟୁଭୋଗ କରି, ପୁନରୁତ୍ଥିତ ହୋଇ ଓ ଊର୍ଦ୍ଧ୍ୱକୁ ଆରୋହଣ କରି ଆମ୍ଭମାନଙ୍କ ନିମନ୍ତେ ସାଧନ କରିଥିବା ସମସ୍ତ ବିଷୟକୁ ଗ୍ରହଣ କରୁ, ତେବେ ଆମ୍ଭମାନଙ୍କର ପୁରାତନ ସ୍ୱଭାବ ମୃତ ହୁଏ ଓ ଏହି ବର୍ତ୍ତମାନ ସମୟରେ, ମନ୍ଦତା ଦ୍ୱାରା ବିନାଶପ୍ରାପ୍ତ ଜଗତରେ ବାସ୍ତବରେ ଜୀବନଯାପନ କରୁ ।



**ସୁସ୍ଥ କରିବା ନିମନ୍ତେ ପ୍ରେରିତ ହେଲେ**

ଈଶ୍ୱର ଆପଣା ମହାନ୍ ପ୍ରେମରେ ଆମ୍ଭମାନଙ୍କୁ ଆପଣାର ପୁନଃସ୍ଥାପନ ଓ ସୁସ୍ଥକାରୀ ସେବାକାର୍ଯ୍ୟର ଏକ ଅଂଶ ପ୍ରଦାନ କରିଅଛନ୍ତି । ୧୫ ଓ ୧୬ ଅଧିବେଶନରେ, ତାହାଙ୍କ କାହାଣୀ ବାଇବଲରୁ, ଆମ୍ଭେମାନେ ଈଶ୍ୱରଙ୍କ ପ୍ରେମ ଓ ଆପଣା ସୁସ୍ଥକାରୀ ସେବାକାର୍ଯ୍ୟର ଯେଉଁ ଅଂଶ ଆମ୍ଭମାନଙ୍କୁ ପ୍ରଦାନ କରନ୍ତି, ତାହା ଅଧ୍ୟୟନ କରିବା ।

ପୁରୁଷ ଓ ସ୍ତ୍ରୀ **ସୁସ୍ଥ କରିବା ନିମନ୍ତେ ପ୍ରେରିତ** ହୋଇଅଛନ୍ତି... ସମାନ–ସମାନ ଭାବରେ

ଏହି ଅଧିବେଶନଟିରୁ ଆପଣ ଈଶ୍ୱରଙ୍କ ସମ୍ବନ୍ଧରେ **କେଉଁ** ଏକ ବିଷୟ ଶିଖିଲେ?

ଆପଣଙ୍କର ବ୍ୟାବହାରିକ, ପ୍ରତ୍ୟୁତ୍ତର/ପ୍ରାର୍ଥନା **କ'ଣ**?

# ଅଧିବେଶନ ୧୫: ସମ୍ପର୍କ – ଶିଷ୍ୟତ୍ୱ

*ଯେତେବେଳେ ଆମ୍ଭେମାନେ ଜୀବନରେ ଯାତ୍ରା କରୁ, ଯାହା ବି ପରିସ୍ଥିତି ହେଉନା କାହିଁକି, ଆମ୍ଭେମାନେ ଯେଉଁଆଡ଼େ ବି ଯାଉ, ସର୍ବଶକ୍ତିମାନ ସର୍ବବ୍ୟାପୀ ଈଶ୍ୱର ଆମ୍ଭମାନଙ୍କ ସଙ୍ଗରେ ଅଛନ୍ତି...ଘନିଷ୍ଠ ଭାବରେ, ବ୍ୟକ୍ତିଗତ ଭାବରେ।*

## ପ୍ରାରମ୍ଭିକ ପ୍ରାର୍ଥନା

ଅଧିବେଶନଟିକୁ ଆରମ୍ଭ କରିବା ନିମନ୍ତେ ଜଣେ କାହାକୁ ପ୍ରାର୍ଥନା କରିବାକୁ କୁହନ୍ତୁ।

## ଉପାସନା

ଦଳଗତ ଭାବରେ ଗାଇବା ପାଇଁ ଦୁଇ କିମ୍ବା ତିନୋଟି ଉପାସନା ଗୀତ ବାଛନ୍ତୁ, ଯାହା ଈଶ୍ୱର ଆମ୍ଭମାନଙ୍କ ସଙ୍ଗରେ ଅଛନ୍ତି ବୋଲି ପ୍ରକାଶ କରୁଥିବ।

## ବାଇବଲ ଅଧ୍ୟୟନ

ମନେ ପକାନ୍ତୁ, ଏହି ଶିକ୍ଷା ଯାତ୍ରାର ଆରମ୍ଭରେ ଆମ୍ଭେମାନେ ଶିକ୍ଷା କଲୁ ଯେ ଈଶ୍ୱରଙ୍କୁ ଓ ଆପଣଙ୍କ ପ୍ରତି ଈଶ୍ୱରଙ୍କ ପ୍ରେମକୁ ଜାଣିବାରେ, ପୁଣି ସେ କିଏ, ସେ କ'ଣ କରିଅଛନ୍ତି ଓ ସେ କ'ଣ କରିବେ, ତାହା ଜାଣିବା ଦ୍ୱାରା ଶିଷ୍ୟତ୍ୱର ଆରମ୍ଭ ହୋଇଥାଏ। ତାହାଙ୍କ ବାକ୍ୟରେ, ତାହାଙ୍କ ଉପସ୍ଥିତିରେ, ଉପାସନାରେ, ପ୍ରାର୍ଥନାରେ ଓ ଅନ୍ୟ ବିଶ୍ୱାସୀମାନଙ୍କ ସହଭାଗୀତାରେ ସମୟ କ୍ଷେପଣ କରିବା ବିଷୟ ଆମ୍ଭମାନଙ୍କୁ ଈଶ୍ୱରଙ୍କୁ ଜାଣିବାରେ ସାହାଯ୍ୟ କରିଥାଏ।

ଆମ୍ଭମାନଙ୍କଠାରେ ଓ ଅନ୍ୟମାନଙ୍କଠାରେ ଶିଷ୍ୟତ୍ୱ ଏକ ଦୈନନ୍ଦିନ ନିରନ୍ତର ପ୍ରକ୍ରିୟା ଅଟେ। ଦ୍ରାକ୍ଷାଲତାର ସମ୍ପର୍କ ଅଧିବେଶନରେ ଆମ୍ଭେମାନେ ଶିକ୍ଷା କରିଅଛୁ ଯେ, ଆମ୍ଭମାନଙ୍କ ଚରିତ୍ରରେ ଓ ଅଭିବୃଦ୍ଧିରେ ପରିବର୍ତ୍ତନ ଆଣିବା ପବିତ୍ରଆତ୍ମାଙ୍କର କାର୍ଯ୍ୟ ଅଟେ। ଈଶ୍ୱର ଅନ୍ୟମାନଙ୍କ ନିକଟରେ ଆପଣାକୁ ପ୍ରକାଶ କରିବା ପାଇଁ ଆମ୍ଭମାନଙ୍କୁ ଆବଶ୍ୟକ କରନ୍ତି ନାହିଁ, କିନ୍ତୁ ତାହାଙ୍କ ଯୋଜନାର ଅଂଶ ହେବା ନିମନ୍ତେ ଆମ୍ଭମାନଙ୍କୁ ଆପଣା ମହାନ୍ ପ୍ରେମରେ ମନୋନୀତ କଲେ। ଅନ୍ୟମାନଙ୍କୁ ଈଶ୍ୱରଙ୍କ ବିଷୟ, ତାହାଙ୍କ ସତ୍ୟତା, ପ୍ରେମକୁ ଓ ଶକ୍ତି ବିଷୟରେ ଜଣାଇବା ପୂର୍ବରୁ ସେମାନେ ପ୍ରଥମେ ତାହାଙ୍କ ବିଷୟରେ ଶିକ୍ଷା କରିବା ଉଚିତ।

ଆମ୍ଭେମାନେ **କାହାର** ଶିଷ୍ୟ ଅଟୁ?

ଯୀଶୁଙ୍କର।

ସମସ୍ତ ଶକ୍ତି ଓ ଅଧିକାର **କାହାର** ଅଛି? **ମାଥିଉ ୨୮:୧୮-୨୦** ପାଠ କରନ୍ତୁ

ଯୀଶୁଙ୍କର।

ଏହି ତିନିଗୋଟି ପଦରେ ଯୀଶୁ ଆପଣା ଶିଷ୍ୟମାନଙ୍କୁ **କେଉଁ** ଚାରୋଟି କାର୍ଯ୍ୟ କରିବା ବିଷୟରେ କହିଲେ?

୧. ଯାଅ

ଏହି ପ୍ରସଙ୍ଗରେ 'ଯାଅ'ର ଅର୍ଥ ଆମ୍ଭମାନଙ୍କର ଜୀବନଯାତ୍ରା (ଆମ୍ଭେମାନେ ଯେକୌଣସି ପରିସ୍ଥିତିରେ ରହୁନା କାହିଁକି) ହୋଇପାରେ, ଆମ୍ଭମାନଙ୍କର ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯାତ୍ରା କରିବା ବିଷୟ ହୋଇପାରେ (ଆମ୍ଭେମାନେ ଯେକୌଣସି ଅଞ୍ଚଳର ହେଉନା କାହିଁକି), ଯୀଶୁଙ୍କର ସବୁ ପରିସ୍ଥିତି ଉପରେ ଓ ସମସ୍ତ ଅଞ୍ଚଳ ଉପରେ ଶକ୍ତି ଓ ଅଧିକାର ଅଛି। ଆମ୍ଭେମାନେ ପ୍ରତ୍ୟେକେ ଆମ୍ଭମାନଙ୍କର ଦୈନନ୍ଦିନ ଜୀବନରେ ଯେ କୌଣସି ସ୍ଥାନରେ ବି ତାହାଙ୍କ ସହିତ ଚାଲୁ, ସେ ଆମ ପ୍ରତ୍ୟେକଙ୍କ ସାଙ୍ଗରେ, ଘନିଷ୍ଠ ଭାବରେ ଓ ବ୍ୟକ୍ତିଗତ ଭାବରେ, ତାହାଙ୍କ ଆତ୍ମାରେ, ପ୍ରତ୍ୟେକ ବିଶ୍ୱାସୀ ସାଙ୍ଗରେ ଅଛନ୍ତି।

୨. ବାପ୍ତିସ୍ମ ଦେବା

ଏହି ପ୍ରସଙ୍ଗରେ ବାପ୍ତିସ୍ମ ଦେବାର ଅର୍ଥ ହେଉଛି ଯୀଶୁଙ୍କର ଶିଷ୍ୟ ହେବା ପାଇଁ ଅନ୍ୟମାନଙ୍କୁ ଶକ୍ତିଯୁକ୍ତ କରିବା। ତାହାଙ୍କୁ, ତାହାଙ୍କ ପରିଚୟକୁ, ତାହାଙ୍କ ଆତ୍ମା ଓ ପିତାଙ୍କୁ ଗ୍ରହଣ କରିବା। ତାହାଙ୍କଠାରେ ସମ୍ପୂର୍ଣ୍ଣ ଡୁବିତ ହେବାର ଅର୍ଥ ହେଉଛି, ତାହାଙ୍କର ଶକ୍ତି ଓ ଅଧିକାରକୁ ଗ୍ରହଣ କରିବା ଏବଂ ବର୍ତ୍ତମାନ ସମୟରେ ଓ ଭବିଷ୍ୟତରେ ତାହାଙ୍କ ଆତ୍ମାଙ୍କ ଦ୍ୱାରା ଏକ ସ୍ଥାୟୀ, ସାକାରାତ୍ମକ ପରିବର୍ତ୍ତନକୁ ଆଦରିନେବା।

୩. ଶିକ୍ଷା ଦେବା

ଫଳପ୍ରଦ ଶିକ୍ଷାର ଅର୍ଥ ହେଉଛି ଯୀଶୁଙ୍କ ବିଷୟ ଶିକ୍ଷା କରିବା ନିମନ୍ତେ ଅନ୍ୟମାନଙ୍କୁ ଶକ୍ତିଯୁକ୍ତ କରିବା, ଯଦ୍ଦ୍ୱାରା ସେମାନେ ପ୍ରଭୁଙ୍କ ସହିତ ସମ୍ପର୍କରେ ବୃଦ୍ଧି ପାଇବେ ଓ ଅନ୍ୟମାନଙ୍କୁ ଶିକ୍ଷା ଦେବେ। ଶିକ୍ଷାର ଅର୍ଥ ନୁହେଁ ଯେ

ଆମ୍ଭେମାନେ କେତେ ଜାଣିଛୁ, ତାହା ଅନ୍ୟମାନଙ୍କ ନିକଟରେ ଦେଖାଇବା କିମ୍ବା ଆମେ ନିଜେ ଠିକ୍ ଅଟୁ ବୋଲି ପ୍ରମାଣ କରିବା । ସବୁ ଗୋଷ୍ଠୀ ମଧ୍ୟରେ, ଉଭୟ ପୁରୁଷ ଓ ସ୍ତ୍ରୀକୁ (ସମାନ ସମାନ ଭାବରେ), ବୟସ୍କ ଓ ପିଲାମାନଙ୍କୁ (ସମାନ ସମାନ ଭାବରେ) ଶିକ୍ଷା ଦେବା ଆବଶ୍ୟକ ।

୪. ଶିଷ୍ୟ ଗଠନ କରିବା

ଏହି ପ୍ରସଙ୍ଗ ପରିପ୍ରେକ୍ଷିରେ ଶିଷ୍ୟ ଗଠନ କାର୍ଯ୍ୟ ହେଉଛି ମୁଖ୍ୟ କାର୍ଯ୍ୟ । ଆମ୍ଭେମାନେ ବାପ୍ତିସ୍ମ ଦେଇ (ଯୀଶୁଙ୍କୁ, ତାହାଙ୍କ ପରିଚୟକୁ, ତାହାଙ୍କ ଆତ୍ମାକୁ ଓ ପିତାଙ୍କୁ ଗ୍ରହଣ କରିବା ନିମନ୍ତେ ସେମାନଙ୍କୁ ସଶକ୍ତିକରଣ କରି), ପୁଣି ଶିକ୍ଷା ଦେଇ (ଯୀଶୁଙ୍କ ବିଷୟ ଶିଖିବା ଓ ତାହାଙ୍କଠାରେ ବୃଦ୍ଧି ପାଇବା ନିମନ୍ତେ ସେମାନଙ୍କୁ ସଶକ୍ତିକରଣ କରି) ଶିଷ୍ୟ ଗଠନ କରିଥାଉ ।

ଯୀଶୁଙ୍କର ଶିଷ୍ୟ ଗଠନ କାର୍ଯ୍ୟ ହେଉଛି ଈଶ୍ୱରଙ୍କ ଯୋଜନା ସଫଳ କରିବାରେ ଈଶ୍ୱରଙ୍କ ଏକ କାର୍ଯ୍ୟ ପ୍ରଣାଳୀ (**ଏଫିସୀୟ ୧:୯-୧୦**) । ଶିଷ୍ୟ ଗଠନ କାର୍ଯ୍ୟ ହେଉଛି ତାହାଙ୍କ ଶିଷ୍ୟମାନଙ୍କ ଭିତରେ ଓ ମାଧ୍ୟମରେ ପବିତ୍ରଆତ୍ମାଙ୍କ କାର୍ଯ୍ୟ । ଈଶ୍ୱର, ଆମ୍ଭେମାନେ ଯେ ତାହାଙ୍କର ଶିଷ୍ୟ, ଆମ୍ଭମାନଙ୍କ ନିକଟରେ ଆପଣା ଯୋଜନା ପ୍ରକାଶ କଲେ ଓ ଆମ୍ଭମାନଙ୍କ ନିମନ୍ତେ ଆପଣାର ମହାନ୍ ପ୍ରେମ ସକାଶୁ ଆପଣା ଯୋଜନାରେ ପ୍ରତ୍ୟେକଙ୍କୁ ଏକ ଏକ ଅଂଶ ପ୍ରଦାନ କରିଅଛନ୍ତି ।

ଆମ୍ଭେମାନେ ଯେତେବେଳେ ଯୀଶୁଙ୍କ ବିଷୟରେ *ଶିକ୍ଷା* କରିଥାଉ, ଯେତେବେଳେ ଆମ୍ଭେମାନେ ପ୍ରତିଦିନ ତାହାଙ୍କ ସମ୍ପର୍କରେ ଥାଇ ଯୀଶୁଙ୍କୁ ବ୍ୟକ୍ତିଗତ ଭାବରେ ଅଧିକରୁ ଅଧିକ *ଜାଣୁ*, ପୁଣି, ଯେଉଁମାନଙ୍କ ସାଙ୍ଗରେ ଆମ୍ଭେମାନେ ଜୀବନଯାତ୍ରାରେ ଅଛୁ, ସେମାନଙ୍କୁ ଜାଣୁ; ଯୀଶୁ ଯେପରି ଆମ୍ଭମାନଙ୍କ ନିକଟରେ ଆପଣାର ବିଷୟସବୁକୁ ପ୍ରକାଶ କରନ୍ତି, ସେପରି ଆମ୍ଭେମାନେ ମଧ୍ୟ ଅନ୍ୟମାନଙ୍କ ନିକଟରେ ଯୀଶୁଙ୍କ ବିଷୟରେ *ପ୍ରକାଶ* କରିଥାଉ । ଆମ୍ଭେମାନେ ଯେପ୍ରକାର ଯୀଶୁଙ୍କୁ ଆମ୍ଭମାନଙ୍କ ସେବା କରିବା ପାଇଁ ଦେଉଛୁ, ସେହିପରି ଆମ୍ଭେମାନେ ମଧ୍ୟ ତାହାଙ୍କ ଆତ୍ମାଙ୍କ ଦ୍ୱାରା, ତାହାଙ୍କ ନାମରେ, ଅନ୍ୟମାନଙ୍କ ସେବା କରିବା ପାଇଁ ଯୀଶୁଙ୍କର *ସେବା* କରୁଅଛୁ ଓ ତଦ୍ଦ୍ୱାରା ଈଶ୍ୱରଙ୍କ ଯୋଜନା ସଫଳ ହେଉଅଛି ।

ପ୍ରତ୍ୟେକ ଶିଷ୍ୟର ସାକ୍ଷ୍ୟ ଅଛି, ଯେହେତୁ ପ୍ରତ୍ୟେକ ଶିଷ୍ୟଠାରେ ଅନ୍ତର୍ବାସୀ ପବିତ୍ରଆତ୍ମା ଅଛନ୍ତି, ଯେ କି ଯୀଶୁଙ୍କର ସାକ୍ଷୀ । ଆପଣଙ୍କ ଅନ୍ତର ମଧ୍ୟରେ ଥିବା ଖ୍ରୀଷ୍ଟଙ୍କର ପରିବର୍ତ୍ତନକାରୀ ଶକ୍ତି ଦ୍ୱାରା, ଈଶ୍ୱର ଆପଣଙ୍କୁ ଯେଉଁ ପ୍ରକାର ବ୍ୟକ୍ତି ହେବା ପାଇଁ ସୃଷ୍ଟି କରିଅଛନ୍ତି, ସେହି ପ୍ରକାର ବ୍ୟକ୍ତି ହେବା ଆପଣଙ୍କ ସାକ୍ଷ୍ୟ ଅଟେ ।

## ସାକ୍ଷ୍ୟ




ଯୀଶୁଙ୍କର ଜଣେ ଶିଷ୍ୟ ହେବା ପୂର୍ବରୁ ଆପଣ **କି** ପ୍ରକାର ବ୍ୟକ୍ତି ଥିଲେ?

ଯୀଶୁଙ୍କର ଜଣେ ଶିଷ୍ୟ ଭାବରେ ଆପଣ **କି** ପ୍ରକାର ବ୍ୟକ୍ତି ଅଟନ୍ତି ଓ ଯୀଶୁ ଆପଣଙ୍କ ପ୍ରତି ଓ ଆପଣଙ୍କଠାରେ **କି** ପ୍ରକାର ଭିନ୍ନତା ଆଣିଛନ୍ତି?

ଯୀଶୁଙ୍କ ରକ୍ତମାଂସର ନିଜସ୍ୱ ବଳିଦାନକୁ ଗ୍ରହଣ କରି ଯୀଶୁଙ୍କର ଶିଷ୍ୟ ହେବା ନିମନ୍ତେ ଯେତେବେଳେ ଆପଣ ନିଷ୍ପତ୍ତି ନେଲେ, ଆପଣଙ୍କ ଜୀବନର ପରିସ୍ଥିତି **କ'ଣ** ଥିଲା?

ଯୀଶୁଙ୍କର ରକ୍ତମାଂସର ନିଜସ୍ୱ ବଳିଦାନକୁ ଗ୍ରହଣ କରି ଯୀଶୁଙ୍କର ଶିଷ୍ୟ ହେବା ନିମନ୍ତେ ସବୁଠାରୁ ମୁଖ୍ୟ **କେଉଁ** ବିଷୟ ଆପଣଙ୍କୁ କଢ଼ାଇ ଆଣିଲା?

ବର୍ତ୍ତମାନ ସମୟରେ, ଆପଣଙ୍କ ଜୀବନରେ ସବୁଠାରୁ ବଡ଼ ଭିନ୍ନତା **କ'ଣ** ଅଟେ?

ଭବିଷ୍ୟତରେ, ଆପଣଙ୍କ ଜୀବନରେ ସବୁଠାରୁ ବଡ଼ ଭିନ୍ନତା **କ'ଣ** ହେବ?

ଜଣେ ଅଣ-ଖ୍ରୀଷ୍ଟିୟାନ ଲୋକ ନିକଟରେ ସାକ୍ଷ୍ୟ ଦେଲା ପରି ପ୍ରତ୍ୟେକେ – ଜଣ କରି ଜଣ – ନିଜ ନିଜର ସାକ୍ଷ୍ୟ କୁହନ୍ତୁ (ଦୁଇ ମିନିଟ୍ ମଧ୍ୟରେ) । ଧାର୍ମିକ, ପରିତ୍ରାଣ ଭଳି ଖ୍ରୀଷ୍ଟିୟାନ ଶବ୍ଦ ବ୍ୟବହାର କରନ୍ତୁ ନାହିଁ, ତା' ପରିବର୍ତ୍ତେ ଆପଣଙ୍କ ଜୀବନରେ ଆପଣଙ୍କ ପାଇଁ ପରିତ୍ରାଣର ଅର୍ଥ କ'ଣ, ବର୍ଣ୍ଣନା କରନ୍ତୁ ।

ଏହି ଅଧିବେଶନଟିରୁ ଆପଣ ଈଶ୍ୱରଙ୍କ ସମ୍ବନ୍ଧରେ **କେଉଁ** ଏକ ବିଷୟ ଶିଖିଲେ?

ଆପଣଙ୍କର ବ୍ୟାବହାରିକ, ପ୍ରତ୍ୟୁତ୍ତର/ପ୍ରାର୍ଥନା **କ'ଣ**?

# ଅଧିବେଶନ ୧୬: ସମ୍ପର୍କ – ଈଶ୍ୱରଙ୍କ ରାଜ୍ୟ

*ଆମ୍ଭେମାନେ ଯାହାର ଉପାସନା କରୁ, ତାହାରି ସଦୃଶ୍ୟ ହୋଇଥାଉ ।*

## ପ୍ରାରମ୍ଭିକ ପ୍ରାର୍ଥନା

ଅଧିବେଶନଟିକୁ ଆରମ୍ଭ କରିବା ନିମନ୍ତେ ଜଣେ କାହାକୁ ପ୍ରାର୍ଥନା କରିବାକୁ କୁହନ୍ତୁ ।

## ଉପାସନା

ଦଳଗତ ଭାବରେ ଗାଇବା ପାଇଁ ଦୁଇ କିମ୍ବା ତିନୋଟି ଉପାସନା ଗୀତ ବାଛନ୍ତୁ, ଯାହା ଯୀଶୁଙ୍କୁ ରାଜା ଅଟନ୍ତି ବୋଲି ପ୍ରକାଶ କରୁଥିବ!

ମନେ ପକାନ୍ତୁ, ଏହି ଶିକ୍ଷାଯାତ୍ରାର ଆରମ୍ଭରେ ଆମ୍ଭେମାନେ, ଏକତ୍ର ଶିକ୍ଷା କଲୁ ଯେ, ଈଶ୍ୱର ଆପଣାକୁ ଓ ଆପଣାର ଯୋଜନାକୁ ପ୍ରକାଶ କରିବାକୁ ଚାହାନ୍ତି, ଯାହାର ଅର୍ଥ ହେଉଛି ଖ୍ରୀଷ୍ଟ ଯୀଶୁଙ୍କଠାରେ, ସ୍ୱର୍ଗ ଓ ପୃଥିବୀରେ ଥିବା ସମସ୍ତ ବିଷୟ ଆଣିବା । ଯୀଶୁ ହେଉଛନ୍ତି ଈଶ୍ୱରଙ୍କ ରାଜ୍ୟର ଶାସକ ।

## ଶବ୍ଦ ଅଧ୍ୟୟନ

*ରାଜ୍ୟର* ଅର୍ଥ ହେଉଛି ଏକ ରାଜ୍ୟ ଉପରେ ଶାସନ କରିବା ପାଇଁ ଉଭୟ ଅଧିକାର ଅବା କ୍ଷମତା କିଅବା ଶକ୍ତି ଓ ଭୂଖଣ୍ଡ କିମ୍ବା ଅଞ୍ଚଳ ଯହିଁରେ ସେହି ଶାସନ କିମ୍ବା ଅଧିକାର ପ୍ରୟୋଗ କରାଯିବା ।

*ଈଶ୍ୱରର* ଅର୍ଥ ପରମ ପ୍ରଧାନ ଦେବ, ଯାହାଙ୍କୁ ଆମ୍ଭେମାନେ ପିତା, ପୁତ୍ର ଓ ପବିତ୍ରଆତ୍ମା ବୋଲି ଜାଣୁ ।

*ଈଶ୍ୱରଙ୍କ ରାଜ୍ୟ* ହେଉଛି ସ୍ୱର୍ଗ ଓ ପୃଥିବୀ ଉପରେ ରାଜତ୍ୱ କରିବା ନିମନ୍ତେ ଯୀଶୁଙ୍କର ଅଧିକାର କିମ୍ବା କ୍ଷମତା କିଅବା ଶକ୍ତି ଅଟେ । ଯୀଶୁଖ୍ରୀଷ୍ଟଙ୍କର ବାର୍ତ୍ତା ଓ ସେବାକାର୍ଯ୍ୟ ଏବଂ ତାହାଙ୍କ ସୁସ୍ଥକାରୀ ସେବାକାର୍ଯ୍ୟରେ ଆପଣା ଶିଷ୍ୟମାନଙ୍କର ଭୂମିକା ବୁଝିବା ନିମନ୍ତେ ଈଶ୍ୱରଙ୍କ ରାଜ୍ୟର ପ୍ରତିଚ୍ଛବି ଏକ ମୁଖ୍ୟ ବିଷୟ ଅଟେ ।

## ବାଇବଲ ଅଧ୍ୟୟନ

**ଲୂକ ୪:୪୩** ଓ **ପ୍ରେରିତ ୧:୧-୪** ପାଠ କରନ୍ତୁ

ଯୀଶୁ ଈଶ୍ୱରଙ୍କ ରାଜ୍ୟ ଉପରେ ପ୍ରଚାର କଲେ ଓ ଶିକ୍ଷା ଦେଲେ, ଈଶ୍ୱରଙ୍କ ରାଜ୍ୟ ପ୍ରଦର୍ଶନ କଲେ । ସେ ହେଉଛନ୍ତି ଈଶ୍ୱରଙ୍କ ରାଜ୍ୟର ଶାସକ ।

ରକ୍ତମାଂସରେ ଆପଣାର ଆଗମନ ଦ୍ୱାରା **କ'ଣ** ସଫଳ ହେଉଥିବା ବିଷୟ ଯୀଶୁ କହିଥିଲେ? **ଲୂକ ୪:୧୮-୧୯** ପାଠ କରନ୍ତୁ

୧. ଦୀନହୀନମାନଙ୍କ ନିକଟରେ ସୁସମାଚାର ପ୍ରଚାର

୨. ଭଗ୍ନାନ୍ତକରଣମାନଙ୍କୁ ସୁସ୍ଥ କରିବା

୩. ବନ୍ଦୀମାନଙ୍କ ନିକଟରେ ମୁକ୍ତି

୪. ଅନ୍ଧମାନଙ୍କ ନିକଟରେ ଦୃଷ୍ଟିଲାଭ

୫. ଉପଦ୍ରବପ୍ରାପ୍ତମାନଙ୍କ ନିମନ୍ତେ ମୁକ୍ତି

୬. ଏହି ସମସ୍ତ ବିଷୟ ଘଟିବା ନିମନ୍ତେ ଏହା ଈଶ୍ୱରଙ୍କ ନିରୂପିତ ସମୟର ଆରମ୍ଭ ବୋଲି ଘୋଷଣା କରନ୍ତୁ ।

ଯୀଶୁଖ୍ରୀଷ୍ଟଙ୍କଠାରେ ଈଶ୍ୱରଙ୍କ ରାଜ୍ୟ ପୃଥିବୀକୁ, ମନ୍ଦତା ଦ୍ୱାରା ବିନଷ୍ଟ ଏହି ଜଗତକୁ ଆସିଅଛି ।

ଈଶ୍ୱରଙ୍କ ରାଜ୍ୟ / ସ୍ୱର୍ଗରାଜ୍ୟ ଆସିଗଲାଣି ବୋଲି ଯୀଶୁ ଯୋହନଙ୍କୁ **କେଉଁସବୁ** ସାକ୍ଷ୍ୟ ବିଷୟରେ କହିଥିଲେ? **ମାଥିଉ ୧୧:୩-୫** ପାଠ କରନ୍ତୁ

୧. ଅନ୍ଧମାନେ ଦୃଷ୍ଟି ପାଆନ୍ତି

୨. ଖଞ୍ଜମାନେ ଚାଲନ୍ତି

୩. କୁଷ୍ଠୀମାନେ ଶୁଚି ହୁଅନ୍ତି

୪. ବଧିରମାନେ ଶ୍ରବଣ କରନ୍ତି

୫. ମୃତମାନେ ଉତ୍ଥିତ ହୁଅନ୍ତି

୬. ଦୀନହୀନମାନଙ୍କ ନିକଟରେ ସୁସମାଚାର ଘୋଷଣା କରାଯାଏ

ପୁରାତନ ନିୟମରେ ସେହିଦିନ ସମ୍ବନ୍ଧରେ ଅନେକ ଭାବବାଣୀ ଅଛି, ଯେଉଁଦିନ ଅନ୍ଧମାନେ ଦୃଷ୍ଟିଲାଭ କରିବେ, ଖଞ୍ଜମାନେ ଚାଲିବେ ଓ ବଧିରମାନେ ଶ୍ରବଣ କରିବେ। ଏହା କେବଳ ଆତ୍ମିକ ସୁସ୍ଥତାକୁ ସୂଚାଏ ନାହିଁ। ଈଶ୍ୱରଙ୍କ ରାଜ୍ୟ ସମ୍ପୂର୍ଣ୍ଣ ସୁସ୍ଥତାର ବିଷୟ ବୋଲି ଯୀଶୁ ପ୍ରକାଶ କଲେ; ଆତ୍ମିକ, ଶାରିରୀକ ଓ ମାନସିକ। ସମ୍ପୂର୍ଣ୍ଣ ସୁସ୍ଥତା ଓ ଶାନ୍ତି।

ବନ୍ଦୀମାନଙ୍କୁ ମୁକ୍ତ କରିବାକୁ, ଭଗ୍ନାନ୍ତକରଣମାନଙ୍କୁ ସୁସ୍ଥ କରିବାକୁ ଓ ଈଶ୍ୱରଙ୍କ ରାଜ୍ୟ ଆସିଅଛି ବୋଲି ଘୋଷଣା କରିବାକୁ ପିତା ଈଶ୍ୱର ଯୀଶୁଙ୍କୁ ଏହି ମନ୍ଦତା ଦ୍ୱାରା ବିନଷ୍ଟ ଜଗତକୁ (ଯାହା ଶୟତାନର ପ୍ରଭାବ ଏବଂ ଆଧିପତ୍ୟ ଓ ନିୟନ୍ତ୍ରଣ କରିବାକୁ ମନୁଷ୍ୟର ଅଭିଳାଷର ଅଧିନ) ପ୍ରେରଣ କଲେ। ଯେଉଁମାନେ ଯୀଶୁଙ୍କ ରକ୍ତମାଂସର ନିଜସ୍ୱ ବଳିଦାନକୁ ବିଶ୍ୱାସ କରି ଗ୍ରହଣ କରନ୍ତି, ସେମାନେ ଅନନ୍ତକାଳ ପାଇଁ ଉଦ୍ଧାର ପାଆନ୍ତି। ସେମାନେ ମୃତ୍ୟୁର ରାଜ୍ୟରୁ ଉଦ୍ଧାରପ୍ରାପ୍ତ ହୋଇ ଜୀବନର ରାଜ୍ୟକୁ ଫେରାଇ ଅଣାଯାନ୍ତି।

**ମାଥିଉ ୧୯:୧୩-୧୫** ପାଠ କରନ୍ତୁ (**ମାର୍କ ୧୦:୧୩-୧୬** ଓ **ଲୂକ ୧୮:୧୫-୧୭** ମଧ୍ୟ ପାଠ କରନ୍ତୁ)।

ଯୀଶୁ ପିଲାମାନଙ୍କୁ କିଭଳି ଦୃଷ୍ଟିରେ ଦେଖନ୍ତି, ତା' ବିଷୟରେ ଆମ୍ଭେମାନେ **କ'ଣ** ଶିଖୁଛୁ?

ଯଦିଓ ଯୀଶୁ ଜଣେ ପିଲାର ବିଶ୍ୱାସ ଓ ଭରସାକୁ ଈଶ୍ୱରଙ୍କ ରାଜ୍ୟ ସହ ତୁଳନା କରୁଥିଲେ, ପିଲାମାନଙ୍କୁ ସେବା କରିବା ପାଇଁ ଯୀଶୁଙ୍କ ଅଟକିଯିବାର ତାତ୍ପର୍ଯ୍ୟ ପ୍ରଭାବଶାଳୀ ଅଟେ ଓ ସମସ୍ତ ତିନୋଟିଯାକ ସୁସମାଚାରରେ ଏହା ଅନ୍ତର୍ଭୁକ୍ତ ହୋଇଛି। ମନ୍ଦତା ଦ୍ୱାରା ବିନଷ୍ଟ ଏକ ଜଗତରେ ସମୟର ସଂସ୍କୃତି ଏହି ଯେ, ପିଲାମାନେ ବୟସ୍କମାନଙ୍କଠାରୁ ମୂଲ୍ୟରେ କମ୍। ଶିଷ୍ୟମାନେ ଏହି ଜଗତର ସଂସ୍କୃତିକୁ ମାନୁଥିଲେ ଓ ସେ ପର୍ଯ୍ୟନ୍ତ ଈଶ୍ୱରଙ୍କ ରାଜ୍ୟର ସଂସ୍କୃତିରେ ଜୀବନଯାପନ କରି ନ ଥିଲେ। ଆପଣା କର୍ମସକଳ ଦ୍ୱାରା, ଯୀଶୁ ଆପଣା ଶିଷ୍ୟମାନଙ୍କୁ ଶିକ୍ଷା ଦେଉଥିଲେ ଓ ଦେଖାଉଥିଲେ ଯେ ମନ୍ଦତା ଦ୍ୱାରା ବିନଷ୍ଟ ଏକ ଜଗତରେ ଈଶ୍ୱରଙ୍କ ରାଜ୍ୟ କିଭଳି ଦେଖାଯାଏ।

ବୟସ୍କମାନଙ୍କ ସହ ସମ୍ପର୍କରେ ଯୀଶୁ ପିଲାମାନଙ୍କୁ **କିଭଳି** ଦୃଷ୍ଟିରେ ଦେଖନ୍ତି, ସମାନ ଭାବରେ ନା ଅସମାନ ଭାବରେ?

ସମାନ ଭାବରେ।

## ଦଳଗତ ଆଲୋଚନା

ଈଶ୍ୱରଙ୍କ ରାଜ୍ୟ କ'ଣ ବୋଲି ଆପଣ ବିଶ୍ୱାସ କରୁଛନ୍ତି, ସେ ବିଷୟରେ ଦଳଗତ ଭାବରେ ଆଲୋଚନା କରନ୍ତୁ ।

୧. ଈଶ୍ୱର ଓ ଅନ୍ୟମାନଙ୍କ ମଧ୍ୟରେ ପୁରୁଷ, ସ୍ତ୍ରୀ, ପୁଅ, ଝିଅ ମଧ୍ୟରେ ...ସମାନ ସମାନ ଭାବରେ ସମ୍ପର୍କର ପୁନଃସ୍ଥାପନ

୨. ଗରୀବ ଓ ଧନୀ ପ୍ରଭାବଶାଳୀ ହୁଅନ୍ତି...ସମାନ ସମାନ ଭାବରେ

୩. ସମାନତାର ସମାଜ ପରସ୍ପରକୁ ଗଠନ କରେ

୪. ଯୀଶୁଙ୍କଠାରେ ବିଶ୍ୱାସ କରି ଜୀବନଯାପନ କରୁଥିବା ସମସ୍ତ ଲୋକଙ୍କୁ ଅନ୍ତର୍ଭୁକ୍ତକରଣ

୫. ନ୍ୟାୟ ଓ ଶାନ୍ତିର ସହ ସମାଜ ଗଠନ କରିବା

୬. ସତ୍ୟତା ଓ ପ୍ରେମ ସହ ବନ୍ଦୀମାନେ ମୁକ୍ତି ପାଆନ୍ତି

୭. ସଚ୍ଚୋଟ ଅଭ୍ୟାସଗୁଡ଼ିକ ସଂସ୍କୃତିରେ ପରିଣତ ହୁଏ

ଯୀଶୁଙ୍କଠାରେ ଈଶ୍ୱରଙ୍କ ରାଜ୍ୟ ପ୍ରକାଶିତ ହୁଏ ।

ମନ୍ଦତା ଦ୍ୱାରା ବିନଷ୍ଟ ଏକ ଜଗତରେ, ଯୀଶୁ ତାହାଙ୍କ ଆତ୍ମାଙ୍କ ଦ୍ୱାରା, ତାହାଙ୍କ ଶକ୍ତି ଓ ଅଧିକାରରେ, ଈଶ୍ୱରଙ୍କ ରାଜ୍ୟରେ ଜୀବନଯାପନ କରିବାକୁ ଓ ପିତା ଈଶ୍ୱରଙ୍କ ଗୌରବ ନିମନ୍ତେ, ତାହାଙ୍କ ରାଜ୍ୟର ଅଗ୍ରଣୀ ଅଂଶ ହେବାକୁ ଆମ୍ଭମାନଙ୍କୁ ଦାୟିତ୍ୱ ସମର୍ପଣ କରିଅଛନ୍ତି ।

ତାହାଙ୍କ ବାକ୍ୟରେ, ତାହାଙ୍କ ଉପସ୍ଥିତିରେ, ଉପାସନାରେ, ପ୍ରାର୍ଥନାରେ, ଅନ୍ୟ ବିଶ୍ୱାସୀମାନଙ୍କ ସହଭାଗୀତାରେ ସମୟ କ୍ଷେପଣ କରି, ଯୀଶୁଙ୍କଠାରୁ ମଙ୍ଗଳ ବିଷୟସବୁ ପ୍ରାପ୍ତ ହୋଇ, ମନ୍ଦତା ଦ୍ୱାରା ବିନଷ୍ଟ ଏହି ଜଗତରେ ତାହାଙ୍କ ବିଜୟର ପୂର୍ଣ୍ଣତାରେ ଜୀବନଯାପନ କରି, ତାହାଙ୍କ ମହାନ୍ ପ୍ରେମର ସାକ୍ଷ୍ୟ ଦେଇ ଓ ଶିଷ୍ୟ ଗଠନକରି, ଆମ୍ଭେମାନେ ଈଶ୍ୱରଙ୍କୁ ଓ ତାହାଙ୍କ ପ୍ରେମକୁ ଯେତେ ଅଧିକ ଜାଣୁ, ଆମ୍ଭେମାନେ ବର୍ତ୍ତମାନ ସମୟରେ ଏହି ପୃଥିବୀରେ ଥାଇ ଈଶ୍ୱରଙ୍କ ରାଜ୍ୟରେ ଜୀବନଯାପନ କରୁଅଛୁ ।

ଏହି ଅଧିବେଶନଟିରୁ ଆପଣ ଈଶ୍ୱରଙ୍କ ସମ୍ବନ୍ଧରେ **କେଉଁ** ଏକ ବିଷୟ ଶିଖିଲେ?

ଆପଣଙ୍କର ବ୍ୟାବହାରିକ, ପ୍ରତ୍ୟୁତ୍ତର/ପ୍ରାର୍ଥନା **କ'ଣ**?

## ପ୍ରାର୍ଥନା

**ଏଫିସୀୟ ୩:୧୪-୨୧** *ସେଥିପାଇଁ ପ୍ରାର୍ଥନାରେ ମୁଁ ପରମପିତାଙ୍କ ଆଗରେ ନତମସ୍ତକ ହୁଏ । ପରମେଶ୍ୱର ସ୍ୱର୍ଗ ଓ ପୃଥିବୀର ସମସ୍ତ ପରିବାରକୁ ପ୍ରକୃତ ନାମ କରଣ କରନ୍ତି । ମୁଁ ପରମେଶ୍ୱରଙ୍କଠାରେ ପ୍ରାର୍ଥନା କରେ, ଯେପରି ସେ ତାହାଙ୍କ ସମସ୍ତ ମହିମା ସହିତ ତୁମ୍ଭମାନଙ୍କୁ ଆତ୍ମିକଭାବେ ଶକ୍ତିଯୁକ୍ତ ହେବା ପାଇଁ ତାହାଙ୍କର ଶକ୍ତି ପ୍ରଦାନ କରିବେ । ସେ ପବିତ୍ରଆତ୍ମାଙ୍କ ଦ୍ୱାରା ତୁମ୍ଭମାନଙ୍କୁ ଆନ୍ତରିକ ପୁରୁଷରେ ସେହି ଶକ୍ତି ପ୍ରଦାନ କରିବେ । ତୁମ୍ଭ ବିଶ୍ୱାସ ହେତୁ ତୁମ୍ଭ ହୃଦୟରେ ଖ୍ରୀଷ୍ଟ ବାସ କରନ୍ତି । ତୁମ୍ଭ ଜୀବନ ପ୍ରେମରେ ଶକ୍ତିଶାଳୀ ହେଉ ଏବଂ ପ୍ରେମରେ ଗଢ଼ି ଉଠୁ । ଖ୍ରୀଷ୍ଟଙ୍କ ପ୍ରେମର ମହାନତାକୁ ହୃଦୟଙ୍ଗମ କରିବା ପାଇଁ ତୁମ୍ଭକୁ ଓ ପରମେଶ୍ୱରଙ୍କ ପବିତ୍ରୀକୃତ ଲୋକମାନଙ୍କୁ ବୁଝିବା ଶକ୍ତି ମିଳୁ । ଯେପରି ତୁମ୍ଭେ ଏହା ମଧ୍ୟ ବୁଝି ପାର ଯେ, ସେହି ପ୍ରେମ କେତେ ଦୈର୍ଘ୍ୟ, କେତେ ପ୍ରସ୍ଥ, କେତେ ଉଚ୍ଚ ଓ କେତେ ଗଭୀର । ଯୀଶୁ ଖ୍ରୀଷ୍ଟଙ୍କ ପ୍ରେମ ମନୁଷ୍ୟର ପ୍ରେମଠାରୁ ଅଧିକ ମହାନ୍ । କିନ୍ତୁ ମୁଁ ପରମେଶ୍ୱରଙ୍କଠାରେ ପ୍ରାର୍ଥନା କରେ ଯେ, ତୁମ୍ଭେ ସେହି ପ୍ରେମ ବିଷୟରେ ଜାଣିବା ପାଇଁ ସକ୍ଷମ ହୁଅ, ତେବେ ଯାଇ ତୁମ୍ଭେ ସମସ୍ତ ପରମେଶ୍ୱରଙ୍କ ପୂର୍ଣ୍ଣତାରେ ଭରି ହୋଇ ଯିବ ।*

*ଆମ୍ଭ ଭିତରେ ପରମେଶ୍ୱରଙ୍କ ଯେଉଁ ଶକ୍ତି କାର୍ଯ୍ୟ କରିଥାଏ, ତାହା ଆମ୍ଭର ମାଗିବା ବା ଭାବିବାଠାରୁ ଯଥେଷ୍ଟ ଅଧିକ ଏବଂ ପରମେଶ୍ୱର ତାହାଠାରୁ ଅଧିକ ଶକ୍ତିର କାର୍ଯ୍ୟ କରି ପାରନ୍ତି । ମଣ୍ଡଳୀରେ ଓ ଖ୍ରୀଷ୍ଟଙ୍କ ଦ୍ୱାରା ସଦାସର୍ବଦା ତାହାଙ୍କର ମହିମା ହେଉ । ଆମେନ୍ ।* (ERV)

| ମୂଲ୍ୟହୀନ | କିଛି ମୂଲ୍ୟ | ବହୁମୂଲ୍ୟ |
| --- | --- | --- |
| | | |